ବର୍ଷ-୨୬, ସଂଖ୍ୟା-୮୨
ଭୁବନେଶ୍ୱର
୨୬, ମାର୍ଚ୍ଚ, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No.82
Bhubaneswar
26 March, , 2026 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

### ରତ୍ନଭଣ୍ଡାର ଗଣତିମଣତି

# ପ୍ରଥମ ଦିନରେ ଚଳନ୍ତି ଭଣ୍ଡାରର ୮୦% ଗଣତି ଶେଷ

ପୁରୀ, ୨୫।୩(ମହାଭାରତ): ମହାପ୍ରଭୁଙ୍କର ରତ୍ନଭଣ୍ଡାରର ଗଣତିମଣତି ଆଜି ଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ଚଳନ୍ତି ଭଣ୍ଡାରର ଅଳଙ୍କାର ଗଣତିମଣତି କରାଯାଇଛି। ଆଜି ଚଳନ୍ତି ଭଣ୍ଡାରର ୮୦ ପ୍ରତିଶତ ଅଳଙ୍କାର ଗଣତି କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।



ଶ୍ରୀ ପାଢ଼ୀ ଗଣମାଧ୍ୟମକୁ କହିଛନ୍ତି, କଡା ସୁରକ୍ଷା ବଳୟ ମଧ୍ୟରେ ମୂଲ୍ୟବାନ ରତ୍ନ ଅଳଙ୍କାରର ଗଣତି କାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟରେ ନିୟୋଜିତ ଥିବା ବ୍ୟକ୍ତି ବିଶେଷ ଆଜି ମଧ୍ୟାହ୍ନରେ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ପ୍ରାୟ ୬ଘଣ୍ଟା ପର୍ଯ୍ୟନ୍ତ ଗଣତି କରିଥିଲେ। ଚଳନ୍ତି ଭଣ୍ଡାରର ୮୦ ପ୍ରତିଶତ ଅଳଙ୍କାର ଗଣତି କରିଥିଲେ। ପ୍ରଥମ ଦିନରେ ମହାପ୍ରଭୁଙ୍କର ଦୈ?ନନ୍ଦିନ ବ୍ୟବହୃତ ସୁବର୍ଣ୍ଣର ଗଣତି ?ହୋଇଛି। ଅଳଙ୍କାର ଗଣତି ସମୟରେ ୩ଡି ମ୍ୟାପିଂ, ଫଟୋ ଓ ଭିଡିଓ ରେକର୍ଡିଂ କରାଯାଇଛି। ଶ୍ରୀ ପାଢ଼ୀ କହିଛନ୍ତି ଯେ, ଚଳନ୍ତି ଭଣ୍ଡାର ପରେ ବାହାର ଭଣ୍ଡାର ଗଣତି ହେବ। ଶେଷରେ ଭିତର ରତ୍ନଭଣ୍ଡାର ଗଣତି ହେବ। ରାଜ୍ୟ ସରକାରଙ୍କ ଏସ୍‌ଓପି ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ନିର୍ଦ୍ଦେଶ ଅନୁସାରେ ପ୍ରକ୍ରିୟା ଜାରି ରହିଛି। ଆମେ କହିପାରିବା ଯେ, ଭଣ୍ଡାର ମୋକାପ ସେବକ ନିର୍ଦ୍ଦେଶ ଅନୁସାରେ ଗଣତିମଣତି ଆଜି ସରିଛି। ପୂର୍ଣ୍ଣାଙ୍ଗ ଗଣତି ପରେ ତଥ୍ୟ ପ୍ରଦାନ କରାଯିବ। ୧୯୭୮ର ତାଲିକା ପରେ ମଧ୍ୟ ଭଣ୍ଡାର ମେକାପ ପାଖରେ ଥିବା ଗହଣାର ମଧ୍ୟ ତାଲିକା କରାଯାଉଛି।

ସୂଚନାଯୋଗ୍ୟ, ଶୁଦ୍ଧପୁତ ଭାବେ ସ୍ୱତନ୍ତ୍ର ଏକକ ପାରମ୍ପରିକ ପରିଧାନ ସହ କେବଳ ଅଧିକୃତ ସଦସ୍ୟମାନେ ରତ୍ନଗଣତି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ପ୍ରତ୍ୟେକ ସଦସ୍ୟ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସେଜିଓର)ର ପ୍ରତିଟି ବିନ୍ଦୁକୁ ଗୁରୁତ୍ୱପୂର୍ବକ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଅଳଙ୍କାର ଗଣତି ବେଳେ ଯେପରି ଦୈନନ୍ଦିନ ନୀତିକାନ୍ତି ଓ ଭକ୍ତଙ୍କ ଦର୍ଶନରେ ସମସ୍ୟା ନହୁଏ, ଏହାକୁ ଦୃଷ୍ଟିରେ ରଖି ଏସ୍‌ଓପି ପ୍ରସ୍ତୁତ ହୋଇଛି। ରତ୍ନଭଣ୍ଡାର ରତ୍ନ ଅଳଙ୍କାର ଗଣତି ପରେ ୧୯୭୮ ମସିହାର ତାଲିକା ସହ ମେଳକ କରାଯିବ। ମେଳକ ସହ ଏହାକୁ ଓଜନ କରାଯିବ। ଅଳଙ୍କାରକୁ ଚିହ୍ନଟ କରିବା ପାଇଁ ୨ ଜେମୋଲୋଜିଷ୍ଟ ନିୟୋଜିତ ହେବେ। ଅଳଙ୍କାରର ଡିଜିଟାଲ ଫଟୋଗ୍ରାଫି କରାଯିବ। ଚିହ୍ନଟ, ଗଣତି ଓ ଓଜନ ପରେ ୨-୩ ପରସ୍ତ ଗୁଡାଇ ସିନ୍ଦୁକରେ ସୁରକ୍ଷିତ ରଖାଯିବ।

# ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସ୍ୱାଭାବିକ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୩ (ମହାଭାରତ): ରାଜ୍ୟ ସରକାରଙ୍କ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଉଛି ଗୃହ ବିଭାଗ । ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଓ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ଗୃହ ବିଭାଗ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ରାଜ୍ୟରେ ସମ୍ପ୍ରତି ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଅଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।
ଗୃହ ବିଭାଗର ଗୁରୁତ୍ୱପୂର୍ଣ ବିଭାଗର ଖର୍ଚ୍ଚ ଦାବି ଉପସ୍ଥାପନ କରିବା ଅବସରରେ ଗୃହକୁ ଅବଗତ କରି ମୁଖ୍ୟମନ୍ତ୍ରୀକ ହିଛନ୍ତି ଯେ, ମାଓବାଦୀଙ୍କ ସଂଖ୍ୟା ବର୍ତ୍ତମାନ ସିଙ୍ଗଲ ଡିଜିଟରେ ପହଞ୍ଚିଛି । ମାଓବାଦୀଙ୍କ ସଂଖ୍ୟା ଏବେ ୯ ରେ ପହଞ୍ଚିଛି । ଆଉ ୭ ଦିନ ସମୟ ଅଛି, ଏହି ମାସ ଶେଷରେ ଓଡିଶା ସମ୍ପୂର୍ଣ୍ଣ ମାଓ ମୁକ୍ତ ହେବ । ଗୃହ ବିଭାଗ ଖର୍ଚ୍ଚ ଦାବି ଆଲୋଚନା ବେଳେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ରାଜ୍ୟର ଆନ୍ତରିକ ସୁରକ୍ଷା ଆହ୍ୱାନ ଥିଲା । ୪ ଦଶନ୍ଧୀ ଧରି ମାଓ ସଂଖ୍ୟା ବଢୁଥିଲା, କିନ୍ତୁ କମୁ ନଥିଲା । ବର୍ତ୍ତମାନ ପ୍ରତିଦିନ ମାଓବାଦୀ ଆତ୍ମସମର୍ପଣ କରୁଛନ୍ତି। ଆଉ ୭ ଦିନ ଭିତରେ ମାଓ ମୁକ୍ତ ହେବ ଭାରତ, ଓଡିଶା ନକ୍ସଲ ମୁକ୍ତ ହେବ । ୨୦୨୫ ରୁ ୨ କେନ୍ଦ୍ରୀୟ କ୍ୟାଡର ସହ ୨୭ ଜଣଙ୍କୁ ହତ୍ୟା କରାଯାଇଛି । ୭୭ ଜଣ ଆତ୍ମ ସମର୍ପଣ କରିଛନ୍ତି । ବୁଧବାର ମାଓ ନେତା ଶୁକ୍ରୁ ଆତ୍ମ ସମର୍ପଣ କରିଛି ।



ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ସଦ୍ ?ଭାବ ବଜାୟ ରହିଛି । ସମୟୋପଯୋଗୀ ଗୁଇନ୍ଦା ତଥ୍ୟ ଏବଂ ପୋଲିସର ଆଗୁଆ କାର୍ଯ୍ୟାନୁଷ୍ଠାନ ଫଳରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜି ନାହିଁ । ରାଜ୍ୟରେ ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ଅପରାଧ ନିୟନ୍ତ୍ରଣ କରିବା ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା । ଜନସାଧାରଣଙ୍କ ଧନ ଜୀବନ ସୁରକ୍ଷା ଓ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ପୋଲିସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।
ବିଗତ ଦିନରେ ପୁଲିସ ପ୍ରଶାସନର ପ୍ରଭାବଶାଳୀ ଓ ସକ୍ରିୟ ଭୂମିକା ଯୋଗୁଁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧିନ ରହିଛି । ସେଥିପାଇଁ, କର୍ତ୍ତବ୍ୟରେ ନିୟୋଜିତ ଥିବା ସମସ୍ତ ପୋଲିସ ଅଧିକାରୀ ପ୍ରଶଂସାର ଯୋଗ୍ୟ। ଚଳିତ ବର୍ଷ ନିକଟରେ ଭାରତର ମହାମହିମ ରାଷ୍ଟ୍ରପତି, ଉପ-ରାଷ୍ଟ୍ରପତି, କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ପୁଲିସର ସୁବନ୍ଦୋବସ୍ତ ଯୋଗୁଁ ସୁଚାରୁରୂପେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଦେଶ ପାଇଁ ସବୁଠାରୁ ବଡ ଆନ୍ତରିକ ସୁରକ୍ଷା କ୍ଷେତ୍ରରେ ନକ୍ସଲ ଓ ମାଓ ହିଂସା ସବୁଠାରୁ ବଡ ଆହ୍ୱାନ ଭାବେ ଉଭା ହୋଇଥିଲା। ପରିତାପର ବିଷୟ ଯେ, ଗତ ଚାରି ଦଶନ୍ଧିଧରି ଯେତେବେଳେ ଏହି ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଥିଲା ପୂର୍ବବର୍ତ୍ତୀ ସରକାରମାନେ ଏହି ହିଂସାକୁ ସମୂଳେ ଉତ୍ପାଟନ କରିବା ପାଇଁ ଆନ୍ତରିକ ପ୍ରୟାସ କରି ନଥିଲେ । ବିଭିନ୍ନ ସରକାର ନକ୍ସଲ ଓ ମାଓବାଦୀଙ୍କ ସହିତ ଅସଫଳ ଶାନ୍ତି ବାର୍ତ୍ତା ଜାରି ରଖିଥିଲେ, ଫଳରେ ଦେଶର ୨୫୦ରୁ ଅଧିକ ଜିଲ୍ଲା ମାଓ ପ୍ରବଣ ହୋଇଗଲା।
୨୦୧୪ ମସିହାରେ କ୍ଷମତାକୁ ଆସିବାମାତ୍ରେ ମାଓ ହିଂସାକୁ ଭାରତୀୟ ଗଣତନ୍ତ୍ର ପ୍ରତି ସବୁଠାରୁ ବଡ ବିପଦ ଭାବେ ଅଭିହିତ କରି ଏହାକୁ ସମୂଳେ ଉତ୍ପାଟନ କରିବା
ପାଇଁ ରୋଡମାପ ପ୍ରସ୍ତୁତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଏହି (ଭିଜନ) କୁ ଦେଶପାଇଁ ମିଶନ୍ ମୋଡରେ ରେ କାର୍ଯ୍ୟକାରୀ କରୁଛନ୍ତି, ମାନନୀୟ କେନ୍ଦ୍ରଗୃହମନ୍ତ୍ରୀ ଅମିତ ଶାହା ଜୀ । ଆଜି ତାଙ୍କର ନୋ=-ନନସେନ୍ସ ଆପ୍ରୋଚ୍ ଯୋଗୁଁ ଭାରତ ଏକ ମାଓ-ମୁକ୍ତ ଦେଶରେ ପରିଣତ ହେବାକୁ ଯାଉଛି, ମାତ୍ର ଆଉ ସାତ ଦିନ ପରେ ।ଡବଲ-ଇଞ୍ଜିନ ସରକାର ଭାବେ ଓଡିଶା ବି ଏହି ଅଭିଯାନରେ ସାମିଲ ହୋଇଛି । ରାଜ୍ୟ ପୁଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳର ମିଳିତ ପ୍ରୟାସରେ ଆଜି ଓଡିଶା ଖୁବଶୀଘ୍ର ଗୃହ ମନ୍ତ୍ରଣାଳୟର ମାଓ ତାଲିକାରୁ ବାଦ ପଡିବାକୁ ଯାଉଛି । ଏଥିପାଇଁ, ରାଜ୍ୟ ପୁଲିସକୁ ଅନେକ ତ୍ୟାଗ ଓ ବଳିଦାନ ଦେବାକୁ ପଡିଛି । ସେଥିପାଇଁ, ମୁଁ ଓଡିଶାବାସୀଙ୍କ ପକ୍ଷରୁ ରାଜ୍ୟପାଇଁ ଶହୀଦ ହୋଇଥିବା ଓଡିଶା ପୋଲିସର ସେହି ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । କିନ୍ତୁ, ଏହି ଲଢେଇ ଏପର୍ଯ୍ୟନ୍ତ ସମାପ୍ତ ହୋଇନାହିଁ । ଯଦିଓ ମାଓବାଦୀଙ୍କ ବିସ୍ତାର ଏବଂ ପ୍ରଭାବ ହ୍ରାସ ପାଇଛି ଏବଂ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁସାରେ ଆମେ ଚଳିତ ମାସ ଶେଷ ସୁଦ୍ଧା ନକ୍ସଲ ମୁକ୍ତ ଓଡିଶା ନିଶ୍ଚୟ ଦେଖିବା । ବର୍ତ୍ତମାନ ମଧ୍ୟ ଏ ଦିଗରେ ଆମ ଲଢ଼େଇ ଜାରି ରହିଛି ।ମାନ୍ୟବର ବାଚସ୍ପତି ମହୋଦୟା, ଆମ ସରକାର କ୍ଷମତାକୁ ଆସିବା ପରେମାଓବାଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନଗ୍ରହଣ କରାଯାଇଛି ।

# ରାମନବମୀରେ ଶାନ୍ତିଶୃଙ୍ଖଳା ବଜାୟ ରଖ

## ପୋଲିସ ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନିର୍ଦ୍ଦେଶ

ଭୁବନେଶ୍ୱର, ୨୫।୩(ମହାଭାରତ) ଆସନ୍ତା ୨୭ ତାରିଖରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହେବାକୁ ଯାଉଥିବା ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଏହି ପର୍ବ ପାଳନ ସମୟରେ ସାରା ରାଜ୍ୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପ୍ରଶାସନକୁ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତବର୍ଷ ୨୦୨୫ ରେ ପୋଲିସର ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଯୋଗୁଁ ଶାନ୍ତିଶୃଙ୍ଖଳା ସହିତ ଏହି ପର୍ବ ପାଳନ ହୋଇଥିଲା । ଚଳିତ ବର୍ଷ ମଧ୍ୟ ବ୍ୟାପକ ପୋଲିସ ମୁତୟନ ସହ ଉପଯୁକ୍ତ ପରିଚାଳନା ମାଧ୍ୟମରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଚନ୍ଦ୍ରଙ୍କ ସ୍ୱନକ୍ଷତ୍ର ଦିବସକୁ ଶ୍ରୀରାମ ନବମୀ ଭାବରେ ସାରା ଦେଶରେ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧାର ସହ ପାଳିତ ହୋଇଥାଏ । ଆଧାତ୍ମିକତାର ଏହି ପର୍ବରେ ଓଡିଶାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯେପରି ବିନା



କୌଣସି ଦ୍ୱିଧାରେ ସମ୍ପୂର୍ଣ୍ଣ ଭାବେ ଶାନ୍ତିର ସହ ପାଳନ କରିବେ ତାହା ସୁନିଶ୍ଚିତ କରିବା ପୋଲିସ ପ୍ରଶାସନର ଦାୟିତ୍ୱ । ତେଣୁ, ଏହି ସମୟରେ ସମସ୍ତେ ଯେପରି ସୁରୁଖୁରୁରେ ପର୍ବ ପାଳନ କରିବେ, ସେଥିପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ ।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଆଇନ ଓ ଶୃଙ୍ଖଳା ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୟ କୁମାର, ଗୁଇନ୍ଦା ନିର୍ଦ୍ଦେଶକ ଆର୍.ପି. କୋଚେ, ଭୁବନେଶ୍ୱର-କଟକ ପୋଲିସ କମିଶନର ଦେବଦତ୍ତ ସିଂହ ପ୍ରମୁଖ ଆଲୋଚନା କରିଥିଲେ ।

# ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

ପୁରୀ, ୨୫।୩: ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣି ଚାଲେଞ୍ଜ କଲେ ଅସାମାଜିକ ବ୍ୟକ୍ତି । ଏକାସାଙ୍ଗରେ ପୁଣି ଶ୍ରୀମନ୍ଦିର ନୀଳଚକ୍ର ଉପରେ ଉଡିଲା ଦୁଇ ଦୁଇଟି ଡ୍ରୋନ । ଦୀର୍ଘ ସମୟ ଧରି ଶ୍ରୀମନ୍ଦିର ଚୂଡ଼ାରେ ଚକ୍କର କାଟିଲା ଦୁଇଟି ଡ୍ରୋନ। ଅପରାହ୍ନ ୫ଟା ୨୩ ମିନିଟରେ ଏହି ଡ୍ରୋନ ଉଡୁଥିବା ନେଇ ସୂଚନା ରହିଛି ।ଗୋଟିଏ ପଟରେ କଡ଼ା ସୁରକ୍ଷା ଭିତରେ ରତ୍ନ ଗଣତି ଚାଲିଥିବା ବେଳେ ଏପଟେ ଡ୍ରୋନ ଉଡ଼ିବାକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ । ତେବେ ଡ୍ରୋନ ଉଡ଼ିବା ସମୟରେ ବାନା ପରିବର୍ତ୍ତନ କରାଯାଉଥିବା ଦେଖିବାକୁ ମିଳିଛି । କହିରଖୁଛୁ କି, ୪୮ ବର୍ଷ ପରେ ରତ୍ନଭଣ୍ଡାର ଖୋଲାଯାଇଥିବା ବେଳେ ଆଜି ଗଣତିମଣତି କରାଯାଉଛି । କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଗଣତିମଣତି ଜାରି ରହିଛି ।

# ବିଧାନସଭାରେ ଗୃହ ବିଭାଗର ଶ୍ୱେତପତ୍ର

## ୨୦୨୪ ତୁଳନାରେ ୨୦୨୫ରେ ବଢ଼ିଛି ଧର୍ତ୍ତବ୍ୟ ଅପରାଧ

ଭୁବନେଶ୍ୱର, ୨୫।୦୩(ମହାଭାରତ): ୨୦୨୫ ଅପରାଧିକ କାର୍ଯ୍ୟକଳାପକୁ ନେଇ ବିଧାନସଭାରେ ଶ୍ୱ?ତପତ୍ର ଉପସ୍ଥାପନ କଲା ଗୃହ ବିଭାଗ। ୨୦୨୪ ତୁଳନାରେ ୨୦୨୫ରେ ୭.୩୬% ବଢିଛି ଧର୍ତ୍ତବ୍ୟ ଅପରାଧ। ୨୦୨୪ରେ ୨ ଲକ୍ଷ ୧୪ ହଜାର ୧୧୩ ଅପରାଧ ହୋଇଥିଲା। ସେହିପରି ୨୦୨୫ରେ ଏହି ସଂଖ୍ୟା ୨ ଲକ୍ଷ ୨୯ ହଜାର ୮୮୧କୁ ବୃଦ୍ଧି ପାଇଛି। ରାଜ୍ୟରେ ଚିନ୍ତାଜନକ ସ୍ଥିତିରେ ମହିଳା ଦୁଷ୍କର୍ମ। ଚୋରି, ଡକାୟତି ସାଙ୍ଗକୁ ମହିଳା ଦୁଷ୍କର୍ମ ବଢିଛି। ଅପରାଧରେ ବାଲେଶ୍ୱର ଜିଲ୍ଲା ସବୁଠୁ ସମ୍ବ?ଦନଶୀଳ ରହିଛି। ହତ୍ୟା, ଡକାୟତି ଓ ଦୁଷ୍କର୍ମରେ ଜିଲ୍ଲା ରେକର୍ଡ ଭାଙ୍ଗିଛି। ବିଧାନସଭାରେ ଉପସ୍ଥାପିତ ଶ୍ୱ?ତ ପତ୍ରରେ ଉଲ୍ଲେଖ ରହିଛି।

ରାଜ୍ୟରେ ସମୁଦାୟ ୨ ଲକ୍ଷ ୨୯ ହଜାର ୮୮୧ଟି ଧର୍ତ୍ତବ୍ୟ ଅପରାଧ ପଞ୍ଜୀକରଣ ହୋଇଛି । ଏଥିରେ ୧,୩୦୪ଟି ହତ୍ୟା, ୩୫୩ଟି ଡକାୟତି, ୧,୮୦୨ଟି ଲୁଣ୍ଠନ, ୬,୨୮୨ଟି ସିନ୍ଧିଚୋରୀ, ୨୧,୧୯୨ଟି ଚୋରୀ, ୬,୦୫୪ ପ୍ରତାରଣା, ୧,୦୯୫ଟି ଦଙ୍ଗା, ୨,୯୯୪ଟି ଦୁଷ୍କର୍ମ, ୧୨,୭୮୨ଟି ମୋଟର ଯାନ ଦୁର୍ଘଟଣା ଏବଂ ୧,୭୬,୦୨୪ଟି ତିନି ମାମଲା ଅନ୍ତର୍ଭୁକ୍ତ ଥିଲା । ଏହା ମଧ୍ୟରୁ ୧ ଲକ୍ଷ ୯୮ ହଜାର ୫୧୩ଟି ମାମଲା ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ପଞ୍ଜି କରାଯାଇଛି ।

ମୋଟ୍ ୨ ଲକ୍ଷ ୨୯ ହଜାର ୮୮୧ଟି ଧର୍ତ୍ତବ୍ୟ ଅପରାଧ ମଧ୍ୟରୁ ୨, ୨୨, ୩୦୮ଟି ମାମଲା ସତ୍ୟ ଘଟଣା ଉପରେ ଆଧାରକ ଥିଲା ଓ ବର୍ଷ ଶେଷ ସୁଦ୍ଧା ୧, ୫୫,୨୨୩ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି । ଏହା ବ୍ୟତୀତ ୧୧, ୩୯୮ଟି ମୋକଦ୍ଦମା ଚୂଡାନ୍ତ ରିପୋର୍ଟ, ୫,୮୦୭ଟି ଉପଯୁକ୍ତ ସାକ୍ଷ୍ୟପ୍ରମାଣ ଅଭାବ, ୫, ୭୭୦ଟି ଭ୍ରମାତ୍ମକ, ୧,୭୬୬ଟି ମିଥ୍ୟା, ୨୫ଟି ଅଧର୍ତ୍ତବ୍ୟ ଓ ୧୪ଟି ଅନ୍ୟାନ୍ୟ କାରଣରୁ ପରି ସମାପ୍ତ ହୋଇଛି । ଅବଶିଷ୍ଟ ୪୯, ୮୭୮ଟି ମାମଲାର ତଦନ୍ତାଧୀନ ଥିବାବେଳେ, ସେଥିମଧ୍ୟରୁ ୩୧,୯୯୬ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବାର ସମ୍ଭାବନା ରହିଛି । ୨୦୨୫ ମସିହାରେ ପଞ୍ଜୀକୃତ ୧୩୦୪ଟି ହତ୍ୟା ମାମଲା ମଧ୍ୟରୁ ୧,୨୧୮ଟି ସତ୍ୟ ଘଟଣା ଥିଲା । ବର୍ଷ ଶେଷ ସୁଦ୍ଧା ୬୦୧ଟି ମାମଲାରେ ଦୋଷାରୋପ ଫର୍ଦ୍ଦ।

ସେହିପରି ୨୦୨୫ରେ ମୋଟ୍ ୩୫୩ଟି ଡକାୟତି ମାମଲା ମଧ୍ୟରୁ ୩୪୩ଟି ସତ୍ୟ ମାମଲା । ବର୍ଷ ଶେଷ ସୁଦ୍ଧା ୯୧ଟି ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଛି । ୨୪୫ଟି ତଦନ୍ତାଧୀନ ମାମଲା ମଧ୍ୟରୁ ୧୩୩ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବାର ସମ୍ଭାବନା ରହିଛି । ପୁଲିସ ଦ୍ୱାରା ୫୧ଜଣ ଆନ୍ତଃରାଜ୍ୟ ଡକାୟତ ସମେତ ୭୬୮ ଜଣ ଡକାୟତ ଗିରଫ ହୋଇଛନ୍ତି ଏବଂ ୮ଟି ବନ୍ଧୁକ ଜବତ ହୋଇଛି । ୪୧,୦୬,୧୧,୧୦୧/- ଟଙ୍କା ମୂଲ୍ୟର ଲୁଟ୍ ସମ୍ପତ୍ତି ମଧ୍ୟରୁ ସେମାନଙ୍କ ଠାରୁ ୧୪,୩୬,୯୨,୧୩୨ ଟଙ୍କାର ସମ୍ପତ୍ତି ଉଦ୍ଧାର କରାଯାଇଛି ।

୨୦୨୫ ମସିହାରେ ସମୁଦାୟ ୧୮୦୨ଟି ଲୁଣ୍ଠନ ମାମଲା ରଜୁ ହୋଇଥିଲା । ସେଥିମଧ୍ୟରୁ ୧, ୭୭୧ଟି ମାମଲା ସତ୍ୟ ଘଟଣା । ସେହିପରି ୭୬୨ ତଦନ୍ତାଧୀନ ମାମଲା ମଧ୍ୟରୁ ୩୧୧ ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବାର ସମ୍ଭାବନା ରହିଛି। ଏହି ଲୁଣ୍ଠନ ଘଟଣା ମଧ୍ୟରୁ ୧୭୩ଟି ବାସସ୍ଥାନରେ, ୨୭୧ଟି ରାସ୍ତାଘାଟରେ, ୧୧ ମାମଲା ଟ୍ରେନରେ, ୧୬୫ଟି ବାଣିଜ୍ୟ ପ୍ରତିଷ୍ଠାନରେ ଏବଂ ୧୧୩୦ ମାମଲା ଅନ୍ୟାନ୍ୟ ସ୍ଥାନରେ ସଂଘଟିତ ହୋଇଥିଲା। ଅବଶିଷ୍ଟ ୨୧ଟି ଘଟଣାରେ ଅପରାଧ ସଂଘଟିତ ପୂର୍ବରୁ ଆସାମୀମାନେ ଧରାପଡ଼ିଥିଲେ ।

# ସକାଳୁ ସକାଳୁ ଲୁଟିନେଲେ କେଜିଏ ସୁନା

ବ୍ରହ୍ମପୁର, ୨୫।୩(ମହାଭାରତ): : ପ୍ରେମନଗର ଅଞ୍ଚଳରେ ରହୁଥିବା ଜଣେ ବ୍ୟବସାୟୀଙ୍କ ଘରୁ ବଡ ଧରଣର ଚୋରି ହୋଇଛି। ବ୍ୟବସାୟୀ ଜଣଙ୍କ ମର୍ଣ୍ଣିଂୱାକରେ ଯାଇଥିବା ବେଳେ ଚୋରମାନେ ତାଙ୍କ ଘରେ ପଶି ପ୍ରାୟ ୧କେଜି ଓଜନର ସୁନା ଅଳଙ୍କାର ଏବଂ ନଗଦ ଲକ୍ଷାଧିକ ଟଙ୍କା ଚୋରି କରି ନେଇ ଯାଇଛନ୍ତି। ଖବରପାଇ ବଡବଜାର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି ।ସୂଚନା ଅନୁସାରେ ପ୍ରେମନଗର ୭ମ ଲାଇନରେ ରାଜକମଲ ଏଜେନ୍ସିର ମାଲିକ ପି. ରାଜପ୍ରଭାକର ରାଓ ନିଜ ପରିବାର ସହ ରହୁଛନ୍ତି। କିଛିଦିନ ହେବ ପରିବାର ଲୋକେ ବାହାରକୁ ଚାଲି ଯାଇଥିବା ବେଳେ ପ୍ରଭାକର ଏକୁଟିଆ ରହୁଥିଲେ। ସବୁଦିନ ଭୋରରୁ ସେ ମର୍ଣ୍ଣିଂୱାକ୍ କରିବାକୁ ଯାଉଥିଲେ। ଆଜି ମଧ୍ୟ ଭୋରରୁ ଉଠି ଘରେ ତାଲା ପକାଇ ମର୍ଣ୍ଣିଂୱାକ କରିବାକୁ ଯାଇଥିଲେ। ଫେରିବା ପରେ ଚାବି ଦ୍ୱାରା ତାଲା ଖୋଲିବାକୁ ଚେଷ୍ଟା କରିଥିଲେ। ହେଲେ ତାଲା ଖୋଲିନଥିଲା। ଯାଞ୍ଚ ପରେ ତାଙ୍କ ଘରର ମୁଖ୍ୟ ଫାଟକରେ ଅନ୍ୟ ଏକ ତାଲା ପଡିଥିବା ସେ ଦେଖିଥିଲେ। ପାଲମୀରା ଭିତରେ ଥିବା ପ୍ରାୟ ୧ କେଜି ଓଜନର ସୁନା ଅଳଙ୍କାର ଏବଂ ନଗଦ ୧ ଲକ୍ଷ ୩୦ହଜାର ଟଙ୍କା ଚୋରି ହୋଇ ଯାଇଥିବା ସେ ଜାଣିବାକୁ ପାଇଲେ।

# ୩ ଆଇଏଏସ ଅଫିସରଙ୍କ ବଦଳି

ଭୁବନେଶ୍ୱର, ୨୫।୩(ମହାଭାରତ): ରାଜ୍ୟ ସରକାର ଆଜି ଆଇଏଏସ୍ ଅଫିସରସ୍ତରରେ ଛୋଟଧରଣର ଅଦଳବଦଳ କରିଛନ୍ତି । ୩ଜଣ ଯୁବ ଆଇଏଏସଙ୍କୁ ନୂଆ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ପୁରୀ ମହାନଗର ନିଗମ ଘୋଷଣା ହେବାପରେ ପ୍ରଥମଥର ପାଇଁ ଜଣେ ମହିଳା ଆଇଏଏସଙ୍କୁ ଏହାର କମିଶନର ଭାବେ ଅବସ୍ଥାପିତ କରାଯାଇଛି। ଏନେଇ ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସୁନ୍ଦରଗଡ଼ର ବଣାଇ ଉପଜିଲ୍ଲାପାଳ ୨୦୨୨ ବ୍ୟାଚ୍ ଆଇଏଏସ୍ ଅକ୍ଷୟ ପିଲ୍ଲେଙ୍କୁ ଜଗତସିଂହପୁର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ପଦମପୁର ଉପଜିଲ୍ଲାପାଳ ତଥା ୨୦୨୨ ବ୍ୟାଚ୍ ଆଇଏଏସ୍ ଅରୁଗୁଲା ସ୍ନେହାଙ୍କୁ ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ୨୦୨୩ ବ୍ୟାଚ୍ ଆଇଏଏସ୍ କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କୁ ବାରିପଦା ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି।

# ଟ୍ରମ୍ପଙ୍କ ୧୫ ସୂତ୍ରୀ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲା ଇରାନ


ୱାଶିଂଟନ, ୨୫।୩(ମହାଭାରତ): ଫେବୃଆରୀ ୨୮ରୁ ଇରାନ ସହ ଯୁଦ୍ଧ କରି ହରଡଘଣାରେ ପଡିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଏବେ ଶାନ୍ତି ପ୍ରତିଷ୍ଠା ପାଇଁ ବିକଳ ହେଉଛନ୍ତି। ସେ ଇରାନ ସହ ଯୁଦ୍ଧକୁ ସ୍ଥଗିତ ରଖି ପାକିସ୍ତାନ ଜରିଆରେ ୧୫ ସୂତ୍ରୀ ଶାନ୍ତି ପ୍ରସ୍ତାବ ଦେଇଛନ୍ତି। ପାକିସ୍ତାନ ମଧ୍ୟ ଟ୍ରମ୍ପଙ୍କ କଥାରେ ଇରାନକୁ ଆମେରିକାର ଚିଠି ଦେଇଛି।

ଯୁଦ୍ଧରେ ଆମେରିକା ବ୍ୟାପକ କ୍ଷତି ସହିଥିବାରୁ ପୂରା ବିଶ୍ୱର ଚାପ ଟ୍ରମ୍ପଙ୍କ ଉପରେ ପଡିଛି। ଏହି ଚାପରେ ଚେପା ଟ୍ରମ୍ପ ଶାନ୍ତି ପାଇଁ ବିକଳ୍ପ ହେଉଥିବା ବେଳେ ଇରାନ ଆଜି ତାଙ୍କୁ ପୁଣି କଡା ଚେତାବନୀ ଦେଇଛି। ଏଥିସହ ଆମେରିକା ଦେଇଥିବା ୧୫ ସୂତ୍ରୀ ପ୍ରସ୍ତାବକୁ ଇରାନ କେବେ ହେଲେ ବି ଗ୍ରହଣ କରିବ ନାହିଁ ବୋଲି କହିଛି।

ସେହିପରି ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକା ଅତିରିକ୍ତ ୧ ହଜାର ସୈନ୍ୟ ମୁତୟନ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଏହା ଉପରେ ନଜର ରଖାଯାଇଥିବା ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଘାଲିବାଫ ବୁଧବାର କହିଛନ୍ତି।

ଆମେରିକା ସୈନ୍ୟ ବାହିନୀକୁ କଡା ଚେତାବାନୀ ଦେଇ ସେ କହିଛନ୍ତି ଯେ ଏହି ଅଞ୍ଚଳକୁ ସେନା ପଠାଇଲେ ଆମେରିକା ଓ ଇସ୍ରାଏଲ ନେତୃତ୍ୱ କରିଥିବା ଭୁଲର ସମାଧାନ ହୋଇପାରିବ ନାହିଁ। ସୈନ୍ୟମାନେ ବିଚାରା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତ୍ୟାନହୁଙ୍କ ଭ୍ରମର ଶିକାର ବନି ପାରନ୍ତି ବୋଲି ଘାଲିବାଫ କହିଛନ୍ତି।


ଏକ୍ସରେ ସେ ଲେଖିଛନ୍ତି, "ଆମେ ଏହି ଅଞ୍ଚଳରେ ଆମେରିକା ଗତିବିଧି



ଉପରେ ନଜର ରଖିଛୁ। ବିଶେଷ କରି ସୈନ୍ୟ ମୁତୟନ ଉପରେ ଆମର ନଜର ରହିଛି। ଯାହା ଜେନେରାଲମାନେ ଭାଙ୍ଗିଛନ୍ତି, ତା'କୁ ସୈନ୍ୟମାନେ କେବେ ହେଲେ ଠିକ କରିପାରିବେ ନାହିଁ। ସେମାନେ ବରଂ ନେତ୍ୟାନହୁଙ୍କ ଭ୍ରମର ଶିକାର ହୋଇପାରନ୍ତି। ଆମ ମାଟିର ସୁରକ୍ଷା ପାଇଁ କେବେ ହେଲେ ବି ଆମ ଧୈର୍ଯ୍ୟର ପରୀକ୍ଷା କରନ୍ତୁ ନାହିଁ।"ଆମେରିକା ପକ୍ଷରୁ ଶାନ୍ତି ପାଇଁ କୂଟନୀତିକ ସ୍ତରରେ ପ୍ରୟାସ ଚାଲିଥିବା ଦାବିକୁ ଏଯାଏ ଇରାନ ଗ୍ରହଣ କରନାହିଁ। ଏସବୁ ଭିତରେ ବାଚସ୍ପତିଙ୍କ ଧମକପୂର୍ଣ୍ଣ ବୟାନ ସାମ୍ନାକୁ ଆସିଛି ।ଇରାନର ଲେଫ୍ଟନାଣ୍ଟ କର୍ଣ୍ଣଲ ଇବ୍ରାହିମ ଜୋଲଫାଘାରି ସିଧାସଳଖ ଟ୍ରମ୍ପଙ୍କ ୧୫ ସୂତ୍ରୀ ଶାନ୍ତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ତେହରାନ କେବେ ହେଲେ ବି ୱାଶିଂଟନର ସର୍ତ୍ତକୁ ଗ୍ରହଣ କରିବ ନାହିଁ ବୋଲି ସେ କହିଛନ୍ତି। ଇବ୍ରାହିମ କହିଛନ୍ତି, "କ'ଣ ଆପଣଙ୍କ ଆଭ୍ୟନ୍ତରୀଣ ବିବାଦ ଏମିତି ଏକ ସ୍ତରରେ ପହଞ୍ଚି ଯାଇଛି ଯେଉଁଠି ଆପଣ ନିଜ ସହ ଆପୋଷ ବୁଝାମଣା କରୁଛନ୍ତି ଆମର ପ୍ରଥମ ଓ ଶେଷ ଶବ୍ଦ ପ୍ରଥମ ଦିନରେ ଯାହା ଥିଲା, ଏବେ ବି ଠିକ ସେଇଆ ରହିଛି। ଏହା ସବୁ ଦିନ ପାଇଁ ସମାନ ରହିବ। ଆମ ଭଳି କେହି ବି ଆପଣଙ୍କ ଭଳି ଲୋକଙ୍କ ସହ ବୁଝାମଣା କରିବେ ନାହିଁ। ଏବେ ନୁହେଁ କି କେବେ ନୁହେଁ।" ଅନ୍ୟପକ୍ଷରେ ଆମେରିକା ପକ୍ଷରୁ ୮୨ତମ ଏୟାରବର୍ଣ୍ଣ ଡିଭିଜନ ଟ୍ରୁପ୍ସକୁ ମଧ୍ୟପ୍ରାଚ୍ୟରେ ମୁତୟନ କରିବାକୁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଇରାନ ସହ ୫ ଦିନିକିଆ ଯୁଦ୍ଧ ବିରତି ଲାଗୁ ସମ୍ପର୍କରେ ଘୋଷଣା କରିବା ପରେ ଟ୍ରମ୍ପ ଏପରି ପଦକ୍ଷେପ ନେଇଛନ୍ତି।

# ଲୋକସଭାରେ ଟ୍ରାନ୍ସଜେଣ୍ଡର ବିଲ୍ ଗୃହୀତ

ନୂଆଦିଲ୍ଲୀ, ୨୫।୩(ମହାଭାରତ): ଲୋକସଭାରେ ଟ୍ରାନ୍ସଜେଣ୍ଡର ବିଲ୍ ୨୦୨୬ ବାଚନିକ ଭୋଟରେ ଗୃହୀତ ହୋଇଛି ।ଏହି ବିଲ୍ ଅନୁଯାୟୀ, ଟ୍ରାନ୍ସଜେଣ୍ଡର ଚିହ୍ନଟ ପାଇଁ ମେଡିକାଲ୍ ବୋର୍ଡର ଯାଞ୍ଚକୁ ଗୁରୁତ୍ୱ ଦିଆଯାଇଛି। ବିରୋଧୀ ଦଳଗୁଡ଼ିକ ଏହାକୁ ମୌଳିକ ଅଧିକାରର ଉଲ୍ଲଙ୍ଘନ କହି ବିରୋଧ କରିଥିଲେ, କିନ୍ତୁ ଶେଷରେ ଏହା ବାଚନିକ ଭୋଟ୍‌ରେ ଗୃହୀତ ହୋଇଛି। ଏହି ବିଲ୍ ୨୦୧୯ର ପୁରୁଣା ଆଇନରେ କେତେକ ଗୁରୁତ୍ୱପୂର୍ଣ୍ଣ ଏବଂ ବିବାଦୀୟ ପରିବର୍ତ୍ତନ ଆଣିବାକୁ ଯାଉଛି । ସୋମବାର ଲୋକସଭାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କର୍ପୋରେଟ୍ ଆଇନ




(ସଂଶୋଧନ) ବିଲ୍ ୨୦୨୬କୁ ଆଗତ କରିଥିଲେ। ବିଲ୍ ଆଗତ ପରେ ଏହାକୁ ବିସ୍ତୃତ ତର୍ଜମା ନିମନ୍ତେ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇ ଦିଆଯାଇଛି। ଲିମିଟେଡ୍ ଲାଏବିଲିଟି ପାର୍ଟନରସିପ୍ ଆଇନ ୨୦୦୮ ଓ କମ୍ପାନୀ ଆଇନ ୨୦୧୩ ସଂଶୋଧନ କରିବା ଲାଗି ଏହି ନୂଆ ବିଲ୍ ଆଗତ କରାଯାଇଛି। ଏହି ବିଲ୍‌ର ଉଦ୍ଦେଶ୍ୟ ହେଉଛି ବ୍ୟାବସାୟିକ ନିୟମକୁ ସହଜ କରିବା ଏବଂ କମ୍ପାନୀ ଆଇନର କିଛି ଛୋଟ ଅପରାଧକୁ ଅପରାଧ ଶ୍ରେଣୀରୁ ବାଦ୍ ଦେବା।

## ଆଳୁ ପୁରି'

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଅଟା ସହ ଲୁଣ ମିଶାଇ ଚଲୁଣୀରେ ଚଲାଇ ନିଅନ୍ତୁ। ଏଥିରେ ଜୁଆ ।ଣୀ ଓ କସ୍ତୁରୀ ମେଥି ମିଶାଇ ଅଳ୍ପ ଅଳ୍ପ ପାଣି ଦେଇ ଭଲଭାବେ ଦଳିଦିଅନ୍ତୁ। ଏହାକୁ ଏକ ଦୋକନାରେ ଅଧଘଂଟା ଘୋଡ଼ାଇ ରଖନ୍ତୁ। ଏବେ ଆଳୁକୁ ସିଝାଇ, ଚୋପା ଛଡ଼ାଇ କଟା ଲଙ୍କା, ତେଲ, ଲୁଣ, ହଳଦୀ ଓ ଲାଲ୍ ଲଙ୍କାଗୁଣ୍ଡ ମିଶାଇ ଭଲକରି ଚକଟି ଦିଅନ୍ତୁ। ଏବେ ଦଳା ହୋଇଥିବା ଅଟାରୁ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ ଓ ଏଗୁଡ଼ିକୁ ପୁରି ପରି ବେଲନ୍ତୁ। ଏବେ ପୁରି ମଝିରେ ଆଳୁପୁର ରଖି ଚାରିପଟୁ ବନ୍ଦ କରି ଏହାକୁ ପୁଣି ଗୁଳା କରି ଆଉଥରେ ବେଲି ଦିଅନ୍ତୁ। ବର୍ତମାନ କଡ଼େଇରେ ତେଲ ଗରମ କରି ଏଗୁଡ଼ିକୁ ଛାଣିନ୍ତୁ। ବର୍ତମାନ ପ୍ରସ୍ତୁତ ହୋଇଗଲା ଗରମା ଗରମ ନ୍ତଆଳୁ ପୁରି।



### ଖବର

## ବିବାହର ୧୦ ବର୍ଷ ପରେ ମା' ହେବେ ଦିବ୍ୟାଙ୍କା ତ୍ରିପାଠୀ



ବିବାହର ୧୦ ବର୍ଷ ପରେ ପ୍ରଥମ ଥର ପାଇଁ ମା' ହେବେ ଦିବ୍ୟାଙ୍କା ତ୍ରିପାଠୀ । ନିକଟରେ ସେ ତାଙ୍କର ବେବି ବମ୍ପକୁ ଧରି ବେବି ସାୱାର ପାଳନ କରୁଥିବାର ଏକ ଫଟୋ ସେୟାର କରିଛନ୍ତି । ଯାହା ସମସ୍ତଙ୍କ ହୃଦୟ ଜିତିଛି । ଯାହା ଏବେ ସୋସିଆଲ ମିଡିଆରେ ଜୋର ଧରିଛି । ଅଭିନେତ୍ରୀ ଦିବ୍ୟାଙ୍କା ତ୍ରିପାଠୀ ତାଙ୍କ ଫ୍ୟାନ୍ସଙ୍କ ସହିତ ଏହି ଖୁସି ଖବର ସେୟାର କରିଛନ୍ତି । ଏହି ବେବି ବମ୍ପ ଫଟୋ ସେୟାର କରିବା ପରେ ଅଭିନେତ୍ରୀଙ୍କୁ ସମସ୍ତେ ଅଭିନନ୍ଦନ ଜଣାଉଛନ୍ତି । ଏହି ସେୟାର କରିଥିବା ଫଟୋରେ ଦିବ୍ୟାଙ୍କା ଲାଲ୍ ଅନରାକଲି ପିନ୍ଧିଥିବାର ଦେଖିବାକୁ ମିଳିଛି । ଏଥି ସହିତ ସେ ତାଙ୍କ କେଶରେ ଗଜରା ଲଗାଇ ଟ୍ରାଡିସନାଲ ଗେଟଅପରେ ନିଜକୁ ସଜାଇଥିବା ନଜର ଆସିଛନ୍ତି ଦିବ୍ୟାଙ୍କା । ତାଙ୍କର ଏହି ବେବି ସାୱାରର ଆୟୋଜନ ଅଭିନେତ୍ରୀଙ୍କ ବନ୍ଧୁମାନଙ୍କ ଦ୍ୱାରା ହୋଇଥିବା ଜଣାପଡିଛ। ବେବି ବମ୍ପ ସହିତ ସୁନ୍ଦର ସୁନ୍ଦର ପୋଜ ମଧ୍ୟ ଦେଇଛନ୍ତି ଦିବ୍ୟାଙ୍କା ।ସେହିପରି ଦିବ୍ୟାଙ୍କା ଅନାରକଲିରେ ନଜର ଆସିଥିଲାବେଳେ ତାଙ୍କ ସ୍ୱାମୀ ବିବେକ କାଜୁଆଲ୍ ଲୁକରେ ନଜର ଆସିଛନ୍ତି । ତାଙ୍କ ସ୍ୱାମୀ କାଜୁଆଲ ଲୁକରେ ନୀଳ ସାର୍ଟ ଏବଂ ବେଜ୍ ପ୍ୟାଣ୍ଟ ପିନ୍ଧି ଖୁବ୍ ସୁନ୍ଦର ଦିଶୁଥିଲେ ।ଏଥିସହିତ ସେୟାର ହୋଇଥିବା ଫଟୋରେ ପୂଜାବେଳେ ତାଙ୍କ ମୁଣ୍ଡରେ ଲାଲ୍ ଦୁପଟା ପିନ୍ଧିଛନ୍ତି । ଯାହା ତାଙ୍କ ସୁନ୍ଦରତାକୁ ଦ୍ୱିଗୁଣିତ କରିଦେଇଛି । ଏତିକି ନୁହେଁ ଅନାରକଲି ଡ୍ରେସ ସହିତ କେଶରେ ଗଜରା, କାନରେ ସୁନା କାନଫୁଲ, ଛୋଟ ବିନ୍ଦି, ସିନ୍ଦୂର ଏବଂ ଲିପଷ୍ଟିକ୍ ଲଗାଇ ନିଜର ଜେଟଅପ୍ କମ୍ପ୍ଲିଟ୍ କରିଥିଲେ ଦିବ୍ୟାଙ୍କା ।

## ମହର୍ଷି ଅଙ୍ଗିରା

ମନ୍ତ୍ରଦ୍ରଷ୍ଟା, ବ୍ରହ୍ମଜ୍ଞାନୀ, ପରମତେଜସ୍ୱୀ ମହର୍ଷି ଅଙ୍ଗିରା ଥିଲେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ମାନସପୁତ୍ର । ଥରେ ସେ କଠୋର ତପସ୍ୟା ଆରମ୍ଭ କଲେ । ଅନେକ ଦିନ ଧରି ତପସ୍ୟା ଜାରି ରଖିବାରୁ ତାଙ୍କର ତପୋବଳର ତେଜ ତିନିପୁରକୁ ବ୍ୟାପିଗଲା । ଦେବତାମାନେ ଚିନ୍ତିତ ହୋଇପଡ଼ିଲେ । ମାତ୍ର କିଛି କରିବାର ବାଟ ନଥିଲା। ମହର୍ଷି ଅଙ୍ଗିରାଙ୍କ ତପସ୍ୟାର ତେଜ ଦିନକୁ ଦିନ ବଢ଼ିଚାଲିଲା । ତାଙ୍କର ତେଜ ସମ୍ମୁଖରେ ଅଗ୍ନିଦେବଙ୍କ ତେଜ ମଧ ଫିକା ପଡ଼ିଗଲା । ସେ ସମୟରେ ଅଗ୍ନିଦେବ ଜଳ ମଧରେ ରହି ଧ୍ୟାନମଗ୍ନ ଥିଲେ । ମହର୍ଷି ଅଙ୍ଗିରାଙ୍କ ତେଜବୃଦ୍ଧି କଥା ସେ ଜାଣିପାରିଲେ । ଏହାପରେ ସେ ମହର୍ଷିଙ୍କ ନିକଟକୁ ଆସିଲେ ଏବଂ ତାଙ୍କୁ ହାତଯୋଡ଼ି କହିଲେ, ହେ ମହର୍ଷି ! ଆପଣଙ୍କ ତପୋବଳର ତେଜ ଏବଂ ପ୍ରଭାବ ମୋର ତେଜ ଠାରୁ ଅଧିକ ହୋଇଯାଇଛି । ଏବେ ମୁଁ ମୋର ପରିଚୟ ହରାଇବାକୁ ବସିଛି । ଆପଣଙ୍କୁ ଏବେ ଜଗତବାସୀ ଅଗ୍ନି ବୋଲି କହିବେ। ଆପଣଙ୍କ ପରେ ମୋତେ ଦ୍ୱିତୀୟ ଅଗ୍ନି କହିବେ । ଆପଣଙ୍କ ସମ୍ମୁଖରେ ମୋର



ପ୍ରତିଷ୍ଠା ତୁଚ୍ଛ ହୋଇଯାଇଛି । ଅଗ୍ନିଦେବଙ୍କ କଥା ଶୁଣିବା ପରେ ମହର୍ଷି ଅଙ୍ଗିରା ତାଙ୍କୁ ଯଥାମାନ୍ୟ ଜଣାଇଲେ । ଏହାପରେ ସେ ଅଗ୍ନିଦେବଙ୍କୁ ସମସ୍ତ ଦେବତାଙ୍କ ପାଇଁ ଯଜ୍ଞର ହବି ଗ୍ରହଣ ଅଧିକାର ପ୍ରଦାନ କଲେ । ସେଦିନ ଠାରୁ ଯେତେବେଳେ ବି ଯଜ୍ଞ ଅଗ୍ନିରେ କୌଣସି ପବିତ୍ର ବସ୍ତୁ ଅର୍ପଣ କରାଯାଏ, ଅଗ୍ନିଦେବ ତାହାକୁ ଗ୍ରହଣ କରି ସମସ୍ତ ଦେବାଦେବୀଙ୍କ ନିକଟରେ ପହଞ୍ଚାଇଥାନ୍ତି । ଏଥିସହିତ ଅଗ୍ନିଦେବଙ୍କୁ ମହର୍ଷି ଅଙ୍ଗିରା ପୁତ୍ର ରୂପେ ଗ୍ରହଣ କରିଥିଲେ । ମହର୍ଷି ଅଙ୍ଗିରା ପରମଜ୍ଞାନୀ ଥିଲେ । ସେ 'ଅଙ୍ଗିରାସ୍ମୃତି' ରଚନା କରିଯାଇଛନ୍ତି । ଯେଉଁଥିରେ ଧର୍ମାଚରଣ ନିମନ୍ତେ ବେଶ ଉପାଦେୟ ଶିକ୍ଷା ପୂରି ରହିଛି ।

## କର୍ମ ବଡ଼ କି ଭାଗ୍ୟ ?

ଏ ଦୁନିଆରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ କେବଳ କର୍ମ ଉପରେ ବିଶ୍ୱାସ କରିଥାନ୍ତି । ସେମାନଙ୍କ ବିଶ୍ୱାସ, ଭାଗ୍ୟ ବୋଲି କିଛି ନାହିଁ । କିନ୍ତୁ ଭାଗ୍ୟବାଦୀ ଲୋକମାନେ କୁହନ୍ତି, ଭାଗ୍ୟରେ ଯାହା ଲେଖା ହୋଇଛି, ତାହା ନିଶ୍ଚିତ ଭାବେ ମିଳିବ । ଅର୍ଥାତ୍ କର୍ମ ଏବଂ ଭାଗ୍ୟ ଏ ଦୁଇଟି ବିନ୍ଦୁ ଉପରେ ମନୁଷ୍ୟ ସର୍ବଦା ଭ୍ରମଣ କରିଥାଏ । ଦିନେ ତା'କୁ ଏ ଜଗତରୁ ବିଦାୟ ନେବାକୁ ହୋଇଥାଏ । ଭାଗ୍ୟ ଏବଂ କର୍ମକୁ ଭଲ ଭାବେ ଜାଣିବା ଲାଗି ପୁରାଣରେ ଅନେକ କାହାଣୀ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଥରେ ଦେବର୍ଷି ନାରଦ ବୈକୁଣ୍ଠ ଧାମରେ ପହଞ୍ଚିଲେ । ସେଠାରେ ଭଗବାନ ବିଷ୍ଣୁଙ୍କୁ ପ୍ରଣାମ କଲେ । ଶ୍ରୀହରିଙ୍କୁ ଦେବର୍ଷି ନାରଦ କହିଲେ, ପ୍ରଭୁ! ପୃଥିବୀରେ ଆପଣଙ୍କ ପ୍ରଭାବ କମ୍ ହେବାରେ ଲାଗିଛି । ଧର୍ମ ପଥରେ ଚାଲୁଥିବା ଲୋକମାନଙ୍କୁ ଭଲ ଫଳ ମିଳୁନାହିଁ । ହେଲେ ପାପ କରୁଥିବା ଲୋକମାନଙ୍କର ଭଲ ହେଉଛି ।

ଏହା ଶୁଣି ଶ୍ରୀହରି କହିଲେ, ଏହା ସତ୍ୟ ନୁହେଁ ଦେବର୍ଷି । ଯାହା ଘଟୁଛି ସେସବୁ ଭାଗ୍ୟ ବଳରୁ ସମ୍ଭବ ହେଉଛି । ନାରଦ କହିଲେ, ମୁଁ ଏବେ ଦେଖିକି ଆସିଲି । ପୃଥିବୀରେ ପାପୀ ଲୋକମାନଙ୍କୁ ଭଲ ଫଳ ମିଳୁଛି । କିନ୍ତୁ ଭଲ କାମ କରୁଥିବା ଲୋକ ଧର୍ମର ରାସ୍ତାରେ ଚାଲୁଥିବା ଲୋକଙ୍କୁ ଖରାପ ଫଳ ପ୍ରାପ୍ତ ହେଉଛି । ଭଗବାନ କହିଲେ, ତୁମେ ସେମିତି କିଛି ଘଟଣା ସମ୍ପର୍କରେ ମୋତେ କହିପାରିବ କି ? ନାରଦ କହିଲେ, ମୁଁ ଏବେ ଏକ ଜଙ୍ଗଲ ଦେଇ ଆସିଲି । ସେଠାରେ ଗୋଟିଏ ଗାଈ ପଙ୍କରେ ଫସିଥିଲା । ତା'କୁ ରକ୍ଷା କରିବା ଲାଗି କେହି ନଥିଲେ । ଏହି ସମୟରେ ଏକ ଚୋର ସେହି ରାସ୍ତା ଦେଇ ଗଲା । ଗାଈକୁ ପଙ୍କରେ ଫସିଥିବା ଦେଖି ସେ ଅଟକିଲା ନାହିଁ । ଓଲଟି ଗାଈ ଉପରେ ପାଦ ରଖି ପଙ୍କରୁ ଉଦ୍ଧାର ପାଇ ଚାଲିଗଲା। ଆଗକୁ ଯିବା ପରେ ଚୋର ସୁନା ମୋହର ଭର୍ତ୍ତି ଏକ ଥଳୀ ପାଇଲା। କିଛି ସମୟ ପରେ ଜଣେ ବୃଦ୍ଧ ସାଧୁ ସେହି ରାସ୍ତା ଦେଇ ଗଲେ । ସେ ପଙ୍କରେ ଫସିଥିବା ଗାଈକୁ ଉଦ୍ଧାର କରିବା ଲାଗି ସମ୍ପୂର୍ଣ୍ଣ ଉଦ୍ୟମ କଲେ । ଶରୀରର ସମସ୍ତ ବଳ ଖଟାଇ ଗାଈକୁ ବଞ୍ଚାଇଦେଲେ। ହେଲେ ଗାଈକୁ ଉଦ୍ଧାର କରି କିଛି ବାଟ ଯିବା ପରେ ସେ ଏକ ଗାତରେ ଖସିପଡ଼ିଲେ । ପ୍ରଭୁ! କୁହନ୍ତୁ ଏହା କିପରି ନ୍ୟାୟ ? ନାରଦ ପଚାରିଲେ । ତାଙ୍କ କଥା ଶୁଣି ପ୍ରଭୁ କହିଲେ, ତୁମେ ଯାହା ଭାବୁଛ ତାହା ଭୁଲ କଥା । ଯେଉଁ ଚୋର ଗାଈକୁ ଛାଡ଼ି ଦେଇ ଚାଲିଯାଇଥିଲା, ତା' ଭାଗ୍ୟରେ ସ୍ୱର୍ଣ୍ଣ ମୁଦ୍ରା ଲେଖାଥିଲା। ହେଲେ ଏହି କର୍ମ ଯୋଗୁ ସେ ଯେଉଁ ପାପ ଅର୍ଜନ କଲା ତା'ଦ୍ୱାରା ସେ ମାତ୍ର କିଛି ସ୍ୱର୍ଣ୍ଣ ମୁଦ୍ରା ପାଇଲା। ଅନ୍ୟପକ୍ଷରେ ସାଧୁ ଜଣକ ଗାଈକୁ ଉଦ୍ଧାର କରି ଖାତରେ ପଡ଼ିବାର ଅର୍ଥ ହେଉଛି, ତାଙ୍କ ଭାଗ୍ୟରେ ମୃତ୍ୟୁ ଲେଖାଥିଲା। ହେଲେ ଗାଈକୁ ବଞ୍ଚାଇଥିବା କାରଣରୁ ତାଙ୍କର ପୁଣ୍ୟବଳ ବୃଦ୍ଧି ପାଇଲା। ସେ ସହଜ ମୃତ୍ୟୁବରଣ କଲେ ଏବଂ ସାଂସାରିକ ଚକ୍ରରୁ ମୁକ୍ତି ପାଇବାରେ ସକ୍ଷମ ହେଲେ। ନିଜ ଜୀବନକୁ ଈଶ୍ୱରଙ୍କ ପ୍ରତି ସମର୍ପି ଦେଇଥିବା ସାଧୁ ଜଣକ ବୋଧହୁଏ ଏହା ହିଁ ଚାହୁଁଥିଲେ। ତେଣୁ ମନୁଷ୍ୟ କର୍ମ ବେଳେ ବେଳେ ତା'ର ଭାଗ୍ୟ ବଦଳାଇ ଦେଇଥାଏ।

ନାରଦ ଏଥର ବୁଝିପାରିଲେ, ମନୁଷ୍ୟ ନିରନ୍ତର କର୍ମ କରିବା ଆବଶ୍ୟକ, କାରଣ କର୍ମ ଭାଗ୍ୟ ବଦଳାଇବାରେ ସହାୟକ ହୁଏ ।

## ଦେବଗିରି ପାହାଡ଼ରେ ପୂଜା ପାଉଛନ୍ତି ବାବା ନୀଳକଣ୍ଠେଶ୍ୱର



ରାୟଗଡା ଜିଲ୍ଲା କଲ୍ୟାଣସିଂପୁର ଉପକଣ୍ଠରେ ରହିଛି ପ୍ରସିଦ୍ଧ ଶୈବପୀଠ ନୀଳକଣ୍ଠେଶ୍ୱର । ଦେବଗିରି ପାହାଡ଼ରେ ବିଦ୍ୟମାନ ଏହି ପ୍ରାଚୀନ ଶୈବପୀଠ ସମ୍ପର୍କରେ ଅନେକ ଲୋକକଥା ରହିଛି । ମହାଭାରତ ଯୁଦ୍ଧ ଚାଲିଥିବା ବେଳେ ବଳରାମ ଏହି ଅଞ୍ଚଳର ଦେଇ ଗସ୍ତ କରିଥିଲେ। ସାଙ୍ଗରେ ଥିବା ସୈନ୍ୟସାମନ୍ତଙ୍କୁ ପାଣି ଦେବାପାଇଁ ନିଜ ଲଙ୍ଗଳ ମୁନରେ ଲାଙ୍ଗୁଳି ନଦୀ ସୃଷ୍ଟି କରିଥିଲେ । ଏବେ ଏହା ନାଗାବଳି ନାମରେ ପରିଚିତ ।ସେତେବେଳେ ସେ ଦେବଗିରି ପାହଡ ଉପରେ ସ୍ଫଟିକରେ ନିର୍ମିତ ୫ଟି ଶିବଲିଙ୍ଗ ପ୍ରତିଷ୍ଠା କରିଥିଲେ ।ଇତିହାସରୁ ଜଣାଯାଏ, ଗଙ୍ଗବଂଶ ରାଜୁତ୍ୱ କାଳରୁ ଦେବଗିରି ପାହାଡ଼ରେ ନୀଳକଣ୍ଠେଶ୍ୱର ପୂଜା ପାଇ ଆସୁଛନ୍ତି । ସମୁଦ୍ର ପତନ ଠାରୁ ୩୯୪ ଫୁଟ ବା ୧୨୦ମିଟର ଉଚ୍ଚରେ ପଥର ଗୁମ୍ଫାରେ ପୂଜା ପାଉଛନ୍ତି ନୀଳକଣ୍ଠେଶ୍ୱର ମହାଦେବ । ପାହାଡର ପାଦଦେଶରୁ ଉପରକୁ ଯିବା ପାଇଁ ୪୮୦ଟି ପାହାଚ ରହିଛି । ଏହି ପାହାଚଗୁଡିକ ଭିତରେ ୨୦ ରୁ ୩୦ ଫୁଟ ଓସାରର ୭ଟି ରହିଛି । ୧୭୫୮ରେ ଜୟପୁର ରାଜାଙ୍କ ଅଧୀନସ୍ଥ ସ୍ୱୀକାର କରିଥିଲେ ତତ୍କାଳୀନ କଲ୍ୟାଣସିଂପୁର ରାଜା କୃଷ୍ଣଚନ୍ଦ୍ର ଦେବ । ଜୟପୁର ରାଜା ପ୍ରଥମ ବିକ୍ରମ ଦେବ ବାବା ପାତାଳେଶ୍ୱରଙ୍କ ଅଭିଷେକ କରିଥିଲେ ।ନିଜ ରାଜ୍ୟରେ ପାତାଳେଶ୍ୱରଙ୍କ ଅଭିଷେକ ହେଉଥିଲେ ମଧ କୃଷ୍ଣଚନ୍ଦ୍ର ଦେବଙ୍କୁ ନିମନ୍ତ୍ରଣ କରାଯାଇନଥିଲା ।ଶିବଭକ୍ତ କୃଷ୍ଣଚନ୍ଦ୍ର ଦେବ ଦୁଃଖରେ ଭାଙ୍ଗି ପଡିଥିଲେ । ସ୍ୱପ୍ନାଦେଶ ପରେ ଦେବଗିରିର ପାହାଡ ଶିଖରରେ ଅବସ୍ଥାନ କରୁଥିବା ନୀଳକଣ୍ଠେଶ୍ୱରଙ୍କୁ ରାଜା ପାଇଥିଲେ। କୃଷ୍ଣଚନ୍ଦ୍ର ଦେବ ଅପୁତ୍ରିକ ଥିଲେ। ଉ□ରାଧିକାରୀକୁ ନେଇ ସେ ଚିନ୍ତିତ ଥିଲେ। ବାବା ନୀଳକଣ୍ଠେଶ୍ୱରଙ୍କ ପୂଜାର୍ଚ୍ଚନା କରି ରାଜା କୃଷ୍ଣଚନ୍ଦ୍ର ଦେବ ପୁତ୍ର ସନ୍ତାନ ଲାଭ କରିଥିଲେ । ପରେ ରାଜା ପ୍ରଭୁଙ୍କୁ ନିୟମିତ ପୂଜା କରିବା ପାଇଁ ବ୍ରହ୍ମଣମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଦିନଠାରୁ ପ୍ରଭୁଙ୍କୁ ନିୟମିତ ପୂଜାର୍ଚ୍ଚନା କରାଯାଉଛି ।ପହାଡର ଉପରେ ଗଙ୍ଗା, ଯମୁନା, ସରସ୍ୱତୀ, ଇନ୍ଦ୍ରଦ୍ୟୁମ୍ନ ଓ ଭାର୍ଗବୀ ନାମରେ ୫ଟି କୁଣ୍ଡ ରହିଛି । ଏହି କୁଣ୍ଡରେ ଗାଧୋଇଲେ ଅପୁତ୍ରିକ ପୁତ୍ର ଲାଭ କରିନ୍ତି ବୋଲି ବିଶ୍ୱାସ ରହିଆସିଛି । ଶିବରାତ୍ରୀ ପ୍ରଭୁ ନୀଳକଣ୍ଠେଶ୍ୱରଙ୍କ ବଡ଼ ପର୍ବ । ଏହା ୭ ଦିନ ଧରି ପାଳନ କରାଯାଏ। ଶ୍ରାବଣ ମାସରେ ଦୂର ଦୁରାନ୍ତରୁ ମାନସିକଧାରୀମାନେ ଏଠାକୁ ଆସି ପ୍ରଭୁଙ୍କୁ ଜଳଲାଗି କରିଥାନ୍ତି । ମନ୍ଦିର ପରିଚାଳନା କମିଟି ତରଫରୁ ଭକ୍ତମାନଙ୍କୁ ମାଗଣାରେ ପ୍ରସାଦ ବିତରଣ କରାଯାଇଥାଏ । ରାୟଗଡା ସହର ଠାରୁ ଦେବଗିରିର ଦୂରତା ୫୦ କିଲୋମିଟର । ନିୟମିତ ବସ୍ ଚଳାଚଳ କରୁଛି । ଟ୍ରେନ ଯୋଗେ ରାୟଗଡା ଆସି ନୀଳକଣ୍ଠେଶ୍ୱରଙ୍କ ପୀଠକୁ ଯାଇ ହେବ ।

## ଦୈନିକ ପିଅନ୍ତୁ ଅଦା-ମହୁ ପାଣି

ବର୍ତ୍ତମାନ୍ ଚାଲିଛି ବର୍ଷା ଋତୁ। ଏହି ଋତୁରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଇଥାଏ । ଯେପରିକି ଥଣ୍ଡା, କାଶ, ଜ୍ୱର ଇତ୍ୟାଦି । ଏଥିସହ ପାଗ ପରିବର୍ତ୍ତନ ହେବା ସହ ମଧ ଆମେ ଅନେକ ସସସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଯେପରିକି ପେଟ ଯନ୍ତ୍ରଣାଠାରୁ ଆରମ୍ଭ କରି ହଇଜା ପର୍ଯ୍ୟନ୍ତ ସବୁ କିଛି । ଯଦି ଆପଣ ଏହି ସବୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି, ତେବେ ଚିନ୍ତା କରନ୍ତୁ ନାହିଁ। ଆଜି ଆପଣଙ୍କୁ ଜଣାଇବୁ ଏଥିରୁ କିପରି ମୁକ୍ତି ପାଇପାରିବେ । ତେବେ ଆସନ୍ତୁ ଜାଣିବା ଏହାର ସମ୍ପୂର୍ଣ୍ଣ ତଥ୍ୟ ଯବହୁ ଆଗାମୀ କାଳରୁ ଅଦା ଏବଂ ମହୁ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଇ ଆସୁଛି । କିନ୍ତୁ ଆପଣ କେବେ ଅଦା-ମହୁ ପାଣି ପିଇଛନ୍ତି କି ? ଯଦି ପିଇନାହାଁନ୍ତି, ତେବେ ଆପଣଙ୍କୁ ଏହି ପାନୀୟର ସ୍ୱାସ୍ଥ୍ୟ ଲାଭ ବିଷୟରେ ଜାଣନ୍ତୁ । ପ୍ରତିଦିନ ଏହି ପୁଷ୍ଟିକର ପାନୀୟ ପିଇବା ଆରମ୍ଭ କରନ୍ତୁ ଏବଂ ଆପଣ ମାତ୍ର କିଛି ସପ୍ତାହ ମଧ୍ୟରେ ଅଟୋମେଟିକ୍ ଭାବରେ ସକାରାତ୍ମକ ପ୍ରଭାବ ଦେଖିବାକୁ ପାଇବେ।



**ଥଣ୍ଡା ଏବଂ କାଶ ସମସ୍ୟାରୁ ମୁକ୍ତି ପାଇବେ :**

ଅଦା ଏବଂ ମହୁ ପାଣି ପିଇବା ଦ୍ୱାରା ଆପଣ ଥଣ୍ଡା ଏବଂ କାଶରୁ ବହୁତ ପରିମାଣରେ ମୁକ୍ତି ପାଇପାରିବେ । ଯଦି ଆପଣ ଗଳା ଯନ୍ତ୍ରଣା, ଥଣ୍ଡା କିମ୍ବା କାଶ ସମସ୍ୟାକୁ ରୋକିବାକୁ ଚାହୁଁଛନ୍ତି, ତେବେ ଆପଣ ଏହି ପ୍ରାକୃତିକ ପାନୀୟ ପିଇବା ଆରମ୍ଭ କରିପାରିବେ। ଆପଣଙ୍କ ସୂଚନା ପାଇଁ, ଆମେ ଆପଣଙ୍କୁ କହି ରଖୁଛୁ ଯେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅଦା ଏବଂ ମହୁ ପାଣିକୁ ଦୈନନ୍ଦିନ ଖାଦ୍ୟ ଯୋଜନାର ଏକ ଅଂଶ ମଧ କରାଯାଇପାରିବ ଯପେଟ ସମ୍ବନ୍ଧୀୟ ସମସ୍ୟା ଦୂରେଇ ରହିବ :

ଯଦି ଆପଣ ପେଟ ସମସ୍ୟାକୁ ରୋକିବାକୁ ଚାହାଁନ୍ତି, ତେବେ ଅଦା ଏବଂ ମହୁ ପାଣି ପିଇବା ଆରମ୍ଭ କରନ୍ତୁ । ଏହି ପାନୀୟକୁ ହୃଦୟ ସ୍ୱାସ୍ଥ୍ୟ ପାଇଁ ମଧ ଲାଭଦାୟକ ବୋଲି ବିବେଚନା କରାଯାଏ । ଅର୍ଥାତ ଏହି ପାନୀୟକୁ ସଠିକ ପରିମାଣରେ ଏବଂ ସଠିକ୍ ଉପାୟରେ ସେବନ କରିବା ଦ୍ୱାରା, ଗମ୍ଭୀର ଏବଂ ହୃଦରୋଗର ଆଶଙ୍କା ହ୍ରାସ କରାଯାଇପାରିବ । ଏଥିସହ ଓଜନ ମଧ ହ୍ରାସ ପାଇବାକୁ ଲାଗିବ ।

**ଅଦା ମହୁ ପାଣି କିପରି ତିଆରି କରିବେ :**

ଅଦା ଏବଂ ମହୁ ପାଣି ତିଆରି କରିବା ପାଇଁ, ପ୍ରଥମେ ଗୋଟିଏ କପ୍ ପାଣି ଗରମ କରନ୍ତୁ । ଏବେ ଏହି ପାଣିରେ ଗୋଟିଏ ଚାମଚ ମହୁ ଏବଂ ଗୋଟିଏ ଅଳ୍ପ ଅଦାଛେଚ ମିଶାନ୍ତୁ । ଏବେ ଆପଣ ଏହି ପାଣିକୁ ଛାଣି ପିଇପାରିବେ ।ଏହି ପାନୀୟର ସ୍ୱାଦ ଉନ୍ନତ କରିବା ପାଇଁ, ଆପଣ ଏଥିରେ ଲେମ୍ବୁ ରସ ମଧ ମିଶାଇ ପାରିବେ । ଯଦି ଆପଣ ଏପରି ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି, ତେବେ ଏହି ଟିପ୍ସକୁ ନିଶ୍ଚିତ ଫଲୋ କରନ୍ତୁ ।

### 'ଶହୀଦ ଦିବସ' ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# 'ଗୋଲାମି ମାନସିକତା'ରୁ ମୁକ୍ତ ହେବା

**ଭୁବନେଶ୍ୱର, ୨୫।୩ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର 'ଶହୀଦ ଦିବସ' ଅବସରରେ ନୂଆଦିଲ୍ଲୀ ଠାରେ 'ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମୀ ପରିବାର କଲ୍ୟାଣ ପରିଷଦ' ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଭାରତ ମାତାର ଅମର ବୀର ସନ୍ତାନ ଶହୀଦ ଭଗତ ସିଂହ, ଶିବରାମ ରାଜଗୁରୁ ଓ ସୁଖଦେବ ଥାପଡ଼ଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଜି ଆମେ ୯୫ତମ ଶହୀଦ ଦିବସ ପାଳନ କରୁଛୁ। ଆଉ ୫ ବର୍ଷ ପରେ ଏହାର ଶତାବ୍ଦୀ ବର୍ଷ ଏବଂ ପ୍ରାୟ ୨୧ ବର୍ଷ ପରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳିତ ହେବ। ଭାରତର କୋଣ ଅନୁକୋଣରେ ସ୍ୱାଧୀନତା ସଂଗ୍ରାମର ସ୍ମୃତି ଗାଥା ଭରି ରହିଛି। ନେତାଜୀ



ସୁଭାଷ ଚନ୍ଦ୍ର ବୋଷଙ୍କ ଠାରୁ ଆରମ୍ଭ କରି ଭଗତ ସିଂହ ଏବଂ ଶହୀଦ ବାଜି ରାଉତଙ୍କ ପର୍ଯ୍ୟନ୍ତ ସମସ୍ତ ବୀରଙ୍କ ତ୍ୟାଗ ଓ ତପସ୍ୟା ଆମ ଜାତୀୟ ଚେତନାର ଆଧାରଶିଳା। ଆମେ ବାଜି ରାଉତଙ୍କ ଠାରୁ ରାଜଗୁରୁଙ୍କ ପର୍ଯ୍ୟନ୍ତ ସମସ୍ତ ଶହୀଦ ପରିବାରର ସଦସ୍ୟ, ଯାହା ୧୪୦ କୋଟି ଭାରତୀୟଙ୍କ ପାଇଁ ଗର୍ବର ବିଷୟ। ସେ ଆହୁରି କହିଛନ୍ତି ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ଇତାହାସ ପୃଷ୍ଠାରେ ଅନାଲୋଚିତ ନାୟକ ବା ସଂଗ୍ରାମୀମାନଙ୍କ ଅବଦାନକୁ ସମ୍ମାନିତ କରାଯାଉଛି। ୧୮୩୫ରେ ଟି.ବି. ମାକାଉଲେ ଲାଗୁ କରିଥିବା ଶିକ୍ଷା ପଦ୍ଧତି ଓ ଗୋଲାମି ମାନସିକତାରୁ ଦେଶକୁ ମୁକ୍ତ କରିବା ଆମର ମୂଳ ଦାୟିତ୍ୱ। ଭାରତର ଆତ୍ମା, ସଂସ୍କୃତି ଓ ସ୍ୱାଭିମାନକୁ ପୁନଃସ୍ଥାପିତ କରିବା ଦିଗରେ 'ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମୀ ପରିବାର କଲ୍ୟାଣ ପରିଷଦ' ସମେତ ସମସ୍ତେ ଦାୟିତ୍ୱ ନେବା ଉଚିତ୍। ପୂର୍ବରୁ ଦେଶ ପାଇଁ ବଳିଦାନ ଦେବାର ସମୟ ଥିଲା, କିନ୍ତୁ ଆଜି ଦେଶ ପାଇଁ ବଂଚିବାର ଆବଶ୍ୟକତା ଅଛି। ଆମର ଲକ୍ଷ୍ୟ ହେଉଛି ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ କରିବା। ଏଥିପାଇଁ ପ୍ରତିଟି ମୁହୂର୍ତ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶର ସ୍ୱାଭିମାନ ବୃଦ୍ଧି, ସ୍ୱଦେଶୀ ଅର୍ଥନୀତିର ସୁଦୃଢ଼ୀକରଣ, ଚାଷୀଙ୍କ ଆୟ ବୃଦ୍ଧି, ମହିଳା ଓ ଯୁବବର୍ଗଙ୍କୁ ସମ୍ମାନ ଏବଂ ବଂଚିତଙ୍କ କଲ୍ୟାଣ ପାଇଁ ଆମକୁ ଦାୟିତ୍ୱ ନେବାକୁ ହେବ। ଶେଷରେ, ଶ୍ରୀ ପ୍ରଧାନ 'ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମୀ ପରିବାର କଲ୍ୟାଣ ପରିଷଦ'କୁ ଏଭଳି ପ୍ରେରଣାଦାୟୀ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସାଧୁବାଦ ଜଣାଇବା ସହ ଶହୀଦମାନଙ୍କ ସ୍ୱପ୍ନର ଭାରତ ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ ଏବଂ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଶହୀଦ ଭଗତ ସିଂଙ୍କ ବିପ୍ଳବୀ ପଥ ଅନୁସରଣ କରିବା ସମୟ ଆସିଛି : ଭକ୍ତ

**ଭୁବନେଶ୍ୱର, ୨୫।୩ (ମହାଭାରତ):** ଓଡ଼ିଶା ପ୍ରଦେଶ କଂଗ୍ରେସର ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନ ଓ ୱାର ରୁମ ପକ୍ଷରୁ ଆଜି ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ଭଗତ ସିଂଙ୍କ ଶ୍ରାଦ୍ଧ ଉତ୍ସବ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତାଗଣ ସ୍ୱର୍ଗତ ସିଂଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଶ୍ରୀ ଦାସ ଗଣମାଧ୍ୟମକୁ ସମ୍ବୋଧିତ କରି କହିଲେ ଶହୀଦ ଭଗତ ସିଂଙ୍କ ବିପ୍ଳବ ଏବଂ ବଳିଦାନ ସାରା ଦେଶର ଜନତାଙ୍କ ପାଇଁ ସମ୍ମାନର ସହ ବଂଚିବା, ନିଜ ଅଧିକାର ପାଇଁ ଲଢ଼ିବା ଓ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଆଦି ଶିକ୍ଷା ଓ ପ୍ରେରଣା ଦେଇଆସିଛି କ୍ଷ ବର୍ତ୍ତମାନ ଦେଶର ଅବସ୍ଥା ଯାହା ଆମକୁ ଭଗତ ସିଂହଙ୍କ ପଥ ଅନୁସରଣ କରି ଲଢ଼ିବାକୁ ପଡ଼ିବ କିନ୍ତୁ ଅହିଂସା ଉପାୟରେ ସଂଗ୍ରାମ କରିବାକୁ ପଡ଼ିବ ବୋଲି କହିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନ ଅଧକ୍ଷ, ୱାର ରୁମ ଅଧକ୍ଷ ମନୋରଞ୍ଜନ ଦାଶଙ୍କ ସହ କଂଗ୍ରେସ ନେତୃବୃନ୍ଦ ସୁରେଶ କୁମାର



ରାଉତରାୟ, ଶିବାନନ୍ଦ ରାୟ, ଅରବିନ୍ଦ ଦାସ, ଅଭୟ ସାହୁ, ଚିନ୍ମୟ ସୁନ୍ଦର ଦାସ, ବାଙ୍କନିଧି ବେହେରା, ଆଲୋକ ମହାନ୍ତି, ମିହିର ରଞ୍ଜନ ଆଚାର୍ଯ୍ୟ, ରାଜକିଶୋର ବାରିକ, ତରୁଣକାନ୍ତ ମିଶ୍ର, ଦେବାଶିଷ ମିଶ୍ର, ବିଜୟ ପ୍ରଧାନ, ମାଧବ ପଲେଇ, ହରିବନ୍ଧୁ ଶତପଥି, ବିଜ୍ଞାନ ଭୂୟାଁ, ଶିତୁ କର, ବସନ୍ତ ପଣ୍ଡା, ବିଜୟ ନାୟକ, ଖଗେଶ୍ୱର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବିଧାନସଭା ଆଗରେ ଗାଁସାଥୀଙ୍କ ଆନ୍ଦୋଳନ

**ଭୁବନେଶ୍ୱର, ୨୫।୩ (ମହାଭାରତ):** ସାରା ଓଡ଼ିଶାର ସମସ୍ତ ନ୍ୟାୟ ଆଶାୟୀ ଗାଁସାଥୀ(ମେଟ୍)ଙ୍କୁ ୧୨ ହଜାରରୁ ଉର୍ଦ୍ଧ୍ୱ ମାସିକ ପ୍ରୋତ୍ସାହନ ସମେତ ୨ ଦଫା ଦାବିରେ ବିଧାନସଭା



ଆଗରେ ନିଆରା ଶୈଳୀରେ ଗର୍ଜିଲେ ଗାଁସାଥୀ। ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶର ସଭାପତି ଶ୍ରୀ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ସାରା ଓଡ଼ିଶାରୁ ଆସିଥିବା ହଜାର ହଜାର ଗାଁସାଥୀ ବିଧାନସଭା ଆଗ ଲୋୟର ପିଏମ୍ଜିରେ ଏକ ଘୃତଯଜ୍ଞ ଓ ସାଷ୍ଟାଙ୍ଗ ପ୍ରଣିପାତ ସହିତ ଭିନ୍ନ ଏକ ଧାରାରେ ସରକାରଙ୍କ ନିକଟରେ ତାଙ୍କର ଦାବି ଉପସ୍ଥାପନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଏହି ଯେ, ର୍ବମାନର ମୁଖ୍ୟମନ୍ତ୍ରୀ ଓ ବିଜେପି ରାଜ୍ୟ ସଭାପତି ମହୋଦୟ ମିଳିତ ଭାବରେ ଏକ ସ୍ୱତନ୍ତ୍ର ସରକାରୀ ନୀତି ନିର୍ଦ୍ଧାରଣ ସହିତ ରାଜ୍ୟ ପାୟତିରାଜ ବିଭାଗରେ ୨୦୦୮ରୁ କାର୍ଯ୍ୟରତ ଗାଁସାଥୀ ମାନଙ୍କୁ ପ୍ରଦାନ କରିଥିବା ପୂର୍ବ ପ୍ରତିଶ୍ରୁତି ରକ୍ଷା କରିବା ହୁଅନ୍ତୁ ବୋଲି ଆଜିର ଆନ୍ଦୋଳନର ଗାଁସାଥୀ ସଂଗଠକମାନେ ମିଳିତଭାବରେ ଗଣମାଧମ ଜରିଆରେ ନିବେଦନ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ୨୦୨୪ ଜୁନ୍ ପୂର୍ବରୁ ର୍ବମାନର କେଉଁ ମନ୍ତ୍ରୀ ସେମାନଙ୍କୁ କିପରି ପ୍ରତିଶ୍ରୁତି ଦେଇଥିଲେ ତାହାର ସମସ୍ତ ଅଡ଼ିଓ, ଭିଡ଼ିଓ, ଚିଠି ଇତ୍ୟାଦିକୁ ପ୍ରଦର୍ଶିତ କରି ଯନ୍ତ୍ରଣାର ସହିତ ସେମାନଙ୍କ ତରଫରୁ ମିଳିତ ସହାୟତା କାମନା କରିଛନ୍ତି। ଏଥିସହିତ ଓଡ଼ିଶା ବିଧାନସଭାର ସମସ୍ତ ମାନ୍ୟବର ଏମ୍.ଏଲ.ଏ ଆଜ୍ଞାମାନେ ବିଧାନସଭା ଭିତରେ ଓ ବାହାରେ ଗାଁସାଥୀଙ୍କ ଦାବିକୁ ବିଭିନ୍ନ ମୋଶନ ଜରିଆରେ କିପରି ପ୍ରଶ୍ନ ଉତ୍ଥାପନ ଓ ଗଣମାଧମ ବୟାନ ରଖିବେ, ସେଥିପାଇଁ ମଧ ବିନମ୍ର ଅନୁରୋଧ ଜଣାଇଛନ୍ତି।କାର୍ଯ୍ୟକ୍ରମରେ ଶ୍ରୀ ବିଶ୍ୱାଳଙ୍କ ସହିତ ଉକ୍ତ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ବିବେକାନନ୍ଦ ଠାକୁର ଉପସଭାନେତ୍ରୀ ନୟନା ନାୟକ, ସୁରେଖା ପାଇଟାଲ୍, ସବିତା ଭୋଇ, ଅନ୍ନପୂର୍ଣ୍ଣା ଅପା, ଶୁଶୀଳା ନାଏକ, ରେବତୀ ନାଏକ, ଚୁଡାମଣି ସିଂ, ଗୀତାଞ୍ଜଳି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ପରମ୍ପରା ପ୍ରତି ପାରସ୍ପରିକ ସମ୍ମାନ ଜାତୀୟ ଏକତାକୁ ସୁଦୃଢ଼ କରେ

**ଭୁବନେଶ୍ୱର, ୨୫।୩ (ମହାଭାରତ):** ବିଭିନ୍ନ ପରମ୍ପରା ପ୍ରତି ପାରସ୍ପରିକ ସମ୍ମାନ ଜାତୀୟ ଏକତାକୁ ସୁଦୃଢ଼ କରେ ବୋଲି ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି କହିଛନ୍ତି। ରବିବାର ଦିନ ଲୋକ ଭବନର ନୂତନ ଅଭିଷେକ ହଲରେ ବିହାର ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ଉଦବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି। ରାଜ୍ୟପାଳ କହିଥିଲେ ଯେ, ଯେତେବେଳେ ଲୋକମାନେ ପରସ୍ପରର ପରମ୍ପରା ପ୍ରତି ଖୋଲା ହୃଦୟରେ ଏବଂ ସମ୍ମାନର ସହିତ ଏକାଠି ହୁଅନ୍ତି, ସେତେବେଳେ ଏକ ଗଭୀର ଆତ୍ମୀୟତାର ଭାବନା ସୃଷ୍ଟି ହୁଏ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ "ଏକ ଭାରତ, ଶ୍ରେଷ୍ଠ ଭାରତ" ଦୃଷ୍ଟିକୋଣ ଉପରେ ଆଲୋକପାତ କରି ରାଜ୍ୟପାଳ କହିଛନ୍ତି ଯେ ଏହି ଦୃଷ୍ଟିକୋଣର ସାରମର୍ମ ହେଉଛି ଭାବପ୍ରବଣଗତ ଏକତା ଏବଂ ସାଂସ୍କୃତିକ ବୁଝାମଣାକୁ ପ୍ରୋତ୍ସାହିତ କରିବା। ଏପରି ଉତ୍ସବ ଅନେକ ସଂସ୍କୃତି ଦ୍ୱାରା ସମୃଦ୍ଧ ଏକ ରାଷ୍ଟ୍ରର ଧାରଣାକୁ ମଜବୁତ କରେ। ବିହାର ଏବଂ ଓଡ଼ିଶା ମଧ୍ୟରେ ଦୃଢ଼ ଐତିହାସିକ ଏବଂ ସାଂସ୍କୃତିକ ସମ୍ପର୍କ ଉପରେ ମଧ ରାଜ୍ୟପାଳ ଆଲୋକପାତ କରିଥିଲେ। କଳିଙ୍ଗ ଯୁଦ୍ଧର ପରିବର୍ତ୍ତନକାରୀ ପ୍ରଭାବ ସମେତ ମଗଧ ଏବଂ କଳିଙ୍ଗ ମଧ୍ୟରେ ପ୍ରାଚୀନ ସମ୍ପର୍କକୁ ରାଜ୍ୟପାଳ ସ୍ମରଣ କରାଇଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଉଭୟ ଅଂଚଳ ପୃଥକ ରାଜ୍ୟ ହେବା ପୂର୍ବରୁ ସମାନ ପ୍ରଶାସନିକ ୟୁନିଟର ଅଂଶ ଥିଲେ। ବିହାରର ସଭ୍ୟତାଗତ ଐତିହ୍ୟକୁ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ବିହାର ରାଜନୈତିକ ଶକ୍ତି, ବୌଦ୍ଧିକ ଉନ୍ନତି ଏବଂ ଆଧ୍ୟାତ୍ମିକ ଜାଗରଣର କେନ୍ଦ୍ର



ହୋଇଛି। ସମ୍ରାଟ ଅଶୋକଙ୍କ ପରିବର୍ତ୍ତନ, ବୋଧଗୟାରେ ଭଗବାନ ବୁଦ୍ଧଙ୍କ ଜ୍ଞାନପ୍ରାପ୍ତି, ଭଗବାନ ମହାବୀରଙ୍କ ଶିକ୍ଷା ଏବଂ ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟ ବିହାରର ବିଶ୍ୱ ପ୍ରତି ଅବଦାନର ସ୍ଥାୟୀ ପ୍ରତୀକ ଭାବରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ। ବିହାରର ସ୍ପନ୍ଦନଶୀଳ ସାଂସ୍କୃତିକ ପରମ୍ପରା, ମଧୁବଣୀ ପେଂଟିଙ୍ଗ ଏବଂ ଛଟ ଭଳି ପର୍ବଗୁଡ଼ିକ ଉପରେ ରାଜ୍ୟପାଳ ଆଲୋକପାତ କରି ଏହା ମାନବ ଜୀବନ ଏବଂ ପ୍ରକୃତି ମଧ୍ୟରେ ସମନ୍ୱୟକୁ ପ୍ରତିଫଳିତ କରେ ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶାରେ ରହୁଥିବା ବିହାରର ଲୋକଙ୍କୁ ଅଭିନନ୍ଦନ ଜଣାଇ ଓଡ଼ିଶାର ବିକାଶ ଏବଂ ସାଂସ୍କୃତିକ ଜୀବନରେ ସେମାନଙ୍କର ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏପରି ଭାବବିନିମୟର ଉତ୍ସବ ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ କହିଥିଲେ ଯେ ଏହା ଆନ୍ତଃରାଜ୍ୟ ସମ୍ପର୍କକୁ ମଜବୁତ କରେ ଏବଂ ଜାତୀୟ ସଂହତିରେ ଅବଦାନ ରଖେ। ଭାରତର ଶକ୍ତି ବିବିଧତା ମଧ୍ୟରେ ଏକତାରେ ନିହିତ। ଏପରି ବନ୍ଧନ ଆମକୁ ଏକ ସୁଦୃଢ଼ ଏବଂ ଅଧିକ ସମାବେଶୀ ଭବିଷ୍ୟତ ଆଡ଼କୁ ମାର୍ଗଦର୍ଶନ କରିବ ବୋଲି କହିଥିଲେ। ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଡକ୍ଟର ଜୟଶ୍ରୀ କମ୍ଭମପାଟି ମଧ ଉପସ୍ଥିତ ଥିଲେ।

ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡକ୍ଟର ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ସାଂସ୍କୃତିକ କାର୍ଯକ୍ରମ ପରିବେଷିତ ହୋଇଥିଲା।

# ଷ୍ଟାର୍ଟଅପ୍ ନୀତି ଛାତ୍ରଛାତ୍ରୀଙ୍କୁ ନବସୃଜନ ନିମନ୍ତେ ଉତ୍ସାହିତ କରିବ

**ଭୁବନେଶ୍ୱର,୨୫।୩ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପରିସରରେ ଛାତ୍ରଛାତ୍ରୀମାନଙ୍କୁ ଷ୍ଟାର୍ଟଅପ୍ ଆରମ୍ଭ କରିବା ନିମନ୍ତେ ଉତ୍ସାହିତ କରିବାକୁ ଗୁରୁବାର ଅଟଳ ଇନୋଭେସନ୍ ସେଂଟର-ସୋଆ ଫାଉଣ୍ଡେସନ୍ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ତଥା ଏମ୍ଏସଏମ୍ଇ ବିଭାଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି କେନ୍ଦ୍ରକୁ ଉଦ୍‌ଘାଟିତ କରିଥିଲେ। ନିତି ଆୟୋଗ ପରିଚାଳିତ ଅଟଳ ଇନୋଭେସନ ମିସନ୍ ସହାୟତାରେ ଏହି କେନ୍ଦ୍ରକୁ ସ୍ଥାପନ କରାଯାଇଛି। ଏହି କେନ୍ଦ୍ର ସ୍ଥାପନ କରିଥିବାରୁ ସୋଆକୁ ଶୁଭେଚ୍ଛା ଜଣାଇ ଶ୍ରୀ ମଲ୍ଲିକ କହିଥିଲେ ଯେ ଓଡ଼ିଶା ସରକାରଙ୍କ ଷ୍ଟାର୍ଟ ଅପ୍ ନୀତି ଛାତ୍ରଛାତ୍ରୀଙ୍କୁ ଷ୍ଟାର୍ଟ ଅପ୍ ନିମନ୍ତେ ଉତ୍ସାହିତ କରିବା ନିମନ୍ତେ ଉଦ୍ଦିଷ୍ଟ। ଛାତ୍ରଛାତ୍ରୀମାନେ ନିଜର ଦକ୍ଷତା ବୃଦ୍ଧି କରିବା ବର୍ତମାନ ଅପରିହାର୍ଯ୍ୟ ହୋଇ ପଡ଼ିଥିବା ବେଳେ ଅର୍ଥନୀତିର ଅଭିବୃଦ୍ଧି ନିମନ୍ତେ ଷ୍ଟାର୍ଟ ଅପ୍ ଗୁଡ଼ିକର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏଆଇସି-ସୋଆ ଫାଉଣ୍ଡେସନ୍ ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳ ବିଚାରକୁ ସ୍ଥାୟୀ ବ୍ୟବସାୟିକ ଉଦ୍ୟମରେ ପରିଣତ କରିବା ନିମନ୍ତେ ସମସ୍ତ ପ୍ରକାର



ସହାୟତା ଯୋଗାଇ ଦେବ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅଟଳ ଇନୋଭେସନ୍ ମିସନ୍‌ର ମିସନ ନିର୍ଦ୍ଦେଶକ ଡକ୍ଟର ଦୀପକ ବାଗଲା କହିଥିଲେ ଯେ ଆଗାମୀ ଦିନରେ ପ୍ରତି ୧୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬ ଜଣ ନିଜସ୍ୱ ଉଦ୍ୟମରେ ଷ୍ଟାର୍ଟ ଅପ୍ ଆରମ୍ଭ କରିବେ। ବର୍ତମାନର ଛାତ୍ରଛାତ୍ରୀ ମାନଙ୍କୁ ଏକ ବିଶେଷ ସୁଯୋଗ ଲାଭ ନିମନ୍ତେ ପ୍ରସ୍ତୁତ ପିଢ଼ି ବୋଲି ଉଲ୍ଲେଖ କରି ସେ କହିଥିଲେ ଯେ ଏକ ନୂତନ ଭାରତକୁ ଗଢ଼ି ତୋଳିବା ନିମନ୍ତେ ସେମାନେ ନିଜ କାନ୍ଧରେ ଦାୟିତ୍ୱ ନେବା ଆବଶ୍ୟକ। ଡକ୍ଟର ବାଗଲା କହିଥିଲେ ଯେ ଜାନୁଆରୀ ୨୦୧୬ରେ ଭାରତରେ ମାତ୍ର ୪୦୦ ଷ୍ଟାର୍ଟ ଅପ୍ ଥିବା ବେଳେ ବର୍ତମାନ ଏହି ସଂଖ୍ୟା ୨୦୦,୦୦୦ ଅତିକ୍ରମ କରିସାରିଛି। ଆଜି ଭାରତ ବିଶ୍ୱରେ ନୂତନ ଷ୍ଟାର୍ଟ ଅପ୍ କ୍ଷେତ୍ରରେ ୧ ନମ୍ବରରେ ଥିବା ବେଳେ ଷ୍ଟାର୍ଟ ଅପ୍ କ୍ଷେତ୍ରରେ ୨ୟ ଓ ୟୁନିକର୍ଣ୍ଣ କ୍ଷେତ୍ରରେ ୩ୟ ସ୍ଥାନରେ ରହିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର, ଷ୍ଟାର୍ଟଅପ୍ ଓଡ଼ିଶାର ସିଇଓ ଶ୍ରୀ ସ୍ମୃତି ରଞ୍ଜନ ପ୍ରଧାନ,ଓ ସୋଆ ସେଂଟର ଫର କ୍ୱାଂଟମ୍ ସାଇନ୍ସ ଆଣ୍ଡ ଟେକ୍ନୋଲଜିର ନିର୍ଦ୍ଦେଶକ ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଉପକୁଳପତି ପ୍ରଫେସର ନୀତା ମହାନ୍ତି, କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଏଆଇସି-ସୋଆ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ, ସୋଆ ଆନ୍ତର୍ଜାତିକ ଉପଦେଷ୍ଟା ମଣ୍ଡଳୀ ଅଧକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ, ପ୍ରଫେସର ଅନୁପ କୁମାର ସାମନ୍ତରାୟ ଏବଂ ସେଂଟର ଫର୍ କ୍ଲାଇମେଂଟ ସ୍ମାର୍ଟ ଏଗ୍ରିକଲ୍‌ଚର (ସିସିଏସ୍ଏ)ର ଡିଷ୍ଟିଂଗୁଇସଡ୍ ପ୍ରଫେସର ୟୁ.ସି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଇଟିଇଆରର ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ପ୍ରଫେସର ରେଣୁ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଏଆଇସି-ସୋଆ ଫାଉଣ୍ଡେସନ୍‌ର ସିଇଓ ଶ୍ରୀମତି ଲୋପା ମିଶ୍ର ଜାନା ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲିସ କ୍ରୀଡ଼ା ପ୍ରତିଯୋଗିତାରେ ସଫଳ କ୍ରୀଡ଼ାବିତ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୨୫।୩ (ମହାଭାରତ):** ରାଜ୍ୟ ଏବଂ ଜାତୀୟସ୍ତରର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଓଡ଼ିଶା ପୋଲିସର କ୍ରୀଡ଼ାବିତମାନଙ୍କୁ ଆଜି ଭୁବନେଶ୍ୱରସ୍ଥିତ ପୋଲିସ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ସେମାନଙ୍କର ଅସାଧାରଣ ପ୍ରଦର୍ଶନ ପାଇଁ ପ୍ରଶଂସାପତ୍ର ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ।

ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ପଦକ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କର ପ୍ରତିଭା, ଶୃଙ୍ଖଳା ଓ ଦୃଢ଼ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି। କ୍ରୀଡାବିତଙ୍କ ଏହି ସଫଳତା ରାଜ୍ୟ ଓ ଓଡ଼ିଶା ପୋଲିସ ପାଇଁ ଗୌରବର ବିଷୟ ଏବଂ ସେମାନଙ୍କ ଏହି ସଫଳତା ଓଡ଼ିଶାର ଯୁବ ପିଢ଼ୀକୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବ ବୋଲି ସେ କହିଥିଲେ। ନିକଟରେ ଆୟୋଜିତ ସର୍ବଭାରତୀୟ ପୋଲିସ ଓ ସିନିୟର ନ୍ୟାସନାଲ ଚାମ୍ପିୟନସିପ୍-୨୦୨୬ରେ ଓଡ଼ିଶା ପୋଲିସର କ୍ରୀଡ଼ାବିତମାନେ ଏକାଧିକ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ରୋଇଂ ପ୍ରତିଯୋଗିତାରେ ରିତୁ କାଉଡି ଓ ସୋନାଲିକା ଦାସ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ସେହିପରି କ୍ୟାନୋଇଂ, କାୟାକିଂ, କରାଟେ ଏବଂ ଆଥଲେଟିକ୍ସ ମଧ୍ୟରେ ମଧ କ୍ରୀଡ଼ାବିତମାନେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ, କଟକରେ ଆୟୋଜିତ ୭୪ତମ ରାଜ୍ୟ ପୋଲିସ ଆଥଲେଟିକ୍ ଚାମ୍ପିୟନସିପ୍ ୨୦୨୫-୨୬ରେ ଓଡ଼ିଶା ପୋଲିସର ୭ ଜଣ ଆଥଲେଟ୍ ୧୧ଟି ଭିନ୍ନ ବିଭାଗରେ ନୂତନ 'ମିଟ୍ ରେକର୍ଡ' ସୃଷ୍ଟି କରି ଏକ ନୂଆ ମାଇଲଖୁଂଟ ସ୍ଥାପନ କରିଛନ୍ତି। ବିଘ୍ନରାଜ ମିରିଡ଼ିଆ, ଅଶୋକ ଦାଣ୍ଡସେନା, ସୁସ୍ମିତା ତିଗା ଓ ସବିତା ଟପ୍ପୋଙ୍କ ଭଳି କ୍ରୀଡ଼ାବିତମାନେ ନିଜ ନିଜ ବର୍ଗରେ ଅସାଧାରଣ ପ୍ରଦର୍ଶନ କରି ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ଶ୍ରୀ ସଞ୍ଜୀୟ କୁମାରଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ପୋଲିସର କ୍ରୀଡ଼ା ଅଧିକାରୀ ଶ୍ରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମକୁ ସଫଳଭାବେ ପରିଚାଳନା କରିଥିଲେ।

# କୋକ୍ ଷ୍ଟୁଡ଼ିଓ ଭାରତ ସିଜିନ ୪ର ଶୁଭାରମ୍ଭ

**ଭୁବନେଶ୍ୱର, ୨୫।୩ (ମହାଭାରତ):** ଭାରତର ବିବିଧ ସଙ୍ଗୀତ ଐତିହ୍ୟକୁ ପାଳନ କରୁଥିବା ମଂଚ କୋକ୍ ଷ୍ଟୁଡ଼ିଓ ଭାରତ, ଏହାର ପ୍ରଥମ ଟ୍ରାକ୍ ଏ ଅଜନବୀ ସହିତ ୪ ସିଜିନ ଆରମ୍ଭ କରିଛି ଯାହାକି ଅଭିଳାଷ ବା ଅପେକ୍ଷାର ସେହି ଚିରନ୍ତନ ଭାବନା ଉପରେ ଆଧାରିତ ଏକ ସଙ୍ଗୀତ ଅଟେ। ଆଦିତ୍ୟ ରିଖାରିଙ୍କ ସହଜ ସୁନ୍ଦର କଣ୍ଠ, ଲୋକ ସଙ୍ଗୀତ ମାଏଷ୍ଟ୍ରୋ କୁଟଲେ ଖାନଙ୍କ ଭାବପୂର୍ଣ୍ଣ କଳା ଏବଂ ରାଭାଟୋରଙ୍କ ପ୍ରଯୋଜନାରେ ସଜ୍ଜିତ ଏହି ଗୀତଟି ଦୁଇଟି ଭିନ୍ନ ସମୟ ମଧ୍ୟରେ ଏକ ବାର୍ତ୍ତାଳାପ ସଦୃଶ୍ୟ - ଯେଉଁଠି ଚିଠିରେ ଲେଖା ଯାଇଥିବା ପ୍ରେମ ଏବଂ ଆଜିର ଅପ୍ରେରିତ ମେସେଜ ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଯାଇଛି। ଏ ଅଜନବୀ ଏକ ସାଧାରଣ ତଥା ସାର୍ବଜନୀନ ସତ୍ୟକୁ ଖୋଜିଥାଏ ଯେ, ପ୍ରେମର ଭାଷା ବଦଳି ଥାଇପାରେ, କିନ୍ତୁ ଏହାର ଅକୁହା ଯନ୍ତ୍ରଣା ବା ଅନୁଭୂତି ସମାନ ଥାଏ। ଚୋରା ଚାହାଁଣୀ ଏବଂ ହାତ ଲେଖା କବିତାର ଶାନ୍ତି ଠାରୁ ଆରମ୍ଭ କରି ବିଳମ୍ବିତ ରାତିର ଟେକ୍ସଟ୍ ମେସେଜ ପର୍ଯ୍ୟନ୍ତ, ଏହି ଗୀତଟି କୌଣସି ଗୋଟିଏ ସମୟକୁ ଶ୍ରେଷ୍ଠ ନ ଦର୍ଶାଇ ଉଭୟ ଅତିତ ଏବଂ ବର୍ତ୍ତମାନର ଭାବନାକୁ ସୁନ୍ଦର ଭାବରେ ଉପସ୍ଥାପନ କରିଛି। ସାଙ୍ଗୀତିକ ଦୃଷ୍ଟିକୋଣରୁ, ଏହି ଟ୍ରାକ୍ ଏକ ଭାବପୂର୍ଣ୍ଣ ସେତୁ ସଦୃଶ। ଏଥିରେ ଲୋକ ସଙ୍ଗୀତର ମଧୁରତା ଏବଂ ଆଧୁନିକ ପପ୍ ସଙ୍ଗୀତର ସମନ୍ୱୟ ଦେଖିବାକୁ ମିଳେ। ଆଦିତ୍ୟ ରିଖାରୀ ଗୀତକୁ ଆଜିର ଯୁବପିଢ଼ୀର ବାସ୍ତବତା ସହ ଯୋଡ଼ିଥିବା ବେଳେ, କୁଟଲେ ଖାନ ଏଥିରେ ମାଟିର ଗଭୀରତା ଓ ଆତ୍ମୀୟତା ଭରିଛନ୍ତି। ସେହିଭଳି ରାଭାଟୋର ଏହି ଦୁଇ ଭିନ୍ନ ଜଗତକୁ ଏପରି ଭାବେ ଏକାଠି କରିଛନ୍ତି, ଯାହା ଶୁଣିବାକୁ ନୂଆ ଲାଗିଲେ ମଧ୍ୟ ଏହାର ମୂଳଭାବନା ଅକ୍ଷୁର୍ଣ୍ଣ ରହିଛି। ସାନ୍ତନୁ ଗାଙ୍ଗାନେ, ଆଇଏମଏକ୍ସ (ଇଂଟିଗ୍ରେଟେଡ୍ ମାର୍କେଟିଙ୍ଗ ଏକ୍ସପେରିଏନ୍ସ) ଅଗ୍ରଣୀ, କୋକା-କୋଲା ଇଣ୍ଡିଆ ଆଣ୍ଡ ସାଉଥୱେଷ୍ଟ ଏସିଆ ମତବ୍ୟକ୍ତ କରି କହିଛନ୍ତି, "ଆଜିର ଭାରତୀୟ ସଙ୍ଗୀତ କେବଳ ଗୋଟିଏ ଶୈଳୀରେ ସୀମିତ ନୁହେଁ। ଶ୍ରୋତାମାନେ ଲୋକ ସଙ୍ଗୀତ, ଇଣ୍ଡି ଏବଂ ବୈଦ୍ୟୁତିକ ଭଳି ବିଭିନ୍ନ ବିଭାଗକୁ ପସନ୍ଦ କରୁଛନ୍ତି। ଏ ଅଜନବୀ ସହିତ ଆମେ ବିଭିନ୍ନ ପିଢ଼ୀ ଏବଂ ସଂସ୍କୃତିକୁ ଯୋଡ଼ିବାକୁ ଚେଷ୍ଟା କରିଛୁ। ଆମେ ଅତ୍ୟନ୍ତ ଉତ୍କଣ୍ଠାର ସହିତ ଏହି ସିଜିନକୁ ଉନ୍ମୁକ୍ତ କରିଛୁ ଯାହା ସହିତ ରହିଛନ୍ତି ସଙ୍ଗୀତ ଜଗତର ସିଦ୍ଧ ତଥା ହୃଦୟକୁ ଜୟ କରିବା ଭଳି ବ୍ୟକ୍ତିତ୍ୱ ଆଦିତ୍ୟ ରିଖାରୀ ଯାହାର ଲୋକପ୍ରିୟତା ମାଏଷ୍ଟ୍ରୋ କୁଟଲେ ଖାନଙ୍କର ଲୋକ ସଙ୍ଗୀତର ଉତ୍ସବର ମୂଳଦୁଆକୁ କୋକ୍ ଷ୍ଟୁଡ଼ିଓ ଭାରତର ହୃଦୟରେ ଧରି ରଖିପାରିଛି।

# ଧଳାପଥର ପଂଚାୟତରେ ଜିଲ୍ଲାପାଳଙ୍କ ଜନଶୁଣାଣି

**ଖୋର୍ଦ୍ଧା, ୨୫।୩ (ମହାଭାରତ):** ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ଧଳାପଥର ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନରେ ପଲ୍ଲୀରେ ଜିଲ୍ଲା ପ୍ରଶାସନିକ ଜନଶୁଣାଣି କରି ଜନ ସାଧାରଣ ମାନଙ୍କର ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକର ଶୁଣାଣି କରିଛନ୍ତି କ୍ଷଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବେଗୁନିଆ ବିଧାୟକ, ପ୍ରଦୀପ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ, ଉପ ଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ,ଆସିଷ୍ଟାଂଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଯୋଗଦେଇଥିଲେ। ଅଭିଯୋଗ ଶୁଣାଣି ରେ ମୋଟ ୯୭ଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୮୧ଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୧୬ଟି ଅଭିଯୋଗ ଆସିଥିଲା।



ଶିବିରରେ ତତ୍କାଳ ୬ଟି ଅଭିଯୋଗର ସମାଧାନ କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣୀ ଶିବିରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଓ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଅଭିଯୋଗକାରୀ ପ୍ରମିଳା ବରାଳ, ଗ୍ରାମ: ସାନ ହନ୍ତୁଆଡ, ଗ୍ରାମ ପଂଚାୟତ: ଗାଲୁଆଙ୍କୁ ତାଙ୍କ ପୁଅର ମୃତ୍ୟୁକାଳୀନ ସହାୟତା ପାଇଁ ୨୫ ହଜାର, ଜୟନ୍ତୀ ସୁନ୍ଦରାୟ, ଗ୍ରାମ: ସାନ ହନ୍ତୁଆଡ,ଗ୍ରା:ପ: ଗାଲୁଆ, ବୋଲଗଡ଼ଙ୍କୁ ଦୁର୍ଘଟଣା ଜନିତ ଆର୍ଥିକ ସହାୟତା ନିମନ୍ତେ ୨୫ ହଜାର, ଅଉରି ଚରଣ ତାଡ଼,ଗ୍ରାମ: ବଡନୟାପଲ୍ଲୀ, ବୋଲଗଡଙ୍କୁ ୧୦ ହଜାର, ବର୍ଷାରାଣି ବାରିକ, ଗ୍ରାମ: ବଡ଼ ନୟାପଲ୍ଲୀ, ବୋଲଗଡଙ୍କୁ ୧୦ ହଜାର ଏବଂ ଶ୍ରଦ୍ଧାଞ୍ଜଳି ମହାପାତ୍ର, ଗ୍ରାମ: ଦଳ ବେହେରା ପାଟଣା, ବୋଲଗଡଙ୍କୁ ପାଠ ପଢା ପାଇଁ ୧୦ ହଜାର ଆର୍ଥିକ ସହାୟତାକୁ ନେଇ ମୋଟ ୮୦ ହଜାର ଟଙ୍କା ଆର୍ଥିକ ସହାୟତା ଆଜିର ପଲ୍ଲୀରେ ପ୍ରଶାସନ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି,ଏବଂ ବିଭିନ୍ନ ଅତ୍ୟାବଶ୍ୟକ ସେବା ଜନସଚେତନତା ଷ୍ଟଲଗୁଡ଼ିକୁ ଜିଲ୍ଲାପାଳ, ବିଧାୟକ, ଆରକ୍ଷୀ ଅଧିକ୍ଷକ ପରିଦର୍ଶନ କରିଥିଲେ। ଅଭିଯୋଗ ଶୁଣାଣୀରେ ସଂପୃକ୍ତ ବ୍ଲକର ବିଡିଓ ସୁମନ ସୁଦ୍ଧା କୁଣ୍ଡୁ, ତହସିଲଦାର ବିଜୟ କୁମାର ସେଠୀ, ସରପଂଚ ନାରାୟଣ ସାହୁ ଙ୍କ ସମେତ ବ୍ଲକର ବିଭିନ୍ନ ପଂଚାୟତର ଜନ ପ୍ରତିନିଧି ଯୋଗଦେଇଥିଲେ।

# ଦକ୍ଷିଣ ଭାରତରେ ପଦ୍ମ ଫୁଟିବ

ଦୀର୍ଘ ବର୍ଷ ଧରି କ୍ରମାଗତ ପ୍ରଚେଷ୍ଟା ଯୋଗୁ ଏହି ସଫଳତା ମିଳିଛି । ଅଟଳ ବିହାରୀ ବାଜପେୟୀ ଏବଂ ଲାଲକୃଷ୍ଣ ଆଡଭାନୀ ଯାହାର ଭିତ୍ତି ପ୍ରତିଷ୍ଠା କରିଥିଲେ, ନରେନ୍ଦ୍ର ମୋଦି ଏବଂ ଅମିତ ଶାହ ଏହାର ମୁଣ୍ଡି ମାରିବାକୁ ଯାଉଛନ୍ତି ବୋଲି ସ୍ୱୀକାର କରିବାକୁ ପଡ଼ିବ । ଏବେ ବିଜେପିର ନଜର ଦକ୍ଷିଣ ଭାରତ ଉପରେ । ଗତ ଦୁଇ ଦଶନ୍ଧି ମଧ୍ୟରେ ଦକ୍ଷିଣ ଭାରତରେ ମଧ୍ୟ ବିଜେପି ସଫଳତାର ସ୍ୱାଦ ଚାଖିଛି । ଅଶୀ ଦଶକରେ କର୍ଣ୍ଣାଟକରେ ରାମକୃଷ୍ଣ ହେଗଡ଼େଙ୍କ ନେତୃତ୍ୱରେ ଜନତା ପାର୍ଟୀ ବିଜେପି ସହାୟତାରେ ପ୍ରଥମେ ସରକାର ଗଠନ କରିଥିଲା । ପରେ ଅବଶ୍ୟ ସେ ଏକାକି ନିଜର ସରକାର ଗଠନରେ ସମର୍ଥ ହୋଇଥିଲେ । କିନ୍ତୁ ସେବେଠାରୁ କର୍ଣ୍ଣାଟକରେ ବିଜେପି ଦିନେ ମୁଖ୍ୟ ରାଜନୈତିକ ଦଳ ହେବ ବୋଲି ସଙ୍କେତ ମିଳିଥିଲା । ଜନତା ଦଳର ଅବକ୍ଷୟ ଏବଂ ବିଭାଜନ ପରେ ତାହା ହିଁ ହେଲା । ରାଜ୍ୟରେ କଂଗ୍ରେସର ମୁଖ୍ୟ ବିକଳ୍ପ ଭାବେ ବିଜେପି ଉଭା ହେଲା । ନିଜ ଦମରେ ଏକାକି ସରକାର ଗଠନ କରିପାରିଲା । ଏବେ କର୍ଣ୍ଣାଟକରେ ବିଜେପି ମୁଖ୍ୟ ବିରୋଧୀ ଦଳ । ପୁଣି ଏହା ରାଜ୍ୟରେ କ୍ଷମତାକୁ ଫେରିବ । ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ବିଜେପି ଶାସନ କ୍ଷମତାକୁ ଆସିବାରେ ସକ୍ଷମ ହୋଇନାହିଁ, କିନ୍ତୁ ନିଜର ସ୍ଥିତି ଜାହିର କରିଛି । ଆନ୍ଧ୍ରପ୍ରଦେଶରେ ଏନଡିଏର ବିଜୟରେ ବିଜେପିର ନେତୃତ୍ୱ ହୋଇଛି ନିର୍ଣ୍ଣାୟକ । ତେଲେଙ୍ଗାନାରେ ମଧ୍ୟ ବିଜେପି ନିଜକୁ ଏକ ଶକ୍ତିଭାବେ ପ୍ରତିଷ୍ଠା କରିପାରିଛି । ଗତ ଲୋକସଭା ନିର୍ବାଚନରେ ବିଜେପି ତେଲେଙ୍ଗାନାରେ ଚମତ୍କାର ସଫଳତା ହାସଲ କରିଥିଲା । ହୁଏତ ଭବିଷ୍ୟତରେ ଏହା ରାଜ୍ୟରେ ସରକାର ଗଠନ କରିପାରେ । କିନ୍ତୁ ସରକାର ଗଠନ କରିବା ବଡ଼ କଥା ନୁହେଁ, ବଡ଼ କଥା ହେଲା ନିଜକୁ ଏକ ରାଜନୈତିକ ଶକ୍ତି ଭାବେ ପ୍ରତିଷ୍ଠା କରିବା । ଏବେ ତାମିଲନାଡୁ ଏବଂ କେରଳରେ ବିଜେପି ଏହି ଉଦ୍ୟମ ଆରମ୍ଭ କରିଛି । ଉଭୟ ରାଜ୍ୟରେ ବିଜେପିର ଭୋଟ ପ୍ରତିଶତ କ୍ରମାଗତ ଭାବେ ବୃଦ୍ଧି ପାଉଛି । କେରଳରେ ଗତ ଲୋକସଭା ନିର୍ବାଚନରେ ବିଜେପି ପ୍ରଥମ ଥର ପାଇଁ ଖାତା ଖୋଲିବାରେ ସଫଳ ହୋଇଥିଲା । ଏବେ ବିଧାନସଭା ନିର୍ବାଚନରେ ବିଜେପି କେରଳରେ କ୍ଷମତା ଦଖଲ ନକଲେ ମଧ୍ୟ ଦୁଇ ଅଙ୍କ ବିଶିଷ୍ଟ ଆସନ ଦଖଲ କରିବା ଏବଂ ୧୦ ପ୍ରତିଶତରୁ ଅଧିକ ଭୋଟ ପାଇବା ଲକ୍ଷ୍ୟ ରଖିଛି । ବିଜେପି ଅଧିକ ଭୋଟ ପାଇଲେ ରାଜ୍ୟରେ ନିର୍ବାଚନ ସମୀକରଣ ବଦଳି ଯାଇପାରେ । ସେହିପରି ଦକ୍ଷିଣ ଭାରତର ସବୁଠାରୁ ବଡ଼ ରାଜ୍ୟ ତାମିଲନାଡୁରେ ବିଜେପିର ଶକ୍ତି ଅତି ସୀମିତ । କିନ୍ତୁ ସେଠାରେ ମଧ୍ୟ ଦଳର ଭୋଟ ହାର ବଢୁଛି, ଲୋକପ୍ରିୟତାରେ ଉନ୍ନତି ଆସିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଭୟ କେରଳ ଏବଂ ତାମିଲନାଡୁ ଦଖଲକୁ ନିଜର ରାଜନୈତିକ ମିଶନ ଭାବେ ବିଚାର କରୁଛନ୍ତି । ଦେଶର ଉପ ରାଷ୍ଟ୍ରପତି ସି ପି ରାଧାକ୍ରିଷ୍ଣନ ତାମିଲନାଡୁର ନେତା । ଏକଦା ସେ କୋଇମ୍ବାଟୁର ସାଂସଦ ଥିଲେ । ରାଜ୍ୟରେ ବିଜେପିର ଶକ୍ତି ବୃଦ୍ଧିକୁ ଦୃଷ୍ଟିରେ ରଖି ମୁଖ୍ୟ ବିରୋଧୀ ଦଳ ଆନ୍ନାଡିଏମକେ ଏହା ସହିତ ଆସନ ବୁଝାମଣା କରିଛି । ଆଗାମୀ ନିର୍ବାଚନରେ ତାମିଲନାଡୁରେ ବିଜେପି ନିଜ ଶକ୍ତି ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି । ଏଥିପାଇଁ ମୋଦି ଏବଂ ଶାହ ଘନଘନ ତାମିଲନାଡୁ ଗସ୍ତରେ ଯାଉଛନ୍ତି । ଯଦି ତାମିଲନାଡୁରେ ଏଥର ଏନଡିଏ ସରକାର ଗଠନ କରିବ ତେବେ ଏହା ବିଜେପିର ଏକ ସଫଳତା ହେବ । କିନ୍ତୁ ଦକ୍ଷିଣ ଭାରତରେ ବିଶେଷ କରି ତାମିଲନାଡୁରେ ଯଦି ବିଜେପି ନିଜକୁ ପ୍ରତିଷ୍ଠା କରିବାକୁ ଚାହୁଁଛି ତେବେ କେରଳ ଭଳି ଏହାକୁ ସେଠାରେ ଏକାକି ଲଢ଼ିବାକୁ ପଡ଼ିବ । କର୍ଣ୍ଣାଟକ, ଓଡ଼ିଶା, ୟୁପିରେ ଏହା ସଫଳ ହୋଇଛି । କ୍ଷମତା ଦଖଲ ବିଳମ୍ବିତ ହୋଇପାରେ ।

# କର୍ମଜୀବୀ ମହିଳାଙ୍କ ପାଇଁ

॥ ନିବେଦିତା ଶୁକ୍ଳା ॥

*ଜଣେ କର୍ମଜୀବୀ ମହିଳା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଲା ସମୟକୁ ସଦୁପଯୋଗ କରିବା । ଅଳ୍ପ ସମୟ ବ୍ୟବଧାନରେ ସେ କିଭଳି ସବୁ କାର୍ଯ୍ୟକୁ ସୂଚାରୁ ରୂପେ କରିପାରିବ ସେଥିପାଇଁ ସେ ନିଜ କର୍ମ ତତ୍ପରତା ଉପରେ ନଜର ରଖିବା ଉଚିତ । ଆଜିକାଲିର ପ୍ରତିଯୋଗିତା ମୂଳକ ଦୁନିଆରେ ଉପଯୁକ୍ତ ସମୟରେ ଯଦି କାର୍ଯ୍ୟଟି ହାସଲ କରାନଯାଏ ତେବେ ପଛରେ ପଡ଼ିଯିବାଟା ସ୍ୱାଭାବିକ । ତେଣୁ ଆମମାନଙ୍କୁ ଯେ କୌଣସି କାର୍ଯ୍ୟକୁ ସୂଚାରୁ ରୂପେ କରିବା ପାଇଁ ଉପଯୁକ୍ତ ସମୟର ନିୟୋଜନ କରିବାକୁ ପଡ଼ିଥାଏ ।*

ଜଣେ କର୍ମଜୀବୀ ମହିଳା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଲା ସମୟକୁ ସଦୁପଯୋଗ କରିବା । ଅଳ୍ପ ସମୟ ବ୍ୟବଧାନରେ ସେ କିଭଳି ସବୁ କାର୍ଯ୍ୟକୁ ସୂଚାରୁ ରୂପେ କରିପାରିବ ସେଥିପାଇଁ ସେ ନିଜ କର୍ମ ତତ୍ପରତା ଉପରେ ନଜର ରଖିବା ଉଚିତ । ଆଜିକାଲିର ପ୍ରତିଯୋଗିତା ମୂଳକ ଦୁନିଆରେ ଉପଯୁକ୍ତ ସମୟରେ ଯଦି କାର୍ଯ୍ୟଟି ହାସଲ କରାନଯାଏ ତେବେ ପଛରେ ପଡ଼ିଯିବାଟା ସ୍ୱାଭାବିକ । ତେଣୁ ଆମମାନଙ୍କୁ ଯେ କୌଣସି କାର୍ଯ୍ୟକୁ ସୂଚାରୁ ରୂପେ କରିବା ପାଇଁ ଉପଯୁକ୍ତ ସମୟର ନିୟୋଜନ କରିବାକୁ ପଡ଼ିଥାଏ ।

ଦୈନିକ ସୂଚୀ : ପ୍ରଥମେ କର୍ମଜୀବୀ ମହିଳାମାନଙ୍କୁ ମାସିକ କାର୍ଯ୍ୟରାଶିର ସୂଚୀ ପ୍ରସ୍ତୁତ କରିବାକୁ ପଡ଼ିବ । କାରଣ ଏହି ସୂଚୀ ହେଉଛି କାର୍ଯ୍ୟର ଆଇନା ସଦୃଶ । ଯାହାକୁ ଆମେ ଦେଖି ପ୍ରାଥମିକ ଅବସ୍ଥାରେ ସ୍ଥିର କରିବା ଯେ, କେଉଁ କାର୍ଯ୍ୟଟି ପ୍ରଥମେ କରିବା ଆବଶ୍ୟକ ଏବଂ କେଉଁ ନିଜ ପାଇଁ ଗୁରୁତ୍ୱପୂର୍ଣ୍ଣ ତାହା ପ୍ରଥମେ ସ୍ଥିର କରିବା ଉଚିତ୍ । ଏଭଳି କିଛି କାର୍ଯ୍ୟ ରହିଛି ଯାହାକୁ ଆମକୁ ମାସକୁ ଥରେ କରିବାକୁ ପଡ଼େ, ଅନ୍ୟ କେତେକ ସପ୍ତାହରେ ଏବଂ ଅନ୍ୟ କିଛି ପ୍ରତ୍ୟେକ ଦିନଚର୍ଯ୍ୟାରେ ରହିଥାଏ ।



ମାସିକ କାର୍ଯ୍ୟ : ଏଭଳି କାମ ରହିଛି ଯାହାକୁ ଆମେ ମାସକୁ ଥରେ ମାତ୍ର କରିବା ଯଥା – ଇଲେକ୍ଟ୍ରି ବିଲ୍ ପେମେଣ୍ଟ, ଫୋନ୍ ବିଲ ପେମେଣ୍ଟ, ଘର ଭଡ଼ା ପେମେଣ୍ଟ ଏବଂ ତତ୍ ସମ୍ବନ୍ଧୀୟ ଅନ୍ୟାନ୍ୟ କାର୍ଯ୍ୟ । ଏହସବୁ ମାସିକଆ କାର୍ଯ୍ୟକୁ ପ୍ରଥମେ କରିବା ଉଚିତ୍ ଯେପରି ଆଗକୁ ସମସ୍ୟା ନଆସିବ । ମାସକୁ ଥରେ ଗ୍ରୋସରୀ ଆଣିବା କାର୍ଯ୍ୟ ମଧ କରିବାକୁ ପଡ଼ିଥାଏ ।

ସାପ୍ତାହିକ କାର୍ଯ୍ୟ : କର୍ମଜୀବୀ ମହିଳାମାନେ ସପ୍ତାହକୁ ଥରେ ମାତ୍ର ଛୁଟିଦିନ ପାଇଥାନ୍ତି । ଯେଉଁ ଦିନ ଭଲ ରୋଷେଇ କରି ବନ୍ଧୁ ଚର୍ଚ୍ଚା କରାଯାଏ, ଡ୍ରେସ ସଫା କରାଯାଏ, ତାକୁ ଆଇରନ୍ ଦିଆଯାଏ ଏଭଳି ଅନେକ । ଆଉ ଅନେକ କାର୍ଯ୍ୟ ରହିଛି ଯାହାକୁ ସପ୍ତାହକୁ ୨/୩ ଥର କରିବାକୁ ପଡ଼ିପାରେ, ଯଥା ହାଟକୁ ଯାଇ ପରିବାପତ୍ର କିଣିବା, ଘର ପାଇଁ ଅନ୍ୟାନ୍ୟ ଜିନିଷ ମାର୍କେଟିଙ୍ଗ୍ କରିବା ଇତ୍ୟାଦି ଇତ୍ୟାଦି ।

ଦୈନିକ : ଦୈନିକ କାର୍ଯ୍ୟରାଶିକୁ ନିଜେ ନିର୍ଦ୍ଧାରଣ କରିବା ଆବଶ୍ୟକ ଯେ, କେଉଁ କାର୍ଯ୍ୟକୁ କେତେବେଳେ କରିଲେ ଆପଣଙ୍କୁ କୌଣସି ଅସୁବିଧା ହେବ ନାହିଁ । ଏକ ଭଲ ରୁଟିନ ଜୀବନ ବିଶେଷକରି କର୍ମଜୀବୀ ମହିଳାଙ୍କ ପାଇଁ ନିଜ ସହ ପରିବାର ଓ କର୍ମ ସଂସ୍ଥାନରେ ବ୍ୟସ୍ତ ଥିଲେ ସେ ଅନୁଷ୍ଠାନ ପାଇଁ ବି ଉତ୍ସାହପ୍ରଦ ହୋଇପାରିବ ।

ଅନ୍ୟ ସଦସ୍ୟଙ୍କୁ କାର୍ଯ୍ୟରେ ଲିପ୍ତ : କିଛି କାର୍ଯ୍ୟରେ ଘରର ଅନ୍ୟ ସଦସ୍ୟଙ୍କୁ ସାମିଲ୍ କରନ୍ତୁ । ପିଲାମାନଙ୍କୁ ସେମାନଙ୍କ କାର୍ଯ୍ୟକୁ ନିଜେ କରିବାକୁ ପରାମର୍ଶ ଦିଅନ୍ତୁ । ଅଯଥା ସମୟ ନେଲାଭଳି କାର୍ଯ୍ୟରେ ଲିପ୍ତ ନହେବା ଉଚିତ୍ । କାରଣ ସେହି ସମୟରେ ଜରୁରୀ ଭାବୁଥିବା କାର୍ଯ୍ୟକୁ ଶେଷ କରନ୍ତୁ ।

ଜରୁରୀ କାର୍ଯ୍ୟ ପ୍ରତି ଧ୍ୟାନ : ଫୋନ୍‌ରେ କଥା ହୋଇ ଅନ୍ୟମାନଙ୍କ ପାଇଁ ସମୟ ଅପଚୟ ନକରି ବରଂ ସେହି ସମୟରେ ଜରୁରୀ କାର୍ଯ୍ୟର ଅଳ ଦେଖାଇ ଫୋନ୍‌ରେ ଅଳ୍ପ କଥା ହୋଇ ରଖନ୍ତୁ ଅଥବା ଯଦି ସମ୍ମୁଖରେ କଥାବାର୍ତ୍ତା ହେଉଛନ୍ତି ତେବେ ସେ ସ୍ଥାନରୁ ଶୀଘ୍ର ଯିବା ପାଇଁ ଚେଷ୍ଟା କରନ୍ତୁ ।

ରଚନାତ୍ମକ କାର୍ଯ୍ୟ : ପ୍ରାୟ ବ୍ୟକ୍ତିବିଶେଷ ଅଧ୍ୟୟନରେ ଲିପ୍ତ ରୁହନ୍ତି । କର୍ମ ସହିତ ଅଧ୍ୟୟନ କରିବା କଷ୍ଟକର ହୋଇଥାଏ । ଯେପରି ଗୀତ କବିତା ଲେଖିବା, ଅଧିକାଂଶ ସମୟ ଟିଭି ଦେଖିବା । ଏହା ସତ୍ୟ ଯେ, କୌଣସି କାର୍ଯ୍ୟକୁ ଉପଯୁକ୍ତ ଭାବେ ନକରିଲେ ତାହା ହୁଏ ନାହିଁ । ମନେରଖିବା ଉଚିତ ଯେ, ଯେ କୌଣସି କାର୍ଯ୍ୟକୁ ଶାନ୍ତି ଶୃଙ୍ଖଳାର ସହିତ ଭାବିଚିନ୍ତି କରିଲେ ନିଶ୍ଚିତ ରୂପେ ଭଲ ଫଳ ଦିଏ ।

ଆସନ୍ତା କାଲି ପାଇଁ କାର୍ଯ୍ୟ : ବହୁତ ଗୁଡ଼ିଏ କାର୍ଯ୍ୟ ରହିଛି ଯାହାକୁ ଆମେ ଯିବା ଆସିବା ସମୟରେ ମଧ କରିଦେବା । କିନ୍ତୁ ଏଭଳି କରିଦେବା ଭାବି ଯଦି କାଲି ପର୍ଯ୍ୟନ୍ତ ତାକୁ ଛାଡ଼ି ଦିଆଯାଏ, ତେବେ ସେହି କାର୍ଯ୍ୟଟି ହେବାରେ ବିଳମ୍ବ ହୁଏ ଯାହା ପାଇଁ ଅନ୍ୟ କାର୍ଯ୍ୟରେ ବାଧା ସୃଷ୍ଟି ହୁଏ । ତେଣୁ ଯେତେଦୂର ସମ୍ଭବ ଆରମ୍ଭ କରିଥିବା କାର୍ଯ୍ୟକୁ ଧୈର୍ଯ୍ୟର ସହିତ ଶେଷ କରି ଅନ୍ୟ କାର୍ଯ୍ୟରେ ହାତ ଦେବା ଉଚିତ୍ ।

ଅତି ବ୍ୟସ୍ତତା ଠାରୁ ଦୂରେଇ ରହିବା : ପ୍ରାୟ ଜଣାପଡ଼ିଛି ଯେ, ସକାଳ ସମୟରେ ଅଧିକ ବ୍ୟସ୍ତତା ମଧ୍ୟରେ ରହିବାକୁ ପଡ଼େ । ସେହି ସମୟରେ ଆମେ କୌଣସି ଲୋକକୁ ଭେଟିବା ଉଚିତ୍ ନୁହେଁ ଏବଂ ଯଦି ସମ୍ଭବ ତେବେ ଫୋନ୍ କଲ୍ ଠାରୁ ଦୂରେଇ ରୁହନ୍ତୁ ।

ଯଥାର୍ଥବାଦୀ ହୁଅନ୍ତୁ : ସମୟ ନିୟୋଜନ ଠିକ୍ ରୂପେ କରିବା ପାଇଁ ପ୍ରଥମେ ସିଦ୍ଧାନ୍ତ କରିବା ଉଚିତ ଯେ, କେଉଁ କାର୍ଯ୍ୟଟି କେତେ ସମୟ ଭିତରେ ହୋଇପାରିବ । ଜୀବନ ଓ ସମୟର ପ୍ରତିଟି ମୁହୂର୍ତ୍ତକୁ ବୁଝନ୍ତୁ । ଆହ୍ୱାନଭରା ପ୍ରତି କ୍ଷଣକୁ ଆନନ୍ଦର ସହିତ ସକରାତ୍ମକ ଭାବରେ ଏକ ଯଥାର୍ଥ ଚେତନାକୁ ନିଜର ଶକ୍ତି ଭାବେ ଗ୍ରହଣ କରି ଜୀବନକୁ ଆଗେଇ ନେଲେ ଏହା ଆଦୌ ସମସ୍ୟା ବହୁଳ ହେବନାହିଁ ବରଂ ପ୍ରତିଟି କ୍ଷେତ୍ରରେ ଆପଣ ସୁଯୋଗ ଓ ଆନନ୍ଦର ମୁହୂର୍ତ୍ତକୁ ଉପଭୋଗ କରିପାରିବେ ।

ନାରୀ ସର୍ଜନା କ୍ଷେତ୍ରରେ ସମର୍ପିତା । ସେ ହେଉଛି ଏ ସୃଷ୍ଟିର ଅମୂଲ୍ୟ ସମ୍ପଦ । ସେ ଶକ୍ତି, ସେ କରୁଣା, ସେ ସୃଜନଶୀଳତାର ଅବିରତ ସ୍ରୋତସ୍ୱନୀ । ନାରୀ ଚରିତ୍ରରେ ଦିବ୍ୟ ମାତୃତ୍ୱର ଝଲକ ପରିସ୍ଫୁଟିତ ହୋଇଥାଏ । ଯଦିଓ ସମୟକ୍ରମେ ଅବିବେକ ଓ ଅସଂଯମର ଛାୟା ମଧ ପ୍ରକାଶିତ ହୁଏ । ନାରୀ ଜୀବନରେ ପ୍ରତିଟି କ୍ଷେତ୍ରରେ ଆହ୍ୱାନ ଭରା ପରିସ୍ଥିତିକୁ ସାମ୍ନା କରିଥାଏ । ଏ ସବୁ କ୍ଷେତ୍ରରେ ଆତ୍ମ ପରିଶୋଧନ, ଆତ୍ମ ଚେତନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ନାରୀ ହେଉଛି ସୃଷ୍ଟିର ଆଦ୍ୟ, ମୂଳ ଓ ସଂଯିବୀତ ଜାଗ୍ରତ ଶକ୍ତି । ଗୋଟିଏ ନାରୀର ଚିନ୍ତା ଚେତନାରେ ଆଖପାଖର ପରିବେଶ ଗଢ଼ି ଉଠେ, ଭରିଯାଏ ଆନନ୍ଦ ଉଲ୍ଲାସର ପରଷରେ । ଆଜିର ଆହ୍ୱାନଭରା ସମୟରେ ଅନେକ କ୍ଷେତ୍ରରେ ଅନ୍ୟ ମାନଙ୍କ ସ୍ୱାର୍ଥପରତା, ଅହଂକାର, କଟୁତାକୁ ସାମ୍ନା କରି ଦାୟିତ୍ୱରୁ କିନ୍ତୁ ପଳାୟନ କରିବା ଅନୁଚିତ । ଅନ୍ୟ ମାନଙ୍କ ଈର୍ଷାକୁ ଆନନ୍ଦର ସହ ଗ୍ରହଣ କରି ନୈତିକପୂର୍ଣ୍ଣ ଆଦର୍ଶଣୀୟ ଆଚରଣର ଜୀବନ ସମସ୍ତଙ୍କ ପାଇଁ ଶିକ୍ଷଣୀୟ ହୋଇଥାଏ । ପରିବାର, ସଂସ୍କାର ଓ ସମାଜର ଆଦର୍ଶର ପ୍ରେରଣାଦାତ୍ରୀ ହୋଇଥାନ୍ତି । ଆଗାମୀ ପିଢ଼ିର ସ୍ରଷ୍ଟା ମାନଙ୍କୁ ଉତ୍କୃଷ୍ଟ ଜୀବନ ଶିକ୍ଷାର ମୂଲ୍ୟବୋଧ ପ୍ରଦାନ କରନ୍ତି । ଜଣେ ଉତ୍ତମ ନାରୀ ଯେ ଦୀପ ଶିଖା ପରି ପ୍ରତିଭାତ ହୋଇ ଖୁସି, ଆନନ୍ଦ, ସୁଖ, ଗୌରବ, ଯଶର ଆଲୋକରେ ଦୁହିତା ଦୁଇ କୁଳକୁ ହିତା ପରି ଦୁଇ ଘର ଅର୍ଥାତ୍ ବାପ ଘର ଓ ଶାଶୁଘରର ଗୌରବକୁ ଆଲୋକିତ କରିଥାନ୍ତି । ସେ ସମାଜର ଓ ପରିବାରର ଶକ୍ତିକେନ୍ଦ୍ର ହୋଇ ଅନେକ ସମୟରେ ଜୀବନର ବିପରୀତ ପରିସ୍ଥିତିକୁ ସାମ୍ନା କରି ଏ ଯୁଗ ପାଇଁ ଆଦର୍ଶମୟୀ ମହିମାମୟୀ ଭାବେ ଚିର ବିମଣ୍ଡିତା ହୋଇଥାନ୍ତି ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪

# ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସିନା ସ୍ୱାଧୀନତା ଲାଭ କଲା କିନ୍ତୁ ଆଜିର ଦିନରେ ସ୍ୱାଧୀନତା ଭାରତ ବିଧିବଦ୍ଧ ଭାବେ ତା'ର ପ୍ରଣୀତ ସମ୍ବିଧାନକୁ ଦାପ୍ତରିକ ସ୍ୱୀକୃତି ପ୍ରଦାନ କଲା । ଅନ୍ୟ ଅର୍ଥରେ ଏହି ପବିତ୍ର ସମ୍ବିଧାନ ହିଁ ଦେଶ ଶାସନର ସର୍ବଶ୍ରେଷ୍ଠ ଓ ସର୍ବୋଚ୍ଚ ନିୟାମକ ଗ୍ରନ୍ଥ । ଏହା ଦେଶର ଦର୍ପଣ ସଦୃଶ, ଯେଉଁଠି ଆଇନ ପ୍ରଣୟନକାରୀ, ଆଇନ କାର୍ଯ୍ୟକାରୀ ଓ ଆଇନ ସୁରକ୍ଷାକାରୀ ଏହି ତିନି ବର୍ଗର ପ୍ରତିନିଧିମାନେ ନିଜ ନିଜର କାର୍ଯ୍ୟ ସଂପାଦନରେ ପ୍ରତିଦିନ ମୁହଁ ଦେଖିଥାନ୍ତି । ଦେଶର ସାର୍ବଭୌମତ୍ୱ ରକ୍ଷା ଦିଗରେ ଏହା ବେଦ ବା ଗୀତା ସଦୃଶ । ଏଭଳି ଏକ ପବିତ୍ର ଗ୍ରନ୍ଥ ରଚନାରେ ଦେଶର ବିଭିନ୍ନ ବର୍ଗର ବହୁ ବୁଦ୍ଧିଜୀବୀ, ଚିନ୍ତାନାୟକ କେତେ ନା କେତେ ପରାମର୍ଶ ଓ ଶ୍ରମଦାନ କରିଛନ୍ତି ତାହା ଇତିହାସର ଏକ ଅମର ଅଧ୍ୟାୟ ହୋଇ ରହିଛି ।

ସତସଙ୍ଗର ପ୍ରାଣପୁରୁଷ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣରେ ଭାରତବାସୀଙ୍କୁ ଆହ୍ୱାନ ଜଣାଇଲେ – ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ – ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି – ଫାଙ୍କି ଦେଲେ ତାହା ହିଁ ପାଇବ । ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇ ଉଠିଛନ୍ତି – ଋଷିଙ୍କୁ ବାଦ ଦେଇ ଋଷି ବାଦର ଉପାସନା ଆରମ୍ଭ ହୋଇଛି । ଭାରତ ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ, ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି, ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହୁଅ – ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ, ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି । କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରିହିଁ ପରବର୍ତ୍ତୀଙ୍କର ଆବିର୍ଭାବ । ସମଗ୍ର ମାନବ ଜାତିକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆହ୍ୱାନ ଦେଇ କହିଲେ – ସର୍ବପ୍ରଥମ ଆତ୍ମମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ । ସାହସୀ ହେବାକୁ ହେବ, ବୀର ହେବାକୁ ହେବ । ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା । ତଡ଼ ଯେତେ ଶୀଘ୍ରପାର ଏହି ରକ୍ତ ଶୋଷଣକାରୀ ଅବସାଦ ଉତ୍ପାଦକ ବାଦୁଡ଼ିକୁ । ସ୍ମରଣ କର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାଙ୍କ ସନ୍ତାନ । ହଟି ଯିବାଟା ବରଂ ଦୁର୍ବଳତା ନୁହେଁ କିନ୍ତୁ ଚେଷ୍ଟା ନକରିବା ହିଁ ଦୁର୍ବଳତା । ତୁମେ କୌଣସି କିଛି କରିବାକୁ ପ୍ରାଣପଣେ ଚେଷ୍ଟା କରି ମଧ ଯଦି ବିଫଳ ମନୋରଥ ହୁଅ, କ୍ଷତି ନାହିଁ ତୁମେ ଛାଡ଼ ନାହିଁ ଏହି ଅମ୍ଳାନ ଚେଷ୍ଟା ହିଁ ତୁମକୁ ମୁକ୍ତି ଆଡ଼କୁ ନେଇଯିବ । ତୁମେ କୁହନା ତୁମେ ଭୀରୁ, କୁହନା ତୁମେ କାପୁରୁଷ, କୁହନା ତୁମେ ଦୁରାଶୟ । ପିତାଙ୍କ ଆଡ଼କୁ ନଜର କର, ଆବେଗଭରେ କୁହ – ହେ ପିତା, ମୁଁ ତୁମରି ସନ୍ତାନ; ମୋର ଆଉ ଜଡ଼ତା ନାହିଁ, ଆଉ ଦୁର୍ବଳତା ନାହିଁ, ମୁଁ ଆଉ କାପୁରୁଷ ନୁହେଁ, ମୁଁ ଆଉ ତୁମକୁ ଭୁଲି ନରକ ଆଡ଼କୁ ଦୌଡ଼ି ଯିବିନାହିଁ, ଆଉ ତୁମର ଜ୍ୟୋତି ଆଡ଼କୁ ପଛକରି ଅନ୍ଧକାର ଅନ୍ଧକାର ବୋଲି ଚିତ୍କାର କରିବି ନାହିଁ । ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ କାଞ୍ଚନ ପ୍ରତି ଆସକ୍ତିରୁ ଆସେ । ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ । ପ୍ରତ୍ୟେକଙ୍କ ମା' – ହିଁ ଜଗଜ୍ଜନନୀ । ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ । ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକକୁ ଛୁଇଁବା ଅନୁଚିତ – ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ । ଧର୍ମର ସର୍ବସମନ୍ୱୟୀ ବ୍ୟାଖ୍ୟାରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଲେ – ଧର୍ମ କେବେ ହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ । ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହା ବୋଲି ଧର୍ମ ବହୁତ ହୋଇପାରେ ନାହିଁ । ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିୟାନ ଧର୍ମ, ବୌଦ୍ଧ ଧର୍ମ ଇତ୍ୟାଦି କଥା ମୋ ମତରେ ଭୁଲ, ବରଂ ସେ ସବୁ ଗୁଡ଼ିକ ମତ । କୌଣସି ମତ ସହିତ କୌଣସି ମତର ପ୍ରକୃତ ପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ – ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ । ସତ୍‌ସଙ୍ଗ ଚାହେଁ ଭାରତ ଏକ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ରାଷ୍ଟ୍ର ହେଉ । ଆମେ କଂଗ୍ରେସ ମୁକ୍ତ ଭାରତ ଚାହୁଁନା, ବା ସଂଘ ମୁକ୍ତ ଭାରତ ଚାହୁଁନା । ଆମେ ଚାହୁଁ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ । ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଉଦ୍ଦାମ କଣ୍ଠରେ ଗାଇ ଉଠିଲେ – 'ଆର୍ଯ୍ୟ ଭାରତ ବର୍ଷ ମୋର, ଜ୍ଞାନ ଗରିମା ଗରବିନୀ, ଦ୍ୟୁତିପ୍ରେକ୍ଷା ସ୍ଫୁରକ ପ୍ରଜ୍ଞା, ଦ୍ୟୁଲୋକ ଦୀପକ ମାଳିନୀ, ରକ୍ତ ତପନ କ୍ଷିପ୍ତ ଆଲୋକ, ରଶ୍ମି ପୁଲକ ଝଲକ ଝଲକ, ଦୀପ୍ତ ରିକ୍ତ ପାବକ ଅନଘ, ମୃତ୍ୟୁ ବିଜୟ ଦାୟିନୀ ! ହୋମର ଅନଳ ନାଚେ ଛଳ ଛଳ, ବହେ ସରସ୍ୱତୀ ସିନ୍ଧୁ ପ୍ରବଳ, ଦୃଷଦ୍ୱତୀ ଦେଲା ଅର୍ଘ୍ୟ ଆଂଚଳ, ସ୍ଫୁରିତ ଇନ୍ଦୁ ସ୍ମିତ ଟଳ ଟଳ, ଚଲେ ଭାଗିରଥୀ ଡାକେ କଳକଳ, ସାଗର ଧୌତ ଚରଣ ଯୁଗଳ, ତୁଙ୍ଗ ଧବଳ କିରୀଟିନୀ, ଅଯୁତ ରଶ୍ମି ଦୀପ୍ତ କେନ୍ଦ୍ର, ପୁରୁଷୋତ୍ତମ ଚିର ଅତନ୍ଦ୍ର, ଜାଗେ ଆହ୍ୱାନ ବିପୁଳ ମନ୍ଦ୍ର, ଅମର ଲପନା ଜୀବନ ସାନ୍ଦ୍ର, ଆର୍ଯ୍ୟ ଗରିମା ଗଭୀର ମନ୍ତ୍ର, ଛଳକି ସତ୍ତା ଏକଟି ତନ୍ତ୍ର, ଭାରତ ବିଶ୍ୱ ରତାୟିନୀ' । ଶ୍ରୀ ଶ୍ରୀ ଠାକୁର ଅତି ଦୃଢ଼ ଚିତ୍ତରେ ଘୋଷଣା କଲେ – ତୁମେ, ଠିକ୍ ଠିକ୍ ଜାଣ ଯେ, ତୁମେ ତୁମର, ତୁମ ନିଜ ପରିବାରର, ଦଶର ଏବଂ ଦେଶର ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଦାୟୀ ।

ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

# ବିଶ୍ୱାସର ମହାକୁମ୍ଭ ଓ ତୀର୍ଥରାଜ ପ୍ରୟାଗ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ତପୋଭୂମି ପ୍ରୟାଗରାଜ କେବଳ ଏକ ଭୌଗୋଳିକ ଭୂଖଣ୍ଡ ନୁହେଁ, ଏହା ଆଧ୍ୟାତ୍ମିକ ଅନୁଭୂତିର କ୍ଷେତ୍ର । ପ୍ରୟାଗରାଜରେ ଧର୍ମ, ର୍ଥ, କାମ ଓ ମୋକ୍ଷ ପ୍ରାପ୍ତି ହୋଇଥାଏ । ସାଧୁ ସଦାନନ୍ଦଙ୍କ କହିବାନୁଯାୟୀ, ହଜାର ହଜାର ବର୍ଷ ଧରି ଚାଲି ଆସୁଥିବା ଆଧ୍ୟାତ୍ମିକ ଓ ସାଂସ୍କୃତିକ ଯାତ୍ରାର ଜୀବନ୍ତ ପ୍ରତୀକ ହେଉଛି ମହାକୁମ୍ଭ । ଏହି ଭବ୍ୟ ମେଳା ଧର୍ମ, ଜ୍ଞାନ, ଭକ୍ତି ଓ କଳାର ଏକ ଦିବ୍ୟ ସମାଗମ । ପ୍ରୟାଗରେ ସ୍ନାନ କରୁଥିବା ବ୍ୟକ୍ତି ପାପରୁ ମୁକ୍ତି ପାଇଥାଏ ବୋଲି ବିଶ୍ୱାସ ରହିଛି । ରାଜା ସମ୍ରାଟଙ୍କ ଯୁଗ ହେଉ ଅଥବା ଶହ ଶହ ବର୍ଷର ବ୍ରିଟିଶ ଦାସତ୍ୱର ଯୁଗ, ବିଶ୍ୱାସର ଏହି ପ୍ରବାହ କେବେ ବନ୍ଦ ହୋଇନାହିଁ । କୁମ୍ଭ ହେଉଛି ମନୁଷ୍ୟର ଅଭ୍ୟନ୍ତରୀଣ ଚେତନା । ଯେଉଁ ଚେତନା ସ୍ୱତଃ ଜାଗ୍ରତ ହୋଇଯାଏ ଏବଂ ଭାରତର କୋଣଅନୁକୋଣରୁ ଲୋକଙ୍କୁ ସଙ୍ଗମ କୂଳକୁ ଆକର୍ଷିତ କରିଥାଏ ।

କୁମ୍ଭମେଳାର ଉଲ୍ଲେଖ ପୁରାଣରେ ଥିଲେ ବି ଏହି ସଂଗଠିତ ଉତ୍ସବର ଏକ ଇତିହାସ ମଧ ରହିଛି ଯାହା ହଜାର ହଜାର ବର୍ଷରେ ଅଧିକ ବିକଶିତ ହୋଇଛି । ଐତିହାସିକ ସଂଦର୍ଭରୁ ଦାବି କରାଯାଏ ଯେ ଏହି ଆୟୋଜନ ଦୁନିଆର ସବୁଠୁ ବଡ଼ ଧାର୍ମିକ ମେଳା । କିଛି ପ୍ରାଚୀନ ଶିଳାଲେଖାରୁ ମିଳିଥିବା ପ୍ରାମାଣିକ ତଥ୍ୟ ଅନୁସାରେ ଏକଥା ମଧ ବିଶ୍ୱାସ କରାଯାଇଥାଏ ଯେ ମୌର୍ଯ୍ୟ ଏବଂ ଗୁପ୍ତ ଯୁଗରେ ମଧ କୁମ୍ଭମେଳାର ଅସ୍ତିତ୍ୱ ଥିଲା । ଚୀନର ପରିବ୍ରାଜକ ହୁଏନସାଂ ସପ୍ତମ ଶତାବ୍ଦୀରେ ପ୍ରୟାଗରାଜରେ ଏକ ଭବ୍ୟ ଆୟୋଜନର ଉଲ୍ଲେଖ କରିଥିଲେ, ଯେଉଁଠି ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲ । ସେହି ଆୟୋଜନକୁ ସେ କୁମ୍ଭମେଳା ବୋଲି ସ୍ପଷ୍ଟ ରୂପେ ଉଲ୍ଲେଖ କରିନଥିଲେ ବି ତାଙ୍କର ସେହି ସନ୍ଦର୍ଭ କୁମ୍ଭ ମେଳାକୁ ଇଶାରା କରିଥାଏ ବୋଲି ଐତିହାସିକମାନେ ମତ ଦିଅନ୍ତି ।

ମୋଗଲ ସମ୍ରାଟ ଆକବର ପ୍ରୟାଗରାଜର ପବିତ୍ରତାକୁ ମାନ୍ୟତା ଦେଇଥିଲେ ଏବଂ ଏହି କ୍ଷେତ୍ରକୁ ଆହ୍ଲାବାଦ ବୋଲି ନାମକରଣ କରିଥିଲେ । ଆକବରଙ୍କ ଐତିହାସିକ ଅବୁଲ ଫଜଲ ନିଜ ପୁସ୍ତକ 'ଆଇନ-ଏ-ଆକବରି'ରେ ତ୍ରିବେଣୀ ସଙ୍ଗମରେ ଆୟୋଜିତ ବାର୍ଷିକ ମେଳା ଏବଂ ସ୍ନାନ ସମାରୋହ ବିଷୟରେ ବର୍ଣ୍ଣନା କରିଯାଇଛନ୍ତି । ବ୍ରିଟିଶ ପ୍ରଶାସନ ୧୮୫୮ ମସିହାରେ ପ୍ରଥମ ସ୍ୱୀକୃତିପ୍ରାପ୍ତ କୁମ୍ଭ ମେଳାର ଆୟୋଜନ କରିଥିଲେ । ଶ୍ରଦ୍ଧାଳୁମାନଙ୍କ ବିଶାଳ ସମାବେଶ ଦେଖି ବ୍ରିଟିଶ ଅଧିକାରୀମାନେ ସ୍ନାନ ଘାଟ ଏବଂ ପରିମଳ ବ୍ୟବସ୍ଥା ଭଳି ମୌଳିକ ସଂରଚନାରେ ସୁଧାର ଆଣିବା ଆରମ୍ଭ କରିଥିଲେ ।

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ଭାରତ ସରକାର ମହାକୁମ୍ଭର ଆୟୋଜନ ନିଜ ହାତକୁ ନେଇଥିଲେ । ୧୯୫୪ ମସିହାରେ କୁମ୍ଭ ମେଳାକୁ ବିଶେଷ ଭାବେ ମନେ ରଖାଯାଏ । କାରଣ ତାହା ପ୍ରଥମ ମେଳା ଥିଲା ଯାହା ପାଇଁ ସମର୍ପିତ ବଜେଟ ଆବଣ୍ଟିତ କରାଯାଇଥିଲା । କୁମ୍ଭର ପ୍ରଥମ ବଜେଟ ପ୍ରାୟ ୧ କୋଟି ୧୦ ଲକ୍ଷ ଟଙ୍କା ଥିଲା । ଏହା ପରଠାରୁ ଏହି ବିଶାଳ ଆୟୋଜନର ପ୍ରବନ୍ଧନରେ ଏକ ନୂଆ ଯୁଗର ଆରମ୍ଭ ହେଲା । କାଳକ୍ରମେ କୁମ୍ଭ ମେଳାରେ ବି ଆଧୁନିକତାର ସ୍ପର୍ଶ ଲାଗିଲା । ୨୦୧୩ ଏବଂ ୨୦୧୯ର କୁମ୍ଭ ମେଳାରେ ଆଧୁନିକ ଟେକ୍ନୋଲୋଜିର ଉପଯୋଗ କରାଗଲା, ଯେଉଁଥିରେ ଡ୍ରୋନ, ଡିଜିଟାଲ ମାନଚିତ୍ର ଏବଂ ମୋବାଇଲ ଆପର ଉପଯୋଗ କରାଗଲା । ଏହାଦ୍ୱାରା ସୁରକ୍ଷା, ମାର୍ଗଦର୍ଶନ ଏବଂ ଗହଳି ନିୟନ୍ତ୍ରଣ ସୁନିଶ୍ଚିତ କରାଯାଇପାରିଲା । ୨୦୧୭ ମସିହାରେ କୁମ୍ଭ ମେଳା ୟୁନେସ୍କୋ ଦ୍ୱାରା ମାନବତାର ଅନନ୍ୟ ସାଂସ୍କୃତିକ ଐତିହ୍ୟ ଭାବେ ମାନ୍ୟତା ଲାଭ କଲା । ବର୍ତ୍ତମାନ ଚାଲିଥିବା କୁମ୍ଭମେଳା 'ମହାକୁମ୍ଭ' ନାମରେ ନାମିତ ଏବଂ ଏହା ଭକ୍ତି, ଶ୍ରଦ୍ଧା, ଆସ୍ଥା ଓ ବିଶ୍ୱାସର ଅଦ୍ଭୁତ ସମନ୍ୱୟ ରୂପେ ସାରା ବିଶ୍ୱବାସୀଙ୍କ ହୃଦୟକୁ ଆନ୍ଦୋଳିତ କରିଛି ।

ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ବ୍ଲକ ସ୍ତରୀୟ କୋୟା ପୁନେମ ଏବଂ ସାମ୍ବିଧାନିକ ପ୍ରଶିକ୍ଷଣ ତାଲିମ ଶିବିର



ରାଇଘର. (ମହାଭାରତ) : ରାଇଘର ବ୍ଲକ ନବରଙ୍ଗପୁର ଜିଲ୍ଲା (ଓଡ଼ିଶା) ତତ୍ତ୍ୱାବଧାନରେ ପାରମ୍ପରିକ ରୀତି-ନୀତି, ସାଂସ୍କୃତିକ ଏବଂ ପିଢ଼ୀଗତ ପରିଚୟକୁ ସୁରକ୍ଷିତ ରଖିବା ପାଇଁ ବ୍ଲକ୍ ସ୍ତରୀୟ କୋୟାପୁନେମ ଏବଂ ସାମ୍ବିଧାନିକ ପ୍ରଶିକ୍ଷଣ ତାଲିମ ଶିବିର ସଫଳତାର ସହିତ ଆୟୋଜିତ ହୋଇଥିଲା। ଏହି ଶିବିରଟି ୨୦ ମାର୍ଚ୍ଚ ୨୦୨୬ ରୁ ୨୨ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଗ୍ରାମ ପଞ୍ଚାୟତ କସକୋଙ୍ଗା, ଗ୍ରାମ ହିରି ଠାରେ ଅନୁଷ୍ଠିତ ହୋଇଥିଲା।ଏହି ତିନି ଦିନିଆ ପ୍ରଶିକ୍ଷଣ ତାଲିମ ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ସହ ରାଇଘର ବ୍ଲକ ର ଅନେକ ଗ୍ରାମ ରୁ ଆସିଥିବା ପ୍ରାୟ ୨୦୦ରୁ ଅଧିକ ଲୟା-ଲୟୋର ପ୍ରଶିକ୍ଷାର୍ଥୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରାହୀମାନେ କୋୟାପୁନେମ, ପୁରୁଡ, ପୁକରାଲ ଓ ପାରମ୍ପରିକ ଜ୍ଞାନ ଏବଂ ସାମ୍ବିଧାନିକ ଅଧିକାର, ଗ୍ରାମ ସଶକ୍ତିକରଣ ଗ୍ରାମ ଶୋଭା ବିଷୟରେ ଜାଣିବାକୁ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ବିଶେଷତା ହେଉଛି ଭାବନାକୁ ଆଧାର କରି ବିଭିନ୍ନ ରାଜ୍ୟରୁ ଆସିଥିବା ରିସର୍ଚର ଓ ମାଷ୍ଟର ଟ୍ରେନରମାନେ ସକ୍ରିୟ ଭାବରେ ଯୋଗଦେଇଥିଲେ। କେ.ବି.କେ.ଏସ୍ ଟିମ୍ ର ପାଟା ଗୁରୁ ବିଷ୍ଣୁ ଦେବ ପଦ୍ମା ପାରମ୍ପରିକ ପାଟା ଗୀତ ମାଧ୍ୟମରେ ନାର୍ର ସିଆନ ବ୍ୟବସ୍ଥା ଏବଂ ନାର୍ର ପେନ ହୁଜାଡ଼ ଗ୍ରାମ ବ୍ୟବସ୍ଥା କୁ ଅତ୍ୟନ୍ତ ନିୟୋଜିତ ଭାବରେ ବ୍ୟାଖ୍ୟା କରିଥିଲେ, ଯାହା ଆୟୋଜନକୁ ସାଂସ୍କୃତିକ ରଙ୍ଗରେ ଭରିଦେଇଥିଲା।କୋୟତୁର ସମୁଦାୟ ର ତିନି ସଂସ୍କାର ଟୋଣ୍ଡା-ମଣ୍ଡା-କୁଣ୍ଡା ଏବଂ ଆମ କଲଚର୍ ଓ ପର୍ବପର୍ବାଣି ଲୁଚି ରହିଥିବା ବିଜ୍ଞାନ ସହିତ ଆଧାରିତ ରହସ୍ୟମୟ କୁ ଉଦାହରଣ ସହ ମାଷ୍ଟର ଟ୍ରେନର ତିରୁ. ଜୋଗତ ମରକାମ ସାର୍ ତାଙ୍କର ଅନୁଭବ ଅଂଶୀଦାର କରିଥିଲେ, ଯାହା ସତ୍ରକୁ ଅଧିକ ଆକର୍ଷଣୀୟ କରିଥିଲା।ଗୋଣ୍ଡୱାନା, ଗୋଟୁଲ ଶିକ୍ଷା ପ୍ରଣାଳୀ, ପଞ୍ଚମ ତାଲିକା ଓ ସାମାଜିକ ବ୍ୟବସ୍ଥା ବିଷୟରେ ଏବଂ ଆର୍ଥିକ ସଶକ୍ତିକରଣ, ଶିକ୍ଷା ଓ କ୍ୟାରିୟର ମାର୍ଗଦର୍ଶନ ବିଷୟରେ ଅଶ୍ୱିନୀ କୁମାର ନେତାମ ଯୁବମାନଙ୍କୁ ପ୍ରେରଣା ଦେଇଥିଲେ ଏବଂ ସରଳ ରୋଚକ ଭାବରେ ବିସ୍ତାରିତ ଆଲୋଚନା କରିଥିଲେ। ପଞ୍ଚାୟତ (ନିର୍ଦ୍ଧାରିତ ଅଞ୍ଚଳରେ ବିସ୍ତାର) ଅଧିନିୟମ ୧୯୯୬ (ଚରଝଇ) ବିଷୟରେ ଯୋଗେଶ ନେରୁଟି ବିସ୍ତାରିତ ତଥ୍ୟ ଦେଇଥିଲେ ଯାହା ଦ୍ୱାରା ଗ୍ରାମ ଶୋଭା ର ପାୱାର ବିଷୟରେ ଆଲୋଚନା କରିଥିଲେ। ଯେତେବେଳେ ଲିଙ୍ଗୋ ଦର୍ଶନ ଓ ଗୋଣ୍ଡୀ ଭାଷାର ସୁରକ୍ଷା ବିଷୟରେ ଏଚ୍.ଆର୍. ନେତାମ ମାର୍ଗଦର୍ଶନ ଦେଇଥିଲେ। ଶିବିର ସମୟରେ ଗୋଟୁଲ କରସନା (ଏକ୍ସୱକ୍ସକ୍ଷ ରଘରକ୍ସମସସ୍ୱର) ର ଏକ ବିଶେଷ ସତ୍ର ଆୟୋଜିତ ହୋଇଥିଲା, ଯେଉଁଠାରେ କିଶୋର ମରକାମ ପାରମ୍ପରିକ ଅଭ୍ୟାସ ପ୍ରଣାଳୀକୁ ପ୍ରଦର୍ଶନ କରି ଯୁବମାନଙ୍କୁ ସ୍ୱାସ୍ଥ୍ୟ ଓ ଶିଷ୍ଟାଚାର ପ୍ରତି ସଚେତନ କରିଥିଲେ।ଏହି ସଫଳ ଆୟୋଜନ ପାଇଁ ଗ୍ରାମ ହିରିର ସମସ୍ତ ସମାଜସେବୀ ଓ ଯୁବମାନଙ୍କର ବିଶେଷ ଅବଦାନ ରହିଛି। ସେମାନେ ସମୁଦାୟିକ ଭାବନା ସହିତ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଆୟୋଜକମାନେ ସମସ୍ତ ଅଂଶଗ୍ରାହୀ, ମାର୍ଗଦର୍ଶକ ଓ ସହଯୋଗୀଙ୍କୁ ଆଭାର ଜଣାଇ ଆଗାମୀ ଦିନରେ ଏପରି ଶିବିର ଆୟୋଜନର ଆଶା ବ୍ୟକ୍ତ କରିଥିଲେ।ଶେଷରେ ପାରମ୍ପରିକ ଅଭିବାଦନ ସହ କାର୍ଯ୍ୟକ୍ରମର ସମାପନ ହେଲା— "ସେବା ଜୋହାରଙ୍ଗ ବୁମକାଲ ଜୋହାରଙ୍ଗ ଗୋଟୁଲ ଜୋହାରଙ୍ଗ"

## ଶ୍ରୀ ଶ୍ରୀ ଗାଦିଶ୍ୱର ଦେବଙ୍କ ଦଣ୍ଡ ଉତ୍ସବ




କୃଷ୍ଣପ୍ରସାଦ, (ମହାଭାରତ) : ଗଡ଼ଜାତ କୃଷ୍ଣପ୍ରସାଦ ବ୍ଲକର ଆରାଧ୍ୟ ପ୍ରଭୁ ଶ୍ରୀ ଶ୍ରୀ ଗାଦିଶ୍ୱର ଦେବଙ୍କ ପୀଠରେ ମଙ୍ଗଳବାର ଠାରୁ ମା ଦଣ୍ଡକାଳୀଙ୍କ ପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି । ନିଶାର୍ଦ୍ଧରେ ଠାକୁରଙ୍କୁ କୋଠୀ ଭଗତାମାନଙ୍କ ଦ୍ୱାରା ଆବାହନ କରାଯାଇଥିଲା । ମାନସିକଧାରୀ ଏବଂ ତେର ଭଗତା ନିଷ୍ଠା ଓ କାଷ୍ଠାର ସହ ବ୍ରତ ରଖି ଏହି ମହାନ ପର୍ବରେ ସାମିଲ ହୋଇଛନ୍ତି । ରାଜ ରାଜୁଡ଼ା ଅମଳରୁ ୨୧ ଦିନ ଧରି ପାଳିତ ହୋଇ ଆସୁଥିବା ଏହି ଆଧ୍ୟାତ୍ମିକ ପର୍ବ ରେ ସାମିଲ ହୋଇଥିବା ଦଣ୍ଡୁଆ ମାନେ ଅପରାହ୍ନରେ ପାଣି ତୋଳା କାର୍ଯ୍ୟ ଶେଷ କରିବା ପରେ ଦଣ୍ଡ ଠାକୁରଙ୍କୁ ନେଇ ଗ୍ରାମ ପରିକ୍ରମା କରିଥାନ୍ତି । ପ୍ରଚଳିତ ପ୍ରଥା ଅନୁଯାୟୀ ପାରିକୁଦ ରାଜବାଟି ପରିସରରେ ଦଣ୍ଡ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓ ଓ ସପରିବାର ଠାକୁରଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥାନ୍ତି । ଦ୍ୱିତୀୟ ଦିବସରେ ମାର୍ଫତଦାର ଡାକ୍ତର ଅଶୋକ କୁମାର ରାୟ, ମୁଖ୍ୟ ପରିଚାଳକ ପ୍ରଦୀପ କୁମାର ଜେନାଙ୍କ ଦୁଆରେ ଭୋଗ ଲାଗି ହେବା ପରେ ବାହ୍ୟ ଭ୍ରମଣରେ ବାହାରନ୍ତି ଠାକୁର । ଆଦିମ ସଭ୍ୟତାର ସଂସ୍କୃତି କେଳା କେଳୁଣୀ,ହାଡ଼ି ହାଡ଼ିଆଣି, ଶବର ଶବରୁଣୀ,ଶିବ ପାର୍ବତୀ ଆଦି ୨୧ ହଳ ପଟେ ବେଶ ହୋଇ ଅଭିନୟ ଅନୁଷ୍ଠିତ ହେବ । ଶ୍ରୀ ଶ୍ରୀ ଗାଦିଶ୍ୱର ଦେବଙ୍କ ପୂଜକ ବିରଞ୍ଚି ନାରାୟଣ କେଶରୀ ନୀତିକାନ୍ତି ଅନୁଯାୟୀ ସମସ୍ତ କାର୍ଯ୍ୟ ତୁଲାଇଥାନ୍ତି । ଯାତ୍ରାକୁ ଉପଭୋଗ କରିବା ପାଇଁ ବିଭିନ୍ନ ସ୍ଥାନରେ ଜନସାଧାରଣ ସମାଗମ ହୋଇଥାଏ । ଗାଦିଶ୍ୱର ଦେବଙ୍କ ମ୍ୟାନେଜର ସୁବାସ ଚନ୍ଦ୍ର ସ୍ୱାଇଁ, ପାଟ ଭଗତା କୈବଲ୍ୟ ସାମଲ, ପାଟ ଦଣ୍ଡୁଆ ପ୍ରକାଶ କୁମାର ପ୍ରଧାନ,କାଳସୀ ବିଭୁତି କୁମାର ଗୌଡ଼, ଧନେଶ୍ୱର ଗୌଡ଼, ବୁଲୁ ବେହେରା, ଗାଣ୍ଡୁ ପ୍ରଧାନ, ମାଷ୍ଟର ଅଜୟ କୁମାର ଜେନା,ପାଟ ଢୋଲିଆ ବାନାମ୍ବର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହେଉଥିବା ଜଣାପଡିଛି । ସୂଚନାଯୋଗ୍ୟ ଏପ୍ରିଲ ୧୩ ତାରିଖରେ ଠାକୁର ମନ୍ଦିର ପ୍ରବେଶ କରିବା ପରେ ମେରୁ ପର୍ବ ଅନୁଷ୍ଠିତ ହୋଇ ଠାକୁରଙ୍କୁ ପୁଣି ସେହି ନିଶାର୍ଦ୍ଧରେ ହିଁ ଗୋପ୍ୟ କରାଯିବ । ସେହିପରି ବ୍ଲକର ବିଭିନ୍ନ ଗ୍ରାମରେ ଦଣ୍ଡ ପର୍ବ ଯୋଗୁଁ ସବୁଠି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ।

## ଦଶପଲ୍ଲାର ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରା ଓ କୁଆଁରୀଆ ମହୋତ୍ସବ ପାଇଁ ଅନ୍ତିମ ପ୍ରସ୍ତୁତି



ଦଶପଲ୍ଲା, (ମହାଭାରତ): ନୟାଗଡ଼ ଜିଲ୍ଲା ଦଶପଲ୍ଲାର ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରା ଓ କୁଆଁରୀଆ ମହୋତ୍ସବ ପାଇଁ ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ। ଆସନ୍ତା ମାର୍ଚ୍ଚ ୨୭ (ଶ୍ରୀରାମ ନବମୀ) ରୁ ଏପ୍ରିଲ ୭ ତାରିଖ(ଲଙ୍କାପୋଡି )ପର୍ଯ୍ୟନ୍ତ ଏହି ଭବ୍ୟ ଯାତ୍ରା ଅନୁଷ୍ଠିତ ହେବ। ଏହାପରେ କୁଆଁରୀଆ ମହୋତ୍ସବ ସହିତ ମାଗଣା ଅପେରା ଅନୁଷ୍ଠିତ ହେବ।ଏଥିପାଇଁ ୫୭ ନମ୍ବର ଜାତୀୟ ରାଜପଥରେ ବିଶାଳ ସ୍ୱାଗତ ତୋରଣ ନିର୍ମାଣ ସହ ସାରା ସହରକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯାଇଛି। ଯାତ୍ରା ଅବସରରେ ପଲ୍ଲିଶ୍ରୀ ମେଳା, ମୀନାବଜାର ଓ ମାଗଣା ଅପେରା ସହ ପ୍ରତି ସନ୍ଧ୍ୟାରେ ନାମିଦାମୀ କଳାକାରଙ୍କ କରାଯିବ। ଏହି ମହୋତ୍ସବରେ ବହୁ ବିଶିଷ୍ଟ ଅତିଥି, ସାଂସଦ ଓ ମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସୂଚନା ମିଳିଛି ।ରାମଜନ୍ମ ଠାରୁ ରାବଣ ବଧ ଓ ରାମଙ୍କ ରାଜ୍ୟାଭିଷେକ ଯାଏଁ ରାମଲୀଳାର ସମସ୍ତ ବିଷୟବସ୍ତୁ ଏଠାରେ ଆଜକୁ ୨୨୪ବର୍ଷ ଧରି ପରିବେଷିତ ହୋଇଆସୁଛି।ଚଳିତ ବର୍ଷ ଶ୍ରୀରାମ ଜନ୍ମ ଠାରୁ ୧୩ଦିନ ବ୍ୟାପି ରାମଲୀଳାର ପ୍ରତ୍ୟକଟି ପ୍ରସଙ୍ଗ ପରିବେଷିତ ହେବ ବୋଲି ଶୁଣିବାକୁ ମିଳିଥିବା ବେଳେ ଦଶପଲ୍ଲାର ବ୍ରତଧାରୀ କଳାକାର ମାନେ ଖାଲି ଦଶପଲ୍ଲା ନୁହେଁ ବରଂ ଭାରତ ବର୍ଷର ବହୁ ପ୍ରାନ୍ତରେ ଯଥା ଅଯୋଧ୍ୟା,ଉରଛା, ଉଜ୍ଜୟିନୀ ଠାରେ ଏହି କଳାକାର ମାନେ ରାମଲୀଳାର ପ୍ରତ୍ୟକଟି ପ୍ରସଙ୍ଗ ପରିବେଷଣ କରନ୍ତି।

## ମିନତି ଙ୍କୁ ମିଳିଲା ମହିଳା ଶିଶୁ କଲ୍ୟାଣ ବିଭାଗ ଦାୟିତ୍ୱ

ହାଟଡିହି, (ମହାଭାରତ) : ମିନତି ଙ୍କୁ ମିଳିଲା ମହିଳା ଶିଶୁ କଲ୍ୟାଣ ବିଭାଗ ଦାୟିତ୍ୱ। କେନ୍ଦୁଝର ଜିଲ୍ଲାର ବିଜେପି ସାଂସଦ ଅନନ୍ତ ନାୟକ ଙ୍କ ବ୍ୟସ୍ତ ଜୀବନ ମଧ୍ୟରେ ହାଟଡିହି ବ୍ଲକ ର ମହିଳା ଶିଶୁ କଲ୍ୟାଣ ବିଭାଗ ରେ ସମସ୍ୟା ସମାଧାନ କରିବା ପାଇଁ ମାନ୍ୟବର ସାଂସଦ ବିଜେପି ନେତ୍ରୀ ମିନତି ଧଳ ଙ୍କୁ ଦାୟିତ୍ୱ ମିଳିଲା। ଏହି ଦାୟିତ୍ୱ ମିଳିବା ପରେ ସେ ଜିଲ୍ଲା ର ନେତୃତ୍ୱ ତଥା ନୂଆ କରି ରାଜ୍ୟ ଅନୁସୂଚିତ ଜନଜାତି ର ସାଧାରଣ ସମ୍ପାଦକ ଆଲୋକ କୁମାର ସେଠୀ ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତ ସିଂହାର,ସୁଶାନ୍ତ ଜେନା , ଯୁଧିଷ୍ଠିର ମଲିକ, ହରମୋହନ ଶାସିନି, ଅକରୁଆ ସରପଂଚ ପ୍ରତିନିଧି ଚତୃଭୁଜ ସ୍ୱାଇଁ ବଞ୍ଚୋ ମଣ୍ଡଳ ର ସଭାପତି ହରେକୃଷ୍ଣ ସ୍ୱାଇଁ, ଦେବାଶିଷ ସେନାପତି, ସୁରେନ୍ଦ୍ର ସାହୁ ସୁରେନ୍ଦ୍ର ବିଶ୍ୱାଳ ,ବେଣୁଧର ଜେନା, ବିଜେପି ନେତ୍ରୀ ଅସୀମା ମିଶ୍ର ଦୀପ୍ତି ସାହୁ, ପୂର୍ବତନ ମଣ୍ଡଳ ସଭାପତି ଶଶିକାନ୍ତ ରାଉତ ଙ୍କ ସହ ସମସ୍ତ ବିଜେପି ନେତୃତ୍ୱ ମାନଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

## ପାରାଦୀପ ବନ୍ଦର ପକ୍ଷରୁ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ




ପାରାଦୀପ, (ମହାଭାରତ): ପାରାଦୀପ ବନ୍ଦର କର୍ମଜୀବୀ ମହିଳା କକ୍ଷ ପକ୍ଷରୁ ଅଫିସର୍ସ କ୍ଲବ୍ ପରିସରରେ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଯୋଗ ଦେଇ ଚଳିତ ବର୍ଷ ସମଗ୍ର ଦେଶରେ ୧୫୦ଏମଏମଟି ପଣ୍ୟ କାରବାର କରିବାର ରେକର୍ଡ ପାରାଦୀପ ବନ୍ଦର ଅତିକ୍ରମ କରି ସାରିଛି । ଏହି ସଫଳତା ପଛରେ ପାରାଦୀପ ବନ୍ଦରରେ କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କ ଅବଦାନ ଅତୁଳନୀୟ । ଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାର ଆବଶ୍ୟକତା ରହିଛି ଯାହା ଦ୍ୱାରା ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହୋଇ ପାରିବ ବୋଲି ଶ୍ରୀ ହରନାଦ କହିଥିଲେ । କର୍ମଜୀବୀ ମହିଳା କକ୍ଷର କାର୍ଯ୍ୟକୁ ଶ୍ରୀ ହରନାଦ ପ୍ରଶଂସା କରିବା ସହିତ ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ ସ୍ୱତନ୍ତ୍ର ମୋବାଇଲ୍ ୟୁନିଟ୍ ଦ୍ୱାରା ସ୍ୱତନ୍ତ୍ର କର୍କଟ ପରୀକ୍ଷଣ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏଏମଏସ୍, ଭୁବନେଶ୍ୱର ସହକାରୀ ପ୍ରଫେସର ଡା. ଅନୁପମା ବେହେରା, ଜାତୀୟ ଆଇନ୍ ବିଶ୍ୱ ବିଦ୍ୟାଳୟର ଡ.ସୁମନ ଦାଶ ଭଟ୍ଟମିଶ୍ର ଯୋଗ ଦେଇ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ । ସମାଜରେ ମହିଳାମାନଙ୍କୁ ସମ୍ମାନ ଦେବା ଭାରତୀୟ ସଂସ୍କୃତିର ପରିଚୟ ଏଣୁ ମହିଳାମାନଙ୍କୁ ସବୁବେଳେ ସମ୍ମାନ ଦେବାକୁ ବକ୍ତବ୍ୟ ମାଧ୍ୟମରେ ଗୁରୁତ୍ୱ ଦେଇଥିଲେ ବନ୍ଦର ସଚୀବ କ୍ରିଷ୍ଣା ବାପିରାଜୁ ଜି, । କର୍ମଜୀବୀ ମହିଳା କକ୍ଷ ଅଧ୍ୟକ୍ଷା ଶ୍ରଦ୍ଧା ଓଝା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶ୍ରଦ୍ଧାଂଜଳୀ ରାଉତରାୟ, ଧନ୍ୟବାଦ ଅର୍ପଣ କରିଥିଲେ ସୀମାଶ୍ରୀ ନାୟକ । ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦରର ବିଭାଗୀୟ ମୁଖ୍ୟ, ଅଧିକାରୀ, କର୍ମଚାରୀଙ୍କ ସମେତ କର୍ମଜୀବୀ ମହିଳା କକ୍ଷର ସଦସ୍ୟାମାନେ ଉପସ୍ଥିତ ଥିଲେ ।

## ଜୁନାଗଡ଼ରେ ଶିକ୍ଷା ଠକେଇ ଅଭିଯୋଗ, ଆଡମିଟ୍ କାର୍ଡ ନ ମିଳିବାରୁ ଛାତ୍ରୀ ପରୀକ୍ଷାରୁ ବଞ୍ଚିତ


ଜୁନାଗଡ଼, (ମହାଭାରତ) : କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ଥାନାରେ ଶିକ୍ଷା ସମ୍ବନ୍ଧୀୟ ଠକେଇ ଓ ଭରସାଭଙ୍ଗ ଅଭିଯୋଗରେ ଏକ ଏଫଆଇଆର୍ ରୁଜୁ ହୋଇଛି। ମୁଣ୍ଡରାଗୁଡା ଗ୍ରାମର ଶୁଭଦୀପା ହଂସ (୧୬) ଙ୍କ ପକ୍ଷରୁ ଏହି ଅଭିଯୋଗ ଦାଖଲ ହୋଇଥିବା ବେଳେ, ଜୁନାଗଡ଼ର ଶ୍ରୀ ଗଣେଶ କଲେଜ ପରିଚାଳନା ଓ କର୍ମଚାରୀଙ୍କ ବିରୋଧରେ ମାମଲା ହୋଇଛି। ଅଭିଯୋଗ ଅନୁସାରେ, ୨୦୨୪ ମସିହାରେ ଶୁଭଦୀପା ହଂସ +୨ କଳା ବିଭାଗରେ ଭର୍ତ୍ତି ହୋଇ ସମସ୍ତ ଶିକ୍ଷା ଶୁଳ୍କ ଦେଇଥିଲେ। କିନ୍ତୁ କଲେଜ ପକ୍ଷରୁ ତାଙ୍କର ଫର୍ମ ଠିକ ଭାବେ ଦାଖଲ ନ କରାଯାଇଥିବା ସହିତ ଆଡମିଟ୍ କାର୍ଡ ମଧ୍ୟ ଯୋଗାଇ ଦିଆଯାଇନଥିଲା। ଫଳରେ ସେ +୨ ବାର୍ଷିକ(ବୋର୍ଡ ) ପରୀକ୍ଷାରେ ବସି ପାରିନଥିଲେ ଏବଂ ପରୀକ୍ଷାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏହା ସହିତ ଅନ୍ୟ କିଛି ଛାତ୍ରଛାତ୍ରୀମାନେ ମଧ୍ୟ ଏହି ସମସ୍ୟାରେ ପଡ଼ି ଆଡମିଟ୍ କାର୍ଡ ନ ମିଳିବାରୁ ପରୀକ୍ଷା ଦେଇ ପାରିନଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଭୀର ଭାବେ ପ୍ରଭାବିତ ହୋଇଥିବା ସହିତ ଅର୍ଥନୈତିକ କ୍ଷତି ହୋଇଥିବା ଦାବି କରାଯାଇଛି। ଏନେଇ ଶ୍ରୀ ଗଣେଶ କଲେଜ ପରିଚାଳନା କର୍ତୃପକ୍ଷ ଙ୍କ ବିରୋଧରେ କାନୁନୀ କାର୍ଯ୍ୟକଳାପ ନେବାକୁ ଅଭିଯୋଗକାରୀ ପକ୍ଷରୁ ଦାବି ହୋଇଛି। ପୁଲିସ ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା (ଇଘଝ) ର ଧାରା ୩୧୬(୪), ୩୧୮(୨) ଓ ୩(୫) ଅନୁସାରେ ମାମଲା ରୁଜୁ କରାଯାଇଛି ଓ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଶୀଘ୍ର ପଦକ୍ଷେପ ନେବା ଆଶା କରାଯାଉଛି।

## ଲଡୁକେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ



ରଣପୁର, ( ମହାଭାରତ ) : ପାତ୍ରପୁର ବ୍ଲକ ଅନ୍ତର୍ଗତ ନୀଳାଦ୍ରି ଚନ୍ଦ୍ର ପୁ ଗ୍ରାମରେ ୧୬ ଗୋଟି ଆଞ୍ଚଳିକ ଦଳକୁ ନେଇ ଲଡୁକେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଗତକାଲି ଠାରୁ ଆରମ୍ଭ ହୋଇ ସାରିଛି ।ସାରା ରାଜ୍ୟରେ ପରୀକ୍ଷାର ଋତୁ ଚାଲି ଯାଇଥିବା ବେଳେ ଗାଁ ଠାରୁ ସହର ଚାରିଆଡେ କ୍ରିକେଟ ଖେଳକୁ ନେଇ ଉତ୍ସବ ମୁଖର ଦେଖିବାକୁ ମିଳିଛି । ଟୁର୍ନାମେଣ୍ଟର ଉଦ୍ଘାଟନୀ ଦିବସରେ ବିଜୟ ଲକ୍ଷ୍ମୀ ନାରାୟଣପୁ ଗ୍ରାମର ନାରାୟଣୀ କ୍ରିକେଟ କ୍ଲବ ସହିତ ତାଳପଡା ଗ୍ରାମର ସ୍ୱପ୍ନେଶ୍ୱର କ୍ରିକେଟ କ୍ଲବ ଖେଳ ଜାରି ରହିଥିଲା। ନାରାୟଣୀ କ୍ରିକେଟ କ୍ଲବ ବିଜୟ ଲକ୍ଷ୍ମୀ ନରାୟଣ ପୁ ପ୍ରଥମେ ସୀମିତ ୧୨ ଓଭର ବିଶିଷ୍ଟ ମ୍ୟାଚରେ ୮ ୱିକେଟ ହରାଇ ୧୦୩ ରନ କରିବାକୁ ସକ୍ଷମ ହୋଇଥିଲା। ତାର ପ୍ରତି ଉତ୍ତରରେ ତାଳପଡା ସ୍ୱପ୍ନେଶ୍ୱର କ୍ରିକେଟ କ୍ଲବ ୧୧.୫ ଓଭର ରେ ୫ ଗୋଟି ୱିକେଟ ବିନିମୟ କରି ବିଜୟ ଲକ୍ଷ ହାସଲ କରିଥିଲେ। ଟୁର୍ନାମେଣ୍ଟକୁ ଯୁବ ସମାଜ ସେବି ମନୋଜ କୁମାର କୁଣ୍ଡ ଶୁଭ ଉଦଘାଟନ କରିଥିବା ବେଳେ ମ୍ୟାଚରେ ଧାରା ବିବରଣୀ ଶ୍ରୀ ବିଜୟ କୁମାର ଗୌଡ଼ ଦେଇଥିଲେ ଏବଂ ଦୀପକ, ସୁନୀଲ,ଭାଗବତ ଓ ଜିତୁଙ୍କ ସହ ନୀଳାଦ୍ରି ଚନ୍ଦ୍ର ପୁ ଗ୍ରାମବାସୀ ସହଯୋଗ କରିଥିଲେ।

## ନିମ୍ନମାନର ରାସ୍ତା କାମ ଅଭିଯୋଗ : ଠିକାଦାର ଓ ଯନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ଅଞ୍ଚଳବାସୀ



ରଣପୁର, ( ମହାଭାରତ ) : ରଣପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କରାଯାଇଥିବା ରାସ୍ତା କାର୍ଯ୍ୟରେ ଢ଼ଳେଇ ପଡ଼ିବାର ମାସେ ନ ପୁରୁଣୁ ରାସ୍ତା ଉପରୁ ଖଣ୍ଡ ଖଣ୍ଡ ହୋଇ ଉଠି ଯାଉଛି ସିମେଣ୍ଟ। କାମ ଟି ଏତେ ନିମ୍ନମାନର ହୋଇଛି ଯେ ହାତରେ ଘଷି ଦେଲେ ରାସ୍ତା ଉପରେ ପଡ଼ିଥିବା ଢ଼ଳେଇ ରୁ ଉଠି ଯାଉଛି ଗୋଡି ଏବଂ ଚମ୍ପତିପୁର ଛକ ଠାରେ ଢ଼ଳେଇ ରାସ୍ତା ଫାଟି ଆଁ କରିବା ସହ ରାସ୍ତା ସାରା ଖାଲ ଢିପ ଦେଖିବାକୁ ମିଳିଛି। ଯାହାକୁ ନେଇ ଅଞ୍ଚଳ ବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ଏଭଳି ନିମ୍ନମାନର ରାସ୍ତା କାମ ଦେଖିବାକୁ ମିଳିଛି ନୟାଗଡ ଜିଲ୍ଲା ରଣପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ର ଚମ୍ପତିପୁର ବଜାର ଠାରୁ ଭାୟା ବ୍ରଜରାଜପୁର ଦେଇ ଜେଲ ଛକ ପର୍ଯ୍ୟନ୍ତ କୋଟି କୋଟି ଟଙ୍କାର ରାସ୍ତା କାମ। ରାଜ୍ୟ ଓ କେନ୍ଦ୍ର ସରକାର ରାଜ୍ୟର ଉପାନ୍ତ ଅଞ୍ଚଳ ମାନଙ୍କରେ ଯାତାୟତର ସୁବିଧା ପାଇଁ ପକ୍କା ରାସ୍ତା ନିର୍ମାଣ କରିଥିବା କୁ କହୁଥିବା ବେଳେ ଏହି ରାସ୍ତା କାମ ଗୁଡିକ ରାଜ୍ୟର ନାମିଦାମୀ ନିର୍ମାଣ ସଂସ୍ଥା ବା ଠିକାଦାର ମାନଙ୍କୁ ନିର୍ମାଣର ଦାୟିତ୍ୱ ଦେଇଛନ୍ତି। କିନ୍ତୁ ନିର୍ମାଣ ଦାୟିତ୍ୱ ରେ ଥିବା ଠିକାସଂସ୍ଥା ଓ ଦାୟିତ୍ୱ ରେ ଥିବା ସରକାରୀ ବିଭାଗ ର ଅଧିକାରୀ ଙ୍କ ମଧ୍ୟରେ ପ୍ରିୟା ପ୍ରିତି ପୋଷଣ ଯୋଗୁଁ ରାସ୍ତା ଗୁଡିକ ନିମ୍ନମାନର ନିର୍ମାଣ ହେଉଥିବା ବେଳେ ସ୍ଥାୟିତ୍ୱ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ରଣପୁର ବ୍ଲକ ଅଧୀନରେ ଥିବା ଜେଲ ଛକ ଠାରୁ ରଣପୁର-ରାଜସୁନାଖଳା ମଧ୍ୟସ୍ତ ଚମ୍ପତିପୁର କୁ ସଂଯୋଗ କରୁଥିବା ରାସ୍ତା କୁ ଅଞ୍ଚଳ ବାସୀ ଙ୍କ ଦାବି ଅନୁଯାଇ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରି ପ୍ରାୟ ପାଞ୍ଚ କିଲୋ ମିଟର ପକ୍କା ରାସ୍ତା ନିର୍ମାଣ କରାଯାଇଛି। କିନ୍ତୁ ରାସ୍ତା କାମଟି ଅତି ନିମ୍ନମାନର ହେଉଥିବା ଅଞ୍ଚଳ ବାସି ଅଭିଯୋଗ କରିଛନ୍ତି। ରାସ୍ତାରେ ପିଚୁ ପଡିଛି ସତ କିନ୍ତୁ ପିଚୁ ପଡ଼ିବାର ମାତ୍ର କେଇ ଦିନ ଭିତରେ ପିଚୁ ସବୁ ଆପେ ଆପେ ଉଠି ଯାଉଛି ଏବଂ ଢ଼ଳେଇ ପଡ଼ିଥିବା ରାସ୍ତା ମାସେ ନପୂରୁଣୁ ଫାଟିବା ସହ ଗୋଡି ଉଠି ଧୂଳି ଉଡିଲାଣି। ଯାହା ପାଇଁ ରାସ୍ତାର ସ୍ଥାୟୀତ୍ୱ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସେପଟେ ନିମ୍ନ ମାନର ରାସ୍ତା କାମ ପାଇଁ ଏହି ଅଞ୍ଚଳର ଜନସାଧାରଣ ଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ମଧ୍ୟ ଦାନା ବାନ୍ଧିବାରେ ଲାଗିଛି। ତେବେ ଏହି ରାସ୍ତା କାମ ର ତଦନ୍ତ କରାଯାଇ ସମ୍ପୃକ୍ତ ଠିକାଦାର ଓ ଯନ୍ତ୍ରୀ ଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନା ଅନୁସାରେ ଏହି କାମଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରାଯାଉଥିବା ବେଳେ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ଠାରୁ ଆରମ୍ଭ କରି ବିଭାଗର ବଡ଼ ବଡ଼ିଆ ବାବୁ ମାନଙ୍କ ସହ ଠିକାଦାର ଙ୍କ ହାତ ଅଛି। ତେବେ ଏହି ନିମ୍ନମାନର ରାସ୍ତା କାମ ଉପରେ ଏବେ ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି ବୋଲି ବୁଦ୍ଧି ଜୀବୀଙ୍କ ମହଲରେ ଦାବୀ ହେଉଛି।

## ଆଖୁଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

# ୬ ହଜାର ହେକ୍ଟରରେ ହେଉଥିଲା, ଏବେ ୬୦୦ ଟପୁନି

ନୟାଗଡ଼, ( ମହାଭାରତ ) : ଦିନେ ରାଜ୍ୟରେ ର ଆଖୁ ଉତ୍ପାଦନରେ ଦୁଇ ନମ୍ବର ରେ ଥିବା ନୟାଗଡ଼ ଜିଲ୍ଲାରେ ଏବେ ଚାଷୀ ମାନେ ଆଖୁଚାଷ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ବର୍ଷ କୁ ବର୍ଷ ଜିଲ୍ଲାରେ ଆଖୁ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ପରିସ୍ଥିତି ଏପରି ହୋଇଛି ଯେ ଆଗାମୀ ଦିନରେ ଆଖୁଚାଷ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ଆଶଙ୍କା କରାଯାଉଛି। ଯେଉଁ ଜିଲ୍ଲାରେ ହଜାର ହେକ୍ଟର ଜମିରେ ଆଖୁ ଚାଷ କରାଯାଉଥିଲା, ଏବେ ସେଠାରେ ୬ ଶହ ହେକ୍ଟର ଜମିରେ ବି ଚାଷ ହେଉ ନଥିବା ଜଣାପଡ଼ିଛି। ବିଶେଷ କରି ଦୀର୍ଘ ଦିନ ହେଲା ବନ୍ଦ ପଡ଼ିଥିବା ଚିନି କଳର ପ୍ରଭାବ ସିଧା ସଳଖ ଆଖୁ ଚାଷ ଉପରେ ପଡୁଥିବା ଅନୁମାନ କରାଯାଉଛି। ଜିଲ୍ଲା କୃଷି ବିଭାଗର ସୂଚନା ମୁତାବକ, ୨୦୧୩ ମସିହାରେ ଜିଲ୍ଲାରେ ୬ ହଜାର ହେକ୍ଟର ପାଖାପାଖି ଜମିରେ ଚାଷ ହେଉଥିଲା। ଗୋଟିଏ ଗୋଟିଏ ବ୍ଲକରେ ୭୦୦-୮୦୦ ହେକ୍ଟର ପର୍ଯ୍ୟନ୍ତ ଆଖୁଚାଷ କରାଯାଏ। ବର୍ତ୍ତମାନ ଯେହେତୁ ଚାଷୀ ମାନେ ଆଖୁ ବିକ୍ରି କରିବାରେ ବହୁ ସମସ୍ୟା ଭୋଗୁଛନ୍ତି, ସେଥିପାଇଁ ସେମାନେ ଏ ଦିଗରେ ଆଉ ଆଗ୍ରହୀ ହେଉ ନାହାନ୍ତି। ସେହି ଜାଗାରେ ବାଇଗଣ, ବିଲାତି ଓ ଅନ୍ୟାନ୍ୟ ପନି ପରିବା ଚାଷ କରି ଚାଷୀ ମାନେ ଭଲ ଦୁଇ ପଇସା ରୋଜଗାର କରୁଛନ୍ତି। ବର୍ତ୍ତମାନ ଜିଲ୍ଲାରେ ମାତ୍ର ୬୦୦ ହେକ୍ଟର ମଧ୍ୟରେ ଆଖୁଚାଷ କରାଯାଉଛି। ଯେହେତୁ ନୟାଗଡ଼ରେ ଆଖୁ ବିକ୍ରି କରିବାର କୌଣସି ସୁବିଧା ନାହିଁ ସେଥି ପାଇଁ ଚାଷୀ ମାନେ ସମସ୍ୟା ଭୋଗୁଛନ୍ତି। ବର୍ତ୍ତମାନ ଜିଲ୍ଲାରେ ୮ଟି ବ୍ଲକ୍ ମଧ୍ୟରୁ ଓଡ଼ଗାଁ, ରଣପୁର, ନୟାଗଡ଼ ଓ ନୂଆଗାଁ ରୁ ଉତ୍ପାଦନ ହେଉଥିବା ଆଖୁ ଏବେ ଆସ୍କା ଚିନିକଳକୁ ପଠା ଯାଉଛି। ସେହିପରି ଗଣିଆ, ଦଶପଲ୍ଲା, ଖଣ୍ଡପଡ଼ା ଓ ଭାପୁର ରୁ ଉତ୍ପାଦନ ହେଉଥିବା ଆଖୁ କୁ ଢେଙ୍କାନାଳରେ ଥିବା ଆଉ ଏକ ଚିନିକଳକୁ ପଠାଯାଉଛି। ବର୍ତ୍ତମାନ ସମସ୍ତ ବ୍ଲକରେ ଆଖୁ ଚାଷ ପାଇଁ ଚାଷୀ ମାନଙ୍କୁ ସଚେତନ କରାଯାଉଥିବା ବେଳେ ଉନ୍ନତ କିସମର ବିହନ ସମ୍ପର୍କରେ ସେମାନଙ୍କୁ ବୁଝା ଯାଉଛି। ତଥାପି ଆଖୁଚାଷ ପ୍ରତି ସେମାନେ ସେତେଟା ଆଗ୍ରହୀ ହେଉ ନାହାନ୍ତି ବୋଲି ଜିଲ୍ଲା କୃଷି ଅଧିକାରୀ ଶିବଶଙ୍କର ସିଂହ କହିଛନ୍ତି। ଅନ୍ୟପଟେ ନୟାଗଡ଼ ଜିଲ୍ଲାର ଏକ ମାତ୍ର ଶିଳ୍ପ ଭାବେ ଗଣା ଯାଉଥିବା ଚିନିକଳକୁ ନେଇ ଏବେ ବିଭିନ୍ନ ପ୍ରକାର ଆଲୋଚନା ଚାଲିଛି। ପୁରୁଣା ଚିନିକଳର ପୁନରୁଦ୍ଧାର କରାଯିବ ନା ନୂଆ ପ୍ରତିଷ୍ଠା କରାଯିବ, ଦୀର୍ଘ ଦିନ ହେଲା ସ୍ପଷ୍ଟ ହୋଇପାରୁ ନାହିଁ। ମାତ୍ର ଗତ ଶନିବାର ଜିଲ୍ଲା ପ୍ରଶାସନ ଓ ଚିନିକଳ ପ୍ରତିଷ୍ଠା ଦାୟିତ୍ୱରେ ଥିବା ବିଶେଷଜ୍ଞ ଟିମ୍ ଇଣ୍ଡିଆନ୍ ପୋଟାସ୍ ଲିମିଟେଡ୍ ( ଆଇପିଏଲ୍ ) ର ଅଧିକାରୀ ମାନେ ଏକାଧିକ ସ୍ଥାନ ବୁଲି ଦେଖିଛନ୍ତି। ନୟାଗଡ଼ ବ୍ଲକର ବାଲୁଗାଁ ନିକଟରେ ପୁରୁଣା ଚିନିକଳ ନିକଟ କୁ ଲାଗିକି ଥିବା ୭୦ ଏକର ଜାଗା ଓ ଗମେଇ ନିକଟରେ ଥିବା ଆଉ ଏକ ଜାଗା ମଧ୍ୟ ପରିଦର୍ଶନ କରିଛନ୍ତି। ଯେଉଁ ଜାଗାଟି ଉତ୍କୃଷ୍ଟ ହେବ, ସେ ନେଇ ରାଜ୍ୟ ସରକାରଙ୍କୁ ଏହି ଟିମ୍ ରିପୋର୍ଟ ପ୍ରଦାନ କରିବ ବୋଲି ଜଣାପଡ଼ିଛି। ଫଳରେ ଜିଲ୍ଲାରେ ଚିନିକଳକୁ ନେଇ ଆଶା ସଂଚାର ହୋଇଛି। ପୁଣି ଥରେ ଜିଲ୍ଲାରେ ଆଖୁ ଚାଷ କରିବା ପାଇଁ ଚାଷୀ ମାନେ ଆଗ୍ରହୀ ହେବେ ବୋଲି କୃଷି ବିଭାଗ ଆଶା ରଖିଛି।





## ଅଗ୍ନିବିପନ୍ନ ପରିବାରକୁ ସହାୟତାର ହାତ ବଢାଇଲା ଛୋଟ ଏକ ପ୍ରୟାସ



ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳନି ଉପଖଣ୍ଡ ନୂଆବଗ ପଂଚାୟତର ଶାଳବଣ ସାହିରେ ସୋମବାର ଅପରାହ୍ନ ରେ ଏକ ବଡ଼ ଧରଣ ଅଗ୍ନିକାଣ୍ଡ ଘଟିଯାଇଛି।ଶାଳବଣ ସାହିରେ କୌଣସି କାରଣ ରୁ ନରିଆ ବିଶ୍ୱାଳ, ଗୋଲେଖ ବିଶ୍ୱାଳ, ଗାଣ୍ଡୁ ବିଶ୍ୱାଳ, ଦିବାକର ବିଶ୍ୱାଳ, ସିପୁନ ବିଶ୍ୱାଳ,ଭାସ୍କର ପ୍ରଧାନ, ଙ୍କ ସହିତ ୯ଟି ପରିବାର ର ପ୍ରାୟ ୧୪ବଖରା ଘର ଭସ୍ମିଭୁତ ହୋଇ ଘରେଥିବା ସମସ୍ତ ଆସବା ପତ୍ର ସହ ଧାନ ଚାଉଳ ପୋଡି ଛାରଖାର ହୋଇ ସମସ୍ତ ପରିବାର ସର୍ବସ୍ୱାନ୍ତ ହୋଇଯାଇଛି । ଏହି ଖବର ଶୁଣିବା ମାତ୍ରେ ହିନ୍ଦୋଳ ର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଛୋଟ ଏକ ପ୍ରୟାସ ସାହାଯ୍ୟ ର ହାତ ବଢ଼ାଇବା ପାଇଁ ଆଗେଇ ଆସି ସମସ୍ତ ଲୋକଙ୍କ ପାଇଁ ନୂତନ ବସ୍ତ୍ର ସହିତ ଶୁଖିଲା ଖାଦ୍ୟ ସହଯୋଗ କରିଥିଲା।ଏଥିସହ କ୍ଷତିଗ୍ରସ୍ତ ପରିବାରଙ୍କୁ ସମବେଦନା ଜଣାଇବାସହ ସରକାର ଓ ପ୍ରଶାସନ ତୁରନ୍ତ କ୍ଷତିଗ୍ରସ୍ତ ସର୍ବହରା ପରିବାରଙ୍କୁ ଆର୍ଥିକ ସହାୟତା, ନୂତନବାସଗୃହ ସହ ଖାଦ୍ୟ ବସ୍ତ୍ର ର ସହଯୋଗ ଯୋଗାଇଦେବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛୋଟଏକ ପ୍ରୟାସ ପରିବାରର ସମସ୍ତ ସଦସ୍ୟ ମାନଙ୍କ ସହ ସମାଜସେବୀ,ସାମ୍ବାଦିକ ତଥା ପୂର୍ବତନ ହିନ୍ଦୋଳ ଏନଏସି କାଉନସିଲର ପ୍ରଦ୍ୟୁମ୍ନ ବେହେରା ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଛୋଟ ଏକ ପ୍ରୟାସର ଏହିପରି ମହତ ମାନବସେବା ସାମାଜିକ କାର୍ଯ୍ୟକୁ ହିନ୍ଦୋଳବାସି ଉଚ୍ଚ ପ୍ରଶଂସା କରିଛନ୍ତି।

## ଗଜପତି ଜିଲ୍ଲାରେ ପ୍ରବେଶ ଉତ୍ସବ' ଓ 'ଖଡ଼ିଛୁଆଁ' ପାଇଁ ବ୍ୟାପକ ସଚେତନତା

ଗଜପତ(ମହାଭାରତ) : ରାଜ୍ୟ ସରକାରଙ୍କ 'ନିପୁଣ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ନାମଲେଖା ପାଇଁ ସାରା ରାଜ୍ୟରେ ଉତ୍ସାହ ଦେଖାଦେଇଛି।ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ମିଳିତ ଭାବେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଓ ମୁଖ୍ୟମନ୍ତ୍ରୀଙ୍କ ଆସିଥିବା ନିମନ୍ତ୍ରଣ ପତ୍ର ବଣ୍ଟନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ କାର୍ଯ୍ୟକ୍ରମ ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲଗୁନି ମାଝୀ , ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପୃଥ୍ୱିରାଜ ମଣ୍ଡଳ , ଜିଲ୍ଲା ଶିକ୍ଷାଧିକାରୀ ଡ଼ଃ ମାୟାଧର ସାହୁ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ସଲେମାନ ରାଇକା ପ୍ରମୁଖ ଅଧିକାରୀ ମାନେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ସହଯୋଗରେ ସହରର ବିଭିନ୍ନ ସ୍ଲମ ଅଞ୍ଚଳର ଘରକୁ ଘର ବୁଲି ପିଲାମାନଙ୍କୁ ଚକଲେଟ୍ ଓ ଫୁଲତୋଡା ଦେବା ସହ ସେମାନଙ୍କ ଅଭିଭାବକ ମାନଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦିଆ ଯାଇଥିବା ନିମନ୍ତ୍ରଣ ପତ୍ର ପ୍ରଦାନ କରି ତାଙ୍କ ପିଲାକୁ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବାକୁ କହିବା ସହ ନିଜ ପିଲାକୁ ସ୍କୁଲକୁ ନାମ ଲେଖାଇବାକୁ ଆଣିବା ବେଳେ ସଙ୍ଗରେ ପିଲାର ଆଧାର କାର୍ଡ , ପାସ ଫୋଟ ଏବଂ ଜନ୍ମ ପ୍ରମାଣ ପତ୍ର ଆଣିବା ପାଇଁ କହି ସଚେତନ କରାଇଥିଲେ।ଆସନ୍ତା ୦୨.୦୪.୨୦୨୬ ରିଖରେ ସମସ୍ତ ବିଦ୍ୟାଳୟରେ 'ଖଡ଼ିଛୁଆଁ ଓ ନାମଲେଖା ଦିବସ' ପାଳନ କରାଯିବ। ଏହି ଦିନ ନୂତନ ଭାବେ ନାମ ଲେଖାଉଥିବା ପିଲାମାନଙ୍କୁ ପାରମ୍ପରିକ ରୀତିରେ ଫୁଲ ଓ ଚନ୍ଦନ ଦେଇ ସ୍ୱାଗତ କରାଯିବ।ଏଥିସହ ବିଦ୍ୟାଳୟ ପରିଚାଳନା କମିଟି , ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅଭିଭାବକମାନଙ୍କ ଉପସ୍ଥିତିରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପଢ଼ି ଶୁଣାଯିବ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ , ଶିକ୍ଷକ ଶିକ୍ଷୟିତ୍ରୀ , ସି.ଆର.ସି.ସି., ସମଗ୍ର ଶିକ୍ଷା ସଂଯୋଜକ ଏବଂ ବିଦ୍ୟାଳୟ କମିଟିର ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଓ ଗୁଣାତ୍ମକ ଶିକ୍ଷାର ମୂଳଦୁଆ ପକାଇବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।ମୁଖ୍ୟତଃ ବିକଶିତ ଓଡ଼ିଶା ଗଠନ ପାଇଁ ଗୁଣାତ୍ମକ ଶିକ୍ଷାର ନିତାନ୍ତ ଆବଶ୍ୟକତା ରହିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନୂତନ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଦେଶର ପ୍ରଥମ ରାଜ୍ୟ ଭାବେ ସମସ୍ତ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଗତ ଶିକ୍ଷା ବର୍ଷ ଠାରୁ ଶିଶୁ ବାଟିକା ଆରମ୍ଭ କରିଛନ୍ତି ।କୁନି କୁନି ପିଲାମାନଙ୍କ ପାଇଁ ଶିଶୁ ବାଟିକା ଆରମ୍ଭ କରାଯାଇଛି , ଯେଉଁଠି କି , ସେମାନଙ୍କ ଖୁସି , ଆନନ୍ଦ ଓ ସୁନ୍ଦର ଭବିଷ୍ୟତର ତାହା ଏକ ଏନ୍ତୁଡ଼ିଶାଳା ।

## ଜିଲ୍ଲାପାଳଙ୍କୁ ଭେଟିଲା ଚିନିକଳ ମିଳିତ କ୍ରିୟାନୁଷ୍ଠାନ କମିଟି



ନୟାଗଡ଼, ( ମହାଭାରତ ) : ନୟାଗଡ଼ ରେ ନୂତନ ଚିନିକଳ ସ୍ଥାପନ କୁ ନେଇ ପ୍ରକ୍ରିୟା ଏକ ପ୍ରକାରର ଆରମ୍ଭ ହୋଇଯାଇଛି। ବିଶେଷଜ୍ଞ ଟିମ୍ ଓ ଜିଲ୍ଲା ପ୍ରଶାସନ ବର୍ତ୍ତମାନ ନୟାଗଡ଼ ବ୍ଲକ୍ ରେ ବିଭିନ୍ନ ଜାଗା ଚିହ୍ନଟ ପାଇଁ ପଦକ୍ଷେପ ନେଉଛନ୍ତି। ଏନେଇ ନୟାଗଡ଼ ଚିନିକଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ମନୋଜ କୁମାର ସାହୁଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନ କରିଛନ୍ତି। ପୂର୍ବରୁ ଦିଆଯାଇଥିବା ପ୍ରସ୍ତାବ ମୁତାବକ, ବିଶେଷଜ୍ଞ ଟିମ୍ ପାଣିପୋଇଲା ସ୍ଥିତ ପୁରୁଣା ଚିନିକଳ ନିକଟ ସାନହାମରା ଜାଗା ପରିଦର୍ଶନ କରିଥିବାରୁ ଜିଲ୍ଲାପାଳଙ୍କୁ କମିଟିର ସଦସ୍ୟ ମାନେ କୃତଜ୍ଞତା ଜଣାଇଥିଲେ। ଏହାସହ ଚାଷୀ ଓ ଚିନିକଳ ଶ୍ରମିକ ମାନଙ୍କର ବକେୟା ପାଉଣା, ଆଖୁ ଚାଷ ପ୍ରତି ପ୍ରାଧାନ୍ୟ ଏବଂ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ଯୋଜନା କରିଥିବା ଶୁଣିବା ପରେ କମିଟିର ସଦସ୍ୟ ମାନେ ସନ୍ତୋଷ ପ୍ରକାଶ କରିଥିଲେ। ଜିଲ୍ଲାପାଳଙ୍କ ସହ ଆଲୋଚନା ସମୟରେ ଅନ୍ୟ ମାନଙ୍କ ମଧ୍ୟରେ କମିଟିର ଆବାହକ ସନ୍ତୋଷ କୁମାର ପ୍ରଧାନ, କୋଷାଧ୍ୟକ୍ଷ ବୈକୁଣ୍ଠନାଥ ରାଉତ, ସଂପାଦିକା ଲଳିତା କୁମାରୀ ଦାସ, ଶ୍ରମିକ ସଂଗଠନ ସଭାପତି ଲକ୍ଷ୍ମୀଧର ସାହୁ, ସଭ୍ୟ କାଳୁ ଦଳବେହେରା, ରବୀନ୍ଦ୍ର ମହାରଣା, ଅରୁଣ କୁମାର ସାହୁ, ପ୍ରମୋଦ ନାୟକ, ସୂର୍ଯ୍ୟମଣି ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଯାଜପୁର ଗ୍ରାମରେ ମାଆ ନାକିଟିଭବାନୀଙ୍କ ଠାକୁରାଣୀ ଯାତ୍ରା ଆରମ୍ଭ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଉପକଣ୍ଠରେ ଥିବାରେ ଜାଜପୁର ଗ୍ରାମ ଦେବତୀ ମାଁ ନାକିଟିଭବାନୀ ଙ୍କ ଠାକୁରାଣୀ ଯାତ୍ରାର ଆରମ୍ଭ ହୋଇ ଯାଇଛି।ଏହି ଅବସରରେ ସକାଳ ସମୟରେ ବିଭିନ୍ନ ବାଦ୍ୟ ବାଜଣା ସହ ଗାଁର ବିଭିନ୍ନ ସାହିରେ ମାଆଙ୍କ ଘଟ ପରିକ୍ରମା କରାଯାଉଛି ।ଗ୍ରାମ ବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଭକ୍ତ ମାନେ ମାଆଙ୍କୁ ହଳଦୀ ପାଣିରେ ମାଆ ଙ୍କୁ ଶୀତଳ ଦେଇ, ମୁଗଜାଇ, ନଡ଼ିଆ କଦଳୀ, ଫୁଲ ଫଳ, ଲୁଗା, ପ୍ରଭୃତି ସାମଗ୍ରୀରେ ମାଆଙ୍କୁ ପୂଜାର୍ଚ୍ଚନା କରିଥିଲେ। ଗାଁ ଲୋକେ କହିବା ଅନୁସାରେ ଗ୍ରାମର ଅଧିଷ୍ଠାତ୍ରୀ ଗ୍ରାମଦେବୀ ମା କେଉଁ ପୁରାତନ କାଳରୁ ଯାଜପୁର ଗ୍ରାମର ଉତ୍ତରପୂର୍ବ କୋଣର ଏକ ବିଲପ୍ରାନ୍ତି ମଧ୍ୟରେ ଅଧିଷ୍ଠିତ ଅଛନ୍ତି ଗ୍ରାମବାସୀ ବଡ ଭକ୍ତି ସହକାରେ ଆସି ମାଆ ଙ୍କୁ ପୂଜାର୍ଚ୍ଚନା କରି ଆସୁଛନ୍ତି । ମାଁଙ୍କର ପ୍ରତ୍ୟକ୍ଷ ଅନୁଭୁତିକୁ ନେଇ ସାଧାରଣ ଲୋକଙ୍କ ଭଳି ମାଁ ଗ୍ରାମବାସୀଙ୍କ ସହିତ ଚଳପ୍ରଚଳ କରୁଥିବା ଜାଜପୁର ଗ୍ରାମବାସୀଙ୍କ ବିଶ୍ୱାସ ରହିଛି। ମାଁ ନାକିଟିଭବାନୀ ଙ୍କ ପ୍ରତି ପାଞ୍ଚ ବର୍ଷ କୁ ଥରେ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହୋଇଥାଏ ଗ୍ରାମର ଅସ୍ଥାୟୀ ମଣ୍ଡପରେ ବିଜେ କରି ପ୍ରତି ସଂନ୍ଧ୍ୟାରେ ଓ ସକାଳୁ ଗ୍ରାମ ପରିକ୍ରମା କରୁଥିବା ପ୍ରଥା ରହିଛି । ଏହି ସମୟରେ ଗ୍ରାମ ଉତ୍ସବ ମୁଖର ହୋଇଥାଏ । ହଜାର ହଜାର ସଂଖ୍ୟାରେଗ୍ରାମବାସୀଙ୍କ ସହିତ ବନ୍ଧୁବାନ୍ଧବ ପରିଜନଙ୍କ ସହିତ ଆସି ମାଆଙ୍କ କୃପା ଲାଭ କରିବା ସହ ନିଜନିଜ ମାନସିକ ଇଚ୍ଛା ପୂରଣ କରିଥାନ୍ତି। ଗ୍ରାମରେ ଆଲୋକ ସଜ୍ୟରେ ଗ୍ରାମ ଝଲିଶି ଉଠୁଛି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହଉଛି ଆଖ ପାଖ ଅଞ୍ଚଳ ରୁ ବହୁ ଭକ୍ତ ମା ଙ୍କ ଦର୍ଶନ ସକାଶେ ଆଶିଷ ସକାଶେ ସୁଅ ଛୁଟୁଛି ଗ୍ରାମ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ।

## ବ୍ଲକ ସ୍ତରୀୟ କୋୟା ପୁନେମ ଏବଂ ସାମ୍ବିଧାନିକ ପ୍ରଶିକ୍ଷଣ ତାଲିମ ଶିବିର



ର ା ଇ ଘ ର ବ୍ଲକ(ମହାଭାରତ)ନବରଙ୍ଗପୁର ଜିଲ୍ଲା (ଓଡ଼ିଶା) ତ□ାବଧାନରେ ପାରମ୍ପରିକ ରୀତି-ନୀତି, ସାଂସ୍କୃତିକ ଏବଂ ପିଢ଼ୀଗତ ପରିଚୟକୁ ସୁରକ୍ଷିତ ରଖିବା ପାଇଁ ବ୍ଲକ୍ ସ୍ତରୀୟ କୋୟାପୁନେମ ଏବଂ ସାମ୍ବିଧାନିକ ପ୍ରଶିକ୍ଷଣ ତାଲିମ ଶିବିର ସଫଳତାର ସହିତ ଆୟୋଜିତ ହୋଇଥିଲା।ଏହି ଶିବିରଟି ୨୦ ମାର୍ଚ୍ଚ ୨୦୨୬ ରୁ ୨୨ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଗ୍ରାମ ପଞ୍ଚାୟତ କସକୋଙ୍ଗା, ଗ୍ରାମ ହିରି ଠାରେ ଅନୁଷ୍ଠିତ ହୋଇଥିଲା।ଏହି ତିନି ଦିନିଆ ପ୍ରଶିକ୍ଷଣ ତାଲିମ ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ସହ ରାଇଘର ବ୍ଲକ ର ଅନେକ ଗ୍ରାମ ରୁ ଆସିଥିବା ପ୍ରାୟ ୨୦୦ରୁ ଅଧିକ ଲୟା-ଲୟୋର ପ୍ରଶିକ୍ଷାର୍ଥୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରାହୀମାନେ କୋୟାପୁନେମ, ପୁରୁଡ, ପୁକରାଲ ଓ ପାରମ୍ପରିକ ଜ୍ଞାନ ଏବଂ ସାମ୍ବିଧାନିକ ଅଧିକାର, ଗ୍ରାମ ସଶକ୍ତିକରଣ ଗ୍ରାମ ଶୋଭା ବିଷୟରେ ଜାଣିବାକୁ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ବିଶେଷତା ହେଉଛି ଭାବନାକୁ ଆଧାର କରି ବିଭିନ୍ନ ରାଜ୍ୟରୁ ଆସିଥିବା ରିସର୍ଚ୍ଚର ଓ ମାଷ୍ଟର ଟ୍ରେନରମାନେ ସକ୍ରିୟ ଭାବରେ ଯୋଗଦେଇଥିଲେ। କେ.ବି.କେ.ଏସ୍ ଟିମ୍ ର ପାଟା ଗୁରୁ ବିଷ୍ଣୁ ଦେବ ପଦ୍ମା ପାରମ୍ପରିକ ପାଟା ଗୀତ ମାଧ୍ୟମରେ ନାର୍ର ସିଆନ ବ୍ୟବସ୍ଥା ଏବଂ ନାର୍ର ପେନ ହୁଜାଡ଼ ଗ୍ରାମ ବ୍ୟବସ୍ଥା କୁ ଅତ୍ୟନ୍ତ ନିୟୋଜିତ ଭାବରେ ବ୍ୟାଖ୍ୟା କରିଥିଲେ, ଯାହା ଆୟୋଜନକୁ ସାଂସ୍କୃତିକ ରଙ୍ଗରେ ଭରିଦେଇଥିଲା।କୋୟତୁର ସମୁଦାୟ ର ତିନି ସଂସ୍କାର ଟୋଣ୍ଡା-ମଣ୍ଡା-କୁଣ୍ଡା ଏବଂ ଆମ କଲଚର୍ ଓ ପର୍ବପର୍ବାଣି ଲୁଚି ରହିଥିବା ବିଜ୍ଞାନ ସହିତ ଆଧାରିତ ରହସ୍ୟମୟ କୁ ଉଦାହରଣ ସହ ମାଷ୍ଟର ଟ୍ରେନର ତିରୁ. ଜୋଗତ ମରକାମ ସାର୍ ତାଙ୍କର ଅନୁଭବ ଅଂଶୀଦାର କରିଥିଲେ, ଯାହା ସତ୍ରକୁ ଅଧିକ ଆକର୍ଷଣୀୟ କରିଥିଲା।ଗୋଣ୍ଡୱାନା, ଗୋଟୁଲ ଶିକ୍ଷା ପ୍ରଣାଳୀ, ପଞ୍ଚମ ତାଲିକା ଓ ସାମାଜିକ ବ୍ୟବସ୍ଥା ବିଷୟରେ ଏବଂ ଆର୍ଥିକ ସଶକ୍ତିକରଣ, ଶିକ୍ଷା ଓ କ୍ୟାରିୟର ମାର୍ଗଦର୍ଶନ ବିଷୟରେ ଅଶ୍ୱିନୀ କୁମାର ନେତାମ ଯୁବମାନଙ୍କୁ ପ୍ରେରଣା ଦେଇଥିଲେ ଏବଂ ସରଳ ରୋଚକ ଭାବରେ ବିସ୍ତାରିତ ଆଲୋଚନା କରିଥିଲେ। ପଞ୍ଚାୟତ (ନିର୍ଦ୍ଧାରିତ ଅଞ୍ଚଳରେ ବିସ୍ତାର) ଅଧିନିୟମ ୧୯୯୬ ବିଷୟରେ ଯୋଗେଶ ନେରୁଟି ବିସ୍ତାରିତ ତଥ୍ୟ ଦେଇଥିଲେ ଯାହା ଦ୍ୱାରା ଗ୍ରାମ ଶୋଭା ର ପାୱାର ବିଷୟରେ ଆଲୋଚନା କରିଥିଲେ।ଯେତେବେଳେ ଲିଙ୍ଗୋ ଦର୍ଶନ ଓ ଗୋଣ୍ଡୀ ଭାଷାର ସୁରକ୍ଷା ବିଷୟରେ ଏଚ୍.ଆର୍. ନେତାମ ମାର୍ଗଦର୍ଶନ ଦେଇଥିଲେ।ଶିବିର ସମୟରେ ଗୋଟୁଲ କରସନା ର ଏକ ବିଶେଷ ସତ୍ର ଆୟୋଜିତ ହୋଇଥିଲା, ଯେଉଁଠାରେ କିଶୋର ମରକାମ ପାରମ୍ପରିକ ଅଭ୍ୟାସ ପ୍ରଣାଳୀକୁ ପ୍ରଦର୍ଶନ କରି ଯୁବମାନଙ୍କୁ ସ୍ୱାସ୍ଥ୍ୟ ଓ ଶିଷ୍ଟାଚାର ପ୍ରତି ସଚେତନ କରିଥିଲେ।ଏହି ସଫଳ ଆୟୋଜନ ପାଇଁ ଗ୍ରାମ ହିରିର ସମସ୍ତ ସମାଜସେବୀ ଓ ଯୁବମାନଙ୍କର ବିଶେଷ ଅବଦାନ ରହିଛି। ସେମାନେ ସମୁଦାୟିକ ଭାବନା ସହିତ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଆୟୋଜକମାନେ ସମସ୍ତ ଅଂଶଗ୍ରାହୀ, ମାର୍ଗଦର୍ଶକ ଓ ସହଯୋଗୀଙ୍କୁ ଆଭାର ଜଣାଇ ଆଗାମୀ ଦିନରେ ଏପରି ଶିବିର ଆୟୋଜନର ଆଶା ବ୍ୟକ୍ତ କରିଥିଲେ। ଶେଷରେ ପାରମ୍ପରିକ ଅଭିବାଦନ ସହ କାର୍ଯ୍ୟକ୍ରମର ସମାପନ ହେଲା।

## ଭବାନୀପାଟଣାରେ ଆଇନ ସଚେତନତା କାର୍ଯ୍ୟକ୍ରମ

କଳାହାଣ୍ଡି /ମହାଭାରତ :ନାରୀ ସୁରକ୍ଷା, ଲିଙ୍ଗ ସମସ୍ୟା ଉପରେ ଗୁରୁତ୍ୱଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ୨୫-୦୩-୨୦୨୬ ତାରିଖରେ ଟାଉନହଲ୍, ଭବାନୀପାଟଣାରେ ବ୍ଲକ୍ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର୍ୱାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେୟ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶେଖର ମହାପାତ୍ର,ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା , ସମାଜ କଲ୍ୟାଣ ଅଧିକାରିଣୀ ସୁଚିତା ତ୍ରିପାଠୀ, ଶିଶୁ କଲ୍ୟାଣ ସମିତିର ଅଧକ୍ଷା ସ୍ୱର୍ଣ୍ଣଲତା ମହାନ୍ତି, ପୂର୍ବତନ ବ୍ଲକ୍ ଅଧକ୍ଷା ନମିତା ରାଣୀ ସାହୁ, ମହିଳା ମୋର୍ଚ୍ଚାର ସାଧାରଣ ସଚିବ ସୁଭାସିନୀ ପାତ୍ର ଓ ବିଜେପି ଜିଲ୍ଲା ଉପାଧକ୍ଷା ସନ୍ତୋଷିନୀ ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ଭବାନୀପାଟଣା ସଦର, କଳମପୁର ଓ ଧର୍ମଗଡ଼ର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରିଣୀ ମାନଙ୍କୁ ବାଲ୍ୟ ବିବାହ ନିରାକରଣ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ରିସୋର୍ସ ପର୍ସନ୍ ସୁଧାଂଶୁ କୁମାର ନନ୍ଦ ଓ ଭାରତ ଭୂଷଣ ପଣ୍ଡା ଲିଙ୍ଗ ସମସ୍ୟା, ଲିଙ୍ଗ ଭିତ୍ତିକ ହିଂସା, ନାରୀଙ୍କ ଆଇନୀ ଅଧିକାର ଓ ସୁରକ୍ଷା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।ଘରୋଇ ହିଂସା, ଦହେଜ ନିଷେଧ ଆଇନ, ଡାଇନି ପ୍ରଥା ବିରୋଧୀ ଆଇନ, ପୋକସୋ ନିୟମ , ପୋଶ ଆକ୍ଟ ଓ ହେଲ୍ପଲାଇନ୍ ସମ୍ପର୍କରେ ଜଣାଇଥିଲେ। ପ୍ରୋଟେକ୍ସନ୍ ଅଫିସର ସନ୍ଧ୍ୟାରାଣୀ ନାୟକ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମଜିବୁନ ନିଶା ସ୍ୱାଗତ ଭାଷଣ ରଖିଥିବା ବେଳେ ସମାଜ କଲ୍ୟାଣ ଅଧିକାରିଣୀ ସୁଚିତା ତ୍ରିପାଠୀ ଧନ୍ୟବାଦ ଜଣାଇଥିଲେ। ୱୁମେନ ହବ ଏବଂ ୱାନ ଷ୍ଟପ ସେଣ୍ଟର ର ସଦସ୍ୟମାନେ ମଧ୍ୟ ଯୋଗଦାନ କରିଥିଲେୟ ଏହି କାର୍ଯ୍ୟକ୍ରମରେ ସ୍କୁଲ୍-କଲେଜ ଛାତ୍ରଛାତ୍ରୀ, ନେତୃତ୍ୱ, ମିଡିଆ ପ୍ରତିନିଧି, ଆଙ୍ଗନୱାଡି କର୍ମୀ, କର୍ମୀ ଓ ସମସ୍ତ ଉଉଚଙ୍ଗମାନଙ୍କ ସକ୍ରିୟ ଭାଗୀଦାରି ଦେଖାଯାଇଥିଲା।


## ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ ଓ ଦାବିପତ୍ର



ଦଶପଲ୍ଲା,(ମହାଭାରତ):ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ ସ୍ଥାନୀୟ ପ୍ରାଥମିକ ଶିକ୍ଷକ ସଂଘ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ସଂଘର ସମ୍ପାଦକ ଚରଣ ମହାରଣାଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ । ଭାଲିଡେସନ ଆକ୍ଟ - ୨୦୨୫ର ପ୍ରଭାବ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା ।ଏହି ଆକ୍ଟକୁ କାର୍ଯ୍ୟକାରୀ ନକରିବା ପାଇଁ ସଂଘ ପକ୍ଷରୁ ବିଡିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି ।

## ଲଙ୍କାପୋଡି ଯାତ୍ରା ଓ କୁଆଁରୀଆ ମହୋତ୍ସବ ପାଇଁ ଅନ୍ତିମ ପ୍ରସ୍ତୁତି

ଦଶପଲ୍ଲା,(ମହାଭାରତ):ନୟାଗଡ଼ ଜିଲ୍ଲା ଦଶପଲ୍ଲାର ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରା ଓ କୁଆଁରୀଆ ମହୋତ୍ସବ ପାଇଁ ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ ଆସନ୍ତା ମାର୍ଚ୍ଚ ୨୭ (ଶ୍ରୀରାମ ନବମୀ) ରୁ ଏପ୍ରିଲ ୭ ତାରିଖ(ଲଙ୍କାପୋଡି )ପର୍ଯ୍ୟନ୍ତ ଏହି ଭବ୍ୟ ଯାତ୍ରା ଅନୁଷ୍ଠିତ ହେବ। ଏହାପରେ କୁଆଁରୀଆ ମହୋତ୍ସବ ସହିତ ମାଗଣା ଅପେରା ଅନୁଷ୍ଠିତ ହେବ।ଏଥିପାଇଁ ୫୭ ନମ୍ବର ଜାତୀୟ ରାଜପଥରେ ବିଶାଳ ସ୍ୱାଗତ ତୋରଣ ନିର୍ମାଣ ସହ ସାରା ସହରକୁ ରଙ୍ଗବେରଙ୍ଗର ଆଲୋକମାଳାରେ



ସଜ୍ଜିତ କରାଯାଇଛି ଯାତ୍ରା ଅବସରରେ ପଲ୍ଲିଶ୍ରୀ ମେଳା, ମୀନାବଜାର ଓ ମାଗଣା ଅପେରା ସହ ପ୍ରତି ସନ୍ଧ୍ୟାରେ ନାମିଦାମୀ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ମହୋତ୍ସବରେ ବହୁ ବିଶିଷ୍ଟ ଅତିଥି, ସାଂସଦ ଓ ମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସୂଚନା ମିଳିଛି ।ରାମଜନ୍ମ ଠାରୁ ରାବଣ ବଧ ଓ ରାମଙ୍କ ରାଜ୍ୟାଭିଷେକ ଯାଏଁ ରାମଲୀଳାର ସମସ୍ତ ବିଷୟବସ୍ତୁ ଏଠାରେ ଆଜକୁ ୨୨୪ବର୍ଷ ଧରି ପରିବେଷିତ ହୋଇଆସୁଛି ।ଚଳିତ ବର୍ଷ ଶ୍ରୀରାମ ଜନ୍ମ ଠାରୁ ୧୩ଦିନ ବ୍ୟାପି ରାମଲୀଳାର ପ୍ରତ୍ୟକଟି ପ୍ରସଙ୍ଗ ପରିବେଷିତ ହେବ ବୋଲି ଶୁଣିବାକୁ ମିଳିଥିବା ବେଳେ ଦଶପଲ୍ଲାର ବ୍ରତଧାରୀ କଳାକାର ମାନେ ଖାଲି ଦଶପଲ୍ଲା ନୁହେଁ ବରଂ ଭାରତ ବର୍ଷର ବହୁ ପ୍ରାନ୍ତରେ ଯଥା ଅଯୋଧ୍ୟା,ଉରଚ୍ଛା, ଉଜ୍ଜୟିନୀ ଠାରେ ଏହି କଳାକାର ମାନେ ରାମଲୀଳାର ପ୍ରତ୍ୟକଟି ପ୍ରସଙ୍ଗ ପରିବେଷଣ କରନ୍ତି।

## ବନ୍ଦେ ମାତରମ୍ ବିରୋଧରେ ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଜାତୀୟ ଗୀତ ବନ୍ଦେ ମାତରମ୍ ବଜାଇବା ଓ ଗାଇବା ଉପରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ବୁଧବାର ପ୍ରତ୍ୟାଖ୍ୟାନ କରିଛନ୍ତି। କୋର୍ଟ କହିଛନ୍ତି ଯେ ଜାନୁଆରି ୨୮ ତାରିଖ ଦିନ ଜାରି ହୋଇଥିବା ସର୍କୁଲାର ସମ୍ପୂର୍ଣ୍ଣ ଭାବେ 'ଉପଦେଶମୂଳକ' ଏବଂ ଏହାର ଅନୁପାଳନ ନ କରିବା ପାଇଁ କୌଣସି ଆଇନଗତ ବାଧ୍ୟବାଧକତା କିମ୍ବା ଦଣ୍ଡବିଧାନ ନାହିଁ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନକୁ ଅପରିପକ୍ୱ ବୋଲି କହି ଏଥିରେ କୌଣସି ବାଧ୍ୟବାଧକତା କିମ୍ବା ଭେଦଭାବ ନାହିଁ ବୋଲି ଦର୍ଶାଇଛନ୍ତି। ମହମ୍ମଦ ସୟିଦ ନୁରୀ ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଖାରଜ କରି କୋର୍ଟ କହିଛନ୍ତି: ଏହି ଆବେଦନ ଅନାବଶ୍ୟକ ହୋଇଥିବାରୁ ଆମେ ଏହାକୁ ଗ୍ରହଣ କରିବାକୁ ଇଚ୍ଛୁକ ନୁହଁ। ଆବେଦନକାରୀଙ୍କ ଓକିଲ ସଂଜୟ ହେଗଡେ ଯୁକ୍ତି କରିଛନ୍ତି ଯେ,



ସର୍କୁଲାରରେ ବ୍ୟବହୃତ 'ସମ୍ମାନ' ଓ 'ଉପଯୁକ୍ତ ଶିଷ୍ଟାଚାର' ଭଳି ଶବ୍ଦ ଅଛି। ଯେଉଁମାନେ ପାଳନ ନ କରିବାକୁ ପସନ୍ଦ କରିବେ ଏହା ସେମାନଙ୍କ ଉପରେ ଏକ ବଡ଼ ବୋଝ ପକାଇପାରେ। ସେ ଉଲ୍ଲେଖ କରିଥିଲେ ଯେ, ଦେଶପ୍ରେମକୁ ବାଧ୍ୟତାମୂଳକ କରାଯାଇପାରିବ ନାହିଁ। ଏଥିରେ ଖଣ୍ଡପୀଠ ସନ୍ତୁଷ୍ଟ ହୋଇ ନ ଥିଲେ। କୋର୍ଟ କହିଛନ୍ତି, ଅଭିବ୍ୟକ୍ତିର ସ୍ୱାଧୀନତା ଗୀତ ଗାଇବା ପାଇଁ ଯେତିକି, ଗୀତ ନ ଗାଇବା ପାଇଁ ସେତିକି। ଏହା ଏକ ଅମୂଳକ ଆଶଙ୍କା। ଯେତେବେଳେ ପରିଣାମ କିମ୍ବା କଟକଣା ଆସେ, ଆମ ପାଖକୁ ଆସନ୍ତୁ। ବର୍ତ୍ତମାନ ଭେଦଭାବ ବିଷୟରେ ଆପଣଙ୍କର କିଛି ଅସ୍ପଷ୍ଟ ଆଶଙ୍କା ଅଛି।

ବିଜୋ ଇମାନୁଏଲ୍ ମାମଲା (୧୯୮୬) ପରି ପୂର୍ବ ରାୟକୁ ଦର୍ଶାଇ କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଜାତୀୟ ସଂଗୀତ ଗାଇବାକୁ ମନା କରିଥିବା ଛାତ୍ରମାନଙ୍କ ପାଇଁ ପରିଣାମ ଆସିଥିଲା, କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଏଠାରେ ଏପରି କୌଣସି ଦଣ୍ଡନୀୟ ଢାଞ୍ଚା ନାହିଁ। ବିଜୋ ଇମାନୁଏଲ୍ ମାମଲାରେ କୋର୍ଟ କହିଛନ୍ତି ଯେ, ଛାତ୍ରମାନଙ୍କୁ ସେମାନଙ୍କର 'ଧାର୍ମିକ ବିଶ୍ୱାସ' ଆଧାରରେ ବହିଷ୍କାର କରିବା ଭାରତୀୟ ସମ୍ବିଧାନର ଉଲ୍ଲଂଘନ। ଜାତୀୟ ସଂଗୀତ ନ ଗାଇବା ପାଇଁ ତିନି ଜଣ ପିଲାଙ୍କୁ ଏକ ବିଦ୍ୟାଳୟରୁ ବହିଷ୍କାର କରାଯାଇଥିଲା। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସମ୍ବିଧାନର ଧାରା ୫୧ଏ ଅନୁଯାୟୀ ମୌଳିକ କର୍ତ୍ତବ୍ୟ ଦର୍ଶାଇ ଏହି ସର୍କୁଲାରକୁ ସମର୍ଥନ କରିଛନ୍ତି ଏବଂ ନାଗରିକମାନଙ୍କୁ ଜାତୀୟ ପ୍ରତୀକକୁ ସମ୍ମାନ ଦେବା ପାଇଁ ଆନୁଷ୍ଠାନିକ ଭାବରେ ପରାମର୍ଶ ଦିଆଯିବା ଆବଶ୍ୟକ କି ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ସେ ମନ୍ତବ୍ୟ ଦେଇଛନ୍ତି ଯେ ଦେଶପ୍ରେମ ବାଧ୍ୟତାମୂଳକ ନୁହେଁ ବୋଲି ଯୁକ୍ତି କରୁଥିବା ଜଣେ ଆବେଦନକାରୀ 'ଏହି କୋର୍ଟର ଅନୁଗ୍ରହ ପାଇବାକୁ ଯୋଗ୍ୟ ନୁହେଁ'। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଗୃହ ମନ୍ତ୍ରାଳୟ ଜାନୁଆରି ୨୮ରେ ଏକ ସର୍କୁଲାର ଜାରି କରିଥିଲା। ସରକାରୀ ଓ ସାର୍ବଜନୀନ କାର୍ଯ୍ୟକ୍ରମରେ ଜାତୀୟ ସଙ୍ଗୀତ ଗାନ ପାଇଁ ଏହା ଏକ ବିସ୍ତୃତ ପ୍ରୋଟୋକଲ ଧାର୍ଯ୍ୟ କରିଥିଲା, ଯେଉଁଥିରେ ଉଭୟ ଏକାଠି ଗାନ କରାଯିବା ସମୟରେ ଜାତୀୟ ସଙ୍ଗୀତ ପୂର୍ବରୁ ଏହାକୁ ଗାନ କରାଯିବା ଉଚିତ ବୋଲି ସର୍ତ୍ତ ମଧ୍ୟ ରହିଥିଲା। ଜାତୀୟ ଗୀତର ସମୂହ ଗାୟନକୁ ଅନ୍ତର୍ଭୁକ୍ତ କରିବାକୁ ବିଦ୍ୟାଳୟଗୁଡ଼ିକୁ ଉତ୍ସାହିତ କରାଯାଇଛି। ସୁପ୍ରିମ୍ ?କୋର୍ଟ କହିଛନ୍ତି ଯେ, ଏହି ବିଜ୍ଞପ୍ତିରେ ଅଂଶଗ୍ରହଣକୁ ବାଧ୍ୟତାମୂଳକ କରାଯାଇ ନାହିଁ କିମ୍ବା ଅନୁପାଳନ ନ କରିବା ପାଇଁ କୌଣସି ଜରିମାନା ଧାର୍ଯ୍ୟ କରାଯାଇ ନାହିଁ।

## ଗ୍ୟାସ୍ ସଙ୍କଟ ମଧ୍ୟରେ ସରକାର ନେଲେ ବଡ଼ ପଦକ୍ଷେପ



ନୂଆଦିଲ୍ଲୀ : ଏଲପିଜି ସଙ୍କଟ ମଧ୍ୟରେ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ପେଟ୍ରୋଲ ଏବଂ ଡିଜେଲ ଅଭାବର ଗୁଜବକୁ ମଧ୍ୟ ସ୍ପଷ୍ଟ କରାଯାଇଛି। ଲୋକଙ୍କୁ ଏଥିପ୍ରତି ଧ୍ୟାନ ନ ଦେବାକୁ ଅନୁରୋଧ କରାଯାଇଛି। ଦେଶରେ ପେଟ୍ରୋଲ, ଡିଜେଲର କୌଣସି ଅଭାବ ନାହିଁ। ପ୍ରେସ୍‌ମିଟ୍‌ରେ ସ୍ପଷ୍ଟ କରିଛନ୍ତି ପେଟ୍ରୋଲିୟମ ମନ୍ତ୍ରାଳୟ ଯୁଗ୍ମ ସଚିବ ସୁଜାତା ଶର୍ମା। ଦେଶରେ ପର୍ଯ୍ୟାପ୍ତ ପରିମାଣର ଅଶୋଧିତ ତୈଳ ମହଜୁଦ ରହିଛି। ରିଫାଇନାରୀଗୁଡ଼ିକ ମଧ୍ୟ ସର୍ବୋତ୍ତମ କ୍ଷମତାରେ ଚାଲୁଛି। ଆମର ପ୍ରତିବର୍ଷ ତୈଳ ଶୁଦ୍ଧିକରଣ କ୍ଷମତା ପାଖାପାଖି ୨୬ କୋଟି ଟନ୍ ରହିଛି। ତେଣୁ କେହି ପେଟ୍ରୋଲ କିମ୍ବା ଡିଜେଲ ପାଇଁ ଲମ୍ବା ଲାଇନ କରନ୍ତୁ ନାହିଁ। ପେଟ୍ରୋଲ କିମ୍ବା ଡିଜେଲ ଦାମ ବଢ଼ିନି, କେହି ଭୟଭୀତ ହୁଅନ୍ତୁ ନାହିଁ ବୋଲି ସେ ଲୋକଙ୍କୁ ସଚେତନ କରାଇଛନ୍ତି।

ସରକାରଙ୍କ ଧ୍ୟାନ ପାଇପ୍ ନ୍ୟାଚୁରାଲ ଗ୍ୟାସ୍ କୁ ପ୍ରୋତ୍ସାହିତ କରିବା ଉପରେ ରହିଛି। ଏହା ପିଏନ୍‌ଜି ସଂଯୋଗର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଅନେକ ପଦକ୍ଷେପ ନେଇଛି। ଏହା ବ୍ୟତୀତ ଯେଉଁ ଗ୍ରାହକମାନେ ଟଘଏ ବ୍ୟବହାର କରିବା ସତ୍ତ୍ୱେ ତାହା ବ୍ୟବହାର ନ କରି ଘରୋଇ ରନ୍ଧନ ଗ୍ୟାସ (ଏଲ୍ ?ପିଜି) ବ୍ୟବହାର କରୁଛନ୍ତି ସେମାନଙ୍କର ଯୋଗାଣ ବନ୍ଦ କରାଯିବ। ସରକାର ଏହି ମର୍ମରେ ଏକ ନିର୍ଦ୍ଦେଶ ଜାରି କରିଛନ୍ତି। ସରକାରଙ୍କ ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଗ୍ୟାସ ନେଟ୍‌ୱର୍କକୁ ବଢ଼ାଇବା ଏବଂ ଗୋଟିଏ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା। ପଶ୍ଚିମ ଏସିଆରେ ଯୁଦ୍ଧ ସେଠାକାର ପ୍ରମୁଖ ଉତ୍ସରୁ ଯୋଗାଣକୁ ପ୍ରଭାବିତ କରିଛି। ଏଲପିଜି ଅଭାବକୁ ଦୂର କରିବା ପାଇଁ, ସରକାର ଘରୋଇ ଏବଂ ବାଣିଜ୍ୟିକ ଗ୍ରାହକମାନଙ୍କୁ ପିଏନ୍‌ଜି ବାଛିବାକୁ ଉତ୍ସାହିତ କରୁଛନ୍ତି। ପିଏନ୍‌ଜି ଅଧିକ ସୁବିଧାଜନକ। ପିଏନ୍‌ଜି ନିରନ୍ତର ପାଇପ୍‌ଲାଇନ ମାଧ୍ୟମରେ ବର୍ଣ୍ଣରକୁ ଯୋଗାଣ କରାଯାଏ, ଯାହା ସିଲିଣ୍ଡର ବୁକିଂର ଆବଶ୍ୟକତାକୁ ଦୂର କରେ।

ସରକାରୀ ନିର୍ଦ୍ଦେଶରେ କୁହାଯାଇଛି ଯେ, ଯଦି କୌଣସି ପରିବାର ପିଏନ୍‌ଜି ଉପଲବ୍ଧ ହେବା ପରେ ଗ୍ରହଣ କରନ୍ତି ନାହାନ୍ତି, ତେବେ ତିନି ମାସ ପରେ ଏଲ୍‌ପିଜି ଯୋଗାଣ ବନ୍ଦ କରିଦିଆଯିବ। ତଥାପି ଯେଉଁଠାରେ ପାଇପ ସଂଯୋଗ ସମ୍ଭବ ନୁହେଁ, ସେଠାରେ ନୋ ଅବଜେକ୍ସନ ସାର୍ଟିଫିକେଟ୍ (ଘଙଓ) ଆଧାରରେ ଏଲ୍‌ପିଜି ଯୋଗାଣ ଜାରି ରହିପାରିବ।

## ଦକ୍ଷିଣ ଦିଲ୍ଲୀରେ ସମ୍ପର୍ଣ୍ଣ ହେଲା ହରିଶ ରାଣାଙ୍କ ଶେଷକୃତ୍ୟ

ନୂଆଦିଲ୍ଲୀ : ଆଜି ସକାଳେ ଗାଜିଆବାଦର ରାଜ ଏମ୍ପାୟାରର ବାସିନ୍ଦା ହରିଶ ରାଣାଙ୍କ ଶେଷକୃତ୍ୟ ଦକ୍ଷିଣ ଦିଲ୍ଲୀର ଗ୍ରୀନ ପାର୍କ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି । ତାଙ୍କ ସାନ ଭାଇ ଆଶିଷ ଏବଂ ଭଉଣୀ ଭାବନାଙ୍କ ଉପସ୍ଥିତିରେ ଶେଷକୃତ୍ୟ ହୋଇଛି । ସୂଚନାଯୋଗ୍ୟ, ୧୩ ବର୍ଷ ଧରି କୋମାରେ ଥିବା ହରିଶ ରାଣାଙ୍କୁ ସୁପ୍ରିମକୋର୍ଟଙ୍କ ଐତିହାସିକ ନିର୍ଦ୍ଦେଶ ପରେ ମେଡିକାଲ ଟ୍ରିଟମେଣ୍ଟ ବନ୍ଦ କରଦିଆଯାଇଥିଲା । ଫଳରେ ଗତକାଲି



ସେ ଦିଲ୍ଲୀର ଏମ୍ସରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଆଜି ତାଙ୍କର ଦକ୍ଷିଣ ଦିଲ୍ଲୀରେ ଶେଷକୃତ୍ୟ ହେବା ସମୟରେ ପରିବେଶ ଗମ୍ଭୀର ଥିଲା । ତାଙ୍କ ଅନ୍ତିମ ସଂସ୍କାର ସମୟରେ ବୈଦିକ ମନ୍ତ୍ର ଉଚ୍ଚାରଣ କରାଯାଇଥିଲା ଏବଂ ତାଙ୍କ ଶରୀରରେ ଗୋଲାପ ପାଖୁଡ଼ା ଏବଂ ମାଳା ଦିଆଯାଇଥିଲା । ହରିଶଙ୍କ ମା' ନିର୍ମଳା ଦେବୀ ତାଙ୍କ ପୁଅକୁ ହାତ ଯୋଡ଼ି ଭାବପ୍ରବଣ ବିଦାୟ ଦେଇଥିବାବେଳେ ବାପା ଅଶୋକ ରାଣା ସମବେଦନା ଜଣାଇବାକୁ ଆସିଥିବା ଲୋକମାନଙ୍କୁ କାନ୍ଦିବାକୁ ଅନୁରୋଧ କରିଥିଲେ । ଏଥିସହ ସେ କହିଥିଲେ ଯେ, ତାଙ୍କ ପୁଅ ଏବେ ଏକ "ଖୁସିର ସ୍ଥାନରେ" ଅଛି ଏବଂ ସର୍ବଦା ଏକ ଭଲ ପୁଅ ଥିଲା। ପଡ଼ୋଶୀ ଏବଂ ଶୁଭେଚ୍ଛୁମାନେ ପରିବାରର ଅଟଳ ଧୈର୍ଯ୍ୟକୁ ପ୍ରଶଂସା କରିଥିଲେ । ସେପଟେ ବ୍ରହ୍ମା କୁମାରୀମାନଙ୍କ ସହିତ ଜଡିତ ସିଷ୍ଟର ଲଭଲି କହିଛନ୍ତି ଯେ ପରିବାର ହରିଶଙ୍କ ଆଖି ଦାନ କରିବାକୁ ନିଷ୍ପତ୍ତି ନେଇଛି ।

## ଜୀବନ ବଞ୍ଚାନ୍ତୁ, ପୁରସ୍କାର ପାଆନ୍ତୁ: ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ କଲେ ସରକାର ଦେବେ



ନୂଆଦିଲ୍ଲୀ, ୨୫ ।୩: ସାଧାରଣତଃ ସଡ଼କ ଦୁର୍ଘଟଣା ସମୟରେ ପୋଲିସ କିମ୍ବା ଆଇନଗତ ଝାମେଲାରେ ପଡ଼ିବା ଭୟରେ ଲୋକମାନେ ଆହତଙ୍କୁ ସାହାଯ୍ୟ କରିବାକୁ ପଛଘୁଞ୍ଚା ଦିଅନ୍ତି। କିନ୍ତୁ ଏବେ ସରକାର ଏହି ଚିନ୍ତା ଦୂର କରିବା ସହ ଜୀବନ ରକ୍ଷାକାରୀଙ୍କୁ ସମ୍ମାନିତ କରିବା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। 'ରାହ-ବୀର' ଯୋଜନା ମାଧ୍ୟମରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ କଲେ ଆପଣଙ୍କୁ ୨୫,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ମିଳିପାରିବ।

ଯେଉଁ ବ୍ୟକ୍ତି ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ଅଜଣା ବ୍ୟକ୍ତିଙ୍କୁ ସାହସର ସହିତ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ପହଞ୍ଚାନ୍ତି, ତାଙ୍କୁ 'ରାହ-ବୀର' କୁହାଯାଏ। ଏହି ଯୋଜନା ଅଧୀନରେ ଆହତଙ୍କୁ 'ଗୋଲେ୍‌ଡନ୍ ଆୱାର' (ଏକ୍କକ୍ଷୟରଭ ଐକ୍କଙ୍କକ୍ସ) ମଧ୍ୟରେ ଚିକିତ୍ସା ସହାୟତା ଯୋଗାଇଦେଲେ ୨୫,୦୦୦ ଟଙ୍କା ପୁରସ୍କାର ସହ ପ୍ରଶଂସା ପତ୍ର ମଧ୍ୟ ପ୍ରଦାନ କରାଯାଏ। ଜଣେ ବ୍ୟକ୍ତି ବର୍ଷକୁ ସର୍ବାଧିକ ୫ ଥର ଏହି ସମ୍ମାନ ପାଇପାରିବେ।

କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ, ସାହାଯ୍ୟକାରୀଙ୍କୁ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ରୋଗୀଙ୍କୁ ଭର୍ତ୍ତି କରିବା ପରେ ସାହାଯ୍ୟକାରୀଙ୍କୁ ସେଠାରେ ଅଟକିବାକୁ ବାଧ୍ୟ କରାଯିବ ନାହିଁ। ଆହତଙ୍କୁ ଡାକ୍ତରଖାନା ନେଇଥିବା ବ୍ୟକ୍ତି ଚିକିତ୍ସା ପାଇଁ ଟଙ୍କା ଦେବା ଜରୁରୀ ନୁହେଁ। ପୋଲିସ ସାହାଯ୍ୟକାରୀଙ୍କୁ ରଓଜ ଦେବାକୁ ବାଧ୍ୟ କରିପାରିବେ ନାହିଁ। ସାକ୍ଷୀ ହେବା ସମ୍ପୂର୍ଣ୍ଣ ରୂପେ ତାଙ୍କର ବ୍ୟକ୍ତିଗତ ପସନ୍ଦ। ଯଦି ସାହାଯ୍ୟକାରୀ ନିଜର ପରିଚୟ ଦେବାକୁ ଚାହୁଁନାହାନ୍ତି, ତେବେ ପୋଲିସ ବା ହସ୍ପିଟାଲ କର୍ତ୍ତୃପକ୍ଷ ଜବରଦସ୍ତି କରିପାରିବେ ନାହିଁ। କୌଣସି ବି ପୋଲିସ ଅଧିକାରୀ ରାହ-ବୀରଙ୍କୁ ହେପାଜତକୁ ନେଇପାରିବେ ନାହିଁ।

ଦୁର୍ଘଟଣା ଘଟିବାର ପ୍ରଥମ ଏକ ଘଣ୍ଟାକୁ ମେଡିକାଲ ବିଜ୍ଞାନରେ 'ଗୋଲେ୍‌ଡନ୍ ଆୱାର' କୁହାଯାଏ। ଏହି ସମୟ ମଧ୍ୟରେ ଯଦି ଆହତଙ୍କୁ ଉପଯୁକ୍ତ ଚିକିତ୍ସା ମିଳେ, ତେବେ ମୃତ୍ୟୁ ହେବାର ଆଶଙ୍କା ବହୁତ କମିଯାଏ ଏବଂ ସେ ଜୀବନବ୍ୟାପୀ ବିକଳାଙ୍ଗ ହେବାରୁ ରକ୍ଷା ପାଇଯାଆନ୍ତି।

ଏଥିପାଇଁ କୌଣସି ଡାକ୍ତରୀ ତାଲିମ କିମ୍ବା ବିଶେଷ ଉପକରଣର ଆବଶ୍ୟକତା ନାହିଁ। କେବଳ ମାନବିକତା ଏବଂ ସାହାଯ୍ୟ କରିବାର ଇଚ୍ଛା ଥିବା ଯେକୌଣସି ବ୍ୟକ୍ତି ଜଣେ 'ରାହ-ବୀର' ସାଜିପାରିବେ।

## ସର୍ବଦଳୀୟ ବୈଠକ ସମୟରେ ପାକିସ୍ତାନ ଉପରେ ବର୍ଷିଲେ ବୈଦେଶିକ ମନ୍ତ୍ରୀ


ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟରେ ଚାଲିଥିବା ସଙ୍କଟ ଉପରେ ଆଲୋଚନା କରିବା ପାଇଁ ବୁଧବାର ଏକ ସର୍ବଦଳୀୟ ବୈଠକ ଡକାଯାଇଥିଲା। ବୈଠକ ସମୟରେ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କୁ ଇରାନ ଏବଂ ଆମେରିକା ମଧ୍ୟରେ ସଂଘର୍ଷରେ ପାକିସ୍ତାନର ସମ୍ଭାବ୍ୟ ମଧ୍ୟସ୍ଥତା ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ, ମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦି ଶତ୍ରୁତା ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି । ଉଲ୍ଲେଖ କରିଛନ୍ତି ଯେ ଏହି ସଂଘର୍ଷ ସମ୍ପୃକ୍ତ ସମସ୍ତ ପକ୍ଷଙ୍କୁ କ୍ଷତି ପହଞ୍ଚାଉଛି । ଆଲୋଚନାରେ ପାକିସ୍ତାନର ମଧ୍ୟସ୍ଥତା ସମ୍ପର୍କରେ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତର ଦେଇ ଜୟଶଙ୍କର ସ୍ପଷ୍ଟ ଭାବରେ କହିଛନ୍ତି, "ଆମେ ଏକ ଦଲାଲ ଦେଶ ହୋଇପାରିବୁ ନାହିଁ।" ବୈଦେଶିକ ମନ୍ତ୍ରୀଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ପାକିସ୍ତାନ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ବିବାଦରେ ଏକ



ସମ୍ଭାବ୍ୟ ମଧ୍ୟସ୍ଥି ଭାବରେ ନିଜକୁ ସ୍ଥାନିତ କରିଛି। ଢ ରେ ପୋଷ୍ଟ କରି, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ କହିଛନ୍ତି, "ମଧ୍ୟପ୍ରାଚ୍ୟରେ ସଂଘର୍ଷ ସମାପ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା କୂଟନୈତିକ ପ୍ରୟାସକୁ ପାକିସ୍ତାନ ସ୍ୱାଗତ କରେ । ଆମେରିକା ଏବଂ ଇରାନର ସମ୍ମତିରେ, ପାକିସ୍ତାନ ଏହି ଆଲୋଚନାଗୁଡ଼ିକୁ ଆୟୋଜନ ଏବଂ ସହଜ କରିବାକୁ ପ୍ରସ୍ତୁତ ଅଛି।" ସର୍ବଦଳୀୟ ବୈଠକ ସମୟରେ, ବିରୋଧୀ ଦଳ ପ୍ରଧାନମନ୍ତ୍ରୀ ମୋଦି ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା ଆଲୋଚନାର ବିବରଣୀ ବିଷୟରେ ପଚାରିଥିଲେ। ଏହାର ଜବାବରେ, ବୈଦେଶିକ ମନ୍ତ୍ରୀ ଜୟଶଙ୍କର ସମାବେଶକୁ ସୂଚନା ଦେଇଥିଲେ ଯେ ପ୍ରଧାନମନ୍ତ୍ରୀ ତାଙ୍କୁ (ଟ୍ରମ୍ପଙ୍କୁ) ଜଣାଇ ଦେଇଛନ୍ତି ଯେ ସଂଘର୍ଷ ବନ୍ଦ ହେବା ଉଚିତ, କାରଣ ଏହା କ୍ଷତି କରୁଛି । ବୈଦେଶିକ ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, "ଆମେରିକା ବର୍ଷ ବର୍ଷ ଧରି ଇରାନ ସହିତ ପାକିସ୍ତାନକୁ ଆଲୋଚନାରେ ସାମିଲ କରିଆସୁଛି । ଏହି ପ୍ରକ୍ରିୟା ୧୯୮୧ ମସିହାରୁ ଜାରି ରହିଛି।"

## ରାମନବମୀ ପାଇଁ ଦୁଇ ଦିନ ବନ୍ଦ ରହିବ ସରକାରୀ କାର୍ଯ୍ୟାଳୟ, ଛୁଟି ଘୋଷଣା କଲେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ

ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶରେ ରାମନବମୀ ଅବସରରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଇ ଦିନିଆ ଛୁଟି ଘୋଷଣା କରିଛନ୍ତି । ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢୁଥିବାରୁ ଏବଂ ଧାର୍ମିକ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତି ପରେ, ସରକାରୀ କାର୍ଯ୍ୟାଳୟ, ଅନେକ ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ସରକାରୀ ସେବା ୨୬ ଏବଂ ୨୭ ତାରିଖ ଉଭୟ ଦିନ ବନ୍ଦ ରହିବ । ସୂଚନାନୁଯାୟୀ, ପୂର୍ବରୁ ରାମନବମୀ ପାଇଁ ମାର୍ଚ୍ଚ ୨୬ ତାରିଖକୁ ଛୁଟି ଭାବରେ ସ୍ଥିର କରାଯାଇଥିଲା, କିନ୍ତୁ ଏବେ ସରକାର ମାର୍ଚ୍ଚ ୨୭ ତାରିଖକୁ ମଧ୍ୟ ସରକାରୀ ଛୁଟି ଭାବରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ଯୋଗୀ ସରକାରଙ୍କ ଏହି ନିଷ୍ପତ୍ତି ପାଇଁ ମନ୍ଦିରକୁ ଆସୁଥିବା ଭକ୍ତଙ୍କ ସଂଖ୍ୟା ବୃଦ୍ଧି ଏବଂ ଧାର୍ମିକ କାର୍ଯ୍ୟକ୍ରମଗୁଡ଼ିକର ପ୍ରସାରକୁ ଦାୟୀ କରାଯାଉଛି । ଅଯୋଧ୍ୟା ସମେତ



ଅନେକ ଧାର୍ମିକ ସ୍ଥଳରେ ବିଶେଷ ପୂଜା, ଶୋଭାଯାତ୍ରା ଏବଂ ମହାନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ । ଭକ୍ତଙ୍କ ସୁବିଧା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ଏହାରି ମଧ୍ୟରେ କୌଣସି ଅସୁବିଧା କିମ୍ବା ବିଶୃଙ୍ଖଳା ନ ଘଟିବା ପାଇଁ ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ପୂର୍ବରୁ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ରାଜ୍ୟର ଅନେକ ମନ୍ଦିରରେ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ରାମନବମୀ ପାଇଁ ସଫେଇ, ସାଜସଜ୍ଜା, ସୁରକ୍ଷା ଏବଂ ଭକ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଅନ୍ୟପଟେ ପ୍ରଭୁ ଶ୍ରୀରାମଙ୍କୁ ଅର୍ପଣ କରିବା ପାଇଁ ମଥୁରାର ଶ୍ରୀକୃଷ୍ଣ ଜନ୍ମସ୍ଥାନରୁ ଅଯୋଧ୍ୟାକୁ ପ୍ରସାଦ ପଠାଯାଇଛି । ଏହା ପୂର୍ବରୁ କପିଳ ଶର୍ମା କହିଛନ୍ତି ଯେ, ରାମନବମୀ ଅବସରରେ ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ପକ୍ଷରୁ ପ୍ରଭୁ ରାମଙ୍କୁ ଖାଦ୍ୟ ପ୍ରଦାନ କରାଯିବ ।

## ଇରାନ ପାଇଁ ଟ୍ରମ୍ପଙ୍କ '୧୫-ପଏଣ୍ଟ' ଶାନ୍ତି ପ୍ରସ୍ତାବ, ପାକିସ୍ତାନ ଜରିଆରେ ପଠାଗଲା ଚିଠା

ଆମେରିକା : ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ରୋକିବା ପାଇଁ ଟ୍ରମ୍ପ ପ୍ରଶାସନର ୧୫-ପଏଣ୍ଟ ଶାନ୍ତି ଯୋଜନା । ଇରାନ ପାଇଁ ଟ୍ରମ୍ପଙ୍କ '୧୫-ପଏଣ୍ଟ' ଶାନ୍ତି ପ୍ରସ୍ତାବ । ଯୁଦ୍ଧ ବନ୍ଦ ପାଇଁ ପାକିସ୍ତାନ ଜରିଆରେ ପଠାଗଲା ଚିଠା । ଇରାନ ପାଇଁ ମାସକର ସମୟ । ପରମାଣୁ ଅସ୍ତ୍ର ଛାଡ଼ିଲେ ମିଳିବ ମୁକ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଏକ ମାସ ପାଇଁ ଯୁଦ୍ଧ ବିରତି କରିବାକୁ ଏବଂ ୧୫ଟି ସର୍ତ୍ତ ଉପରେ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଛନ୍ତି । ପାକିସ୍ତାନ ମାଧ୍ୟମରେ ଏହି ପ୍ରସ୍ତାବ ତେହେରାନ ପାଖକୁ ପଠାଯାଇଛି ।


ଇରାନ ପାଇଁ ମୁଖ୍ୟ ସର୍ତ୍ତଗୁଡ଼ିକ ମଧ୍ୟରେ ରହିଛି ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରିବା । ଇରାନ ନିଜର ସମସ୍ତ ପରମାଣୁ କ୍ଷମତାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିବ ଏବଂ ଭବିଷ୍ୟତରେ କେବେ ବି ପରମାଣୁ ବୋମା ତିଆରି କରିବ ନାହିଁ । ଇରାନ ପାଖରେ ଥିବା ପ୍ରାୟ ୪୫୦ କିଲୋଗ୍ରାମର ସମୃଦ୍ଧ ୟୁରାନିୟମ ଜାତିସଂଘର ପରମାଣୁ ସଂସ୍ଥା ଓଇଉଇ କୁ ହସ୍ତାନ୍ତର କରିବ । ଇରାନର ମିସାଇଲ୍ କ୍ଷମତା ଏବଂ ଏହାର ଦୂରତା ଉପରେ ସୀମା ଧାର୍ଯ୍ୟ କରାଯିବ। ହିଜବୁଲ୍ଲା ଏବଂ ହାମାସ ଭଳି ସଂଗଠନକୁ ଇରାନ ଆଉ ଅସ୍ତ୍ରଶସ୍ତ୍ର କିମ୍ବା ଟଙ୍କା ଦେବନାହିଁ । 'ହରମୁଜ ପ୍ରଣାଳୀ' ଦେଇ ବାଣିଜ୍ୟିକ ଜାହାଜ ଚଳାଚଳକୁ ଇରାନ କେବେ ବି ବାଧା ଦେବନାହିଁ । ପ୍ରତି



ବଦଳରେ ଇରାନ ପ୍ରତିବନ୍ଧକରୁ ମୁକ୍ତି ମିଳିବ । ଇରାନ ଉପରୁ ସମସ୍ତ ଆନ୍ତର୍ଜାତୀୟ ଏବଂ ଆମେରିକୀୟ ଆର୍ଥିକ ପ୍ରତିବନ୍ଧକ ହଟାଇ ଦିଆଯିବ। ଏହାସହ ମିଳିବ ବୈଦ୍ୟୁତିକ ଶକ୍ତି ପାଇଁ ସହାୟତା । କେବଳ ଶାନ୍ତିପୂର୍ଣ୍ଣ କାର୍ଯ୍ୟ ଏବଂ ବିଜୁଳି ଉତ୍ପାଦନ ପାଇଁ ପରମାଣୁ କେନ୍ଦ୍ର ଚଳାଇବାକୁ ଆମେରିକା ସାହାଯ୍ୟ କରିବ । ଭବିଷ୍ୟତରେ ଇରାନ ଉପରେ କୌଣସି ଆକ୍ରମଣ କରାଯିବ ନାହିଁ ବୋଲି ଆମେରିକା ପ୍ରତିଶ୍ରୁତି ଦେବ । କେବଳ ସେତିକି ନୁହଁ, ଆମେରିକା ମଧ୍ୟପ୍ରାଚ୍ୟରୁ ନିଜର ପ୍ରାୟ ୫୦,୦୦୦ ସୈନ୍ୟଙ୍କୁ ହଟାଇବା ନେଇ ବିଚାର କରିପାରେ । ବର୍ତ୍ତମାନ ଆଲୋଚନା ପାଇଁ ଟ୍ରମ୍ପ ଇରାନର ତୈଳ ଓ ଶକ୍ତି କେନ୍ଦ୍ର ଉପରେ ହେବାକୁ ଥିବା ଆକ୍ରମଣକୁ ୫ ଦିନ ପାଇଁ ସ୍ଥଗିତ ରଖିଛନ୍ତି । ଇରାନ ଏହି ଆଲୋଚନା ଖବରକୁ "ମିଛ" ବୋଲି କହୁଥିଲେ ମଧ୍ୟ ସେମାନେ ପ୍ରସ୍ତାବ ଉପରେ ବିଚାର କରୁଥିବା ଜଣାପଡ଼ିଛି । ସେପଟେ ଇସ୍ରାଏଲ ଏହି ଚୁକ୍ତିକୁ ନେଇ ସନ୍ଦେହରେ ଅଛି । ସେମାନେ ଭୟ କରୁଛନ୍ତି ଯେ ଇରାନ ସମ୍ପୂର୍ଣ୍ଣ ନିରସ୍ତ୍ର ନହେଲେ ଏହି ଶାନ୍ତି ସ୍ଥାୟୀ ହେବ ନାହିଁ ।

## ପ୍ରକାଶ ପାଇଲା ଆଇସିସି ଟି-୨୦ ରାଙ୍କିଂ

# ବ୍ୟାଟିଂ ତାଲିକାର ଟପ୍ ୧୦ରେ ଭାରତୀୟ



ଦୁବାଇ, ୨୫।୩: ଆଇସିସି ପକ୍ଷରୁ ପ୍ରକାଶ ପାଇଲା ଟି-୨୦ ରାଙ୍କିଂ । ସଦ୍ୟତମ ପ୍ରକାଶ ପାଇଥିବା ଏହି ରାଙ୍କିରେ ୨୦ ରାଙ୍କିଂ । ସଦ୍ୟତମ ପ୍ରକାଶ ପାଇଥିବା ଏହି ରାଙ୍କିରେ ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣଆଫ୍ରିକା ଖେଳାଳିମାନେ କମାଲ କରିଛନ୍ତି । ଟି-୨୦ ବିଶ୍ୱକପ ପରଠାରୁ ଭାରତୀୟ ଦଳ କୌଣସି ମ୍ୟାଚ୍ ଖେଳିନାହିଁ । ତଥାପି ଟପ୍-୧୦ ଭିତରେ ୪ ଜଣ ଭାରତୀୟ ଖେଳାଳି ରହିଛନ୍ତି । ସୂର୍ଯ୍ୟକୁମାର ଯାଦବ ଏକ ଲମ୍ବା ଲମ୍ଫ ମାରିଥିବାବେଳେ ସେ ଟପ୍-୧୦ ମଧ୍ୟରେ ପ୍ରବେଶ କରିଛନ୍ତି । ସୂର୍ଯ୍ୟକୁମାର ଯାଦବ ସପ୍ତମ ସ୍ଥାନରେ ରହିଛନ୍ତି । ଏବେ ଭାରୀୟ ଖେଳାଳିମାନେ ସିଧାସଳଖ ଭାବେ ଆଇପିଏଲ ଖେଳିବେ ।

ସେପଟେ ଏହି ରାଙ୍କିଂରେ ଏକ ନମ୍ବର ସ୍ଥାନରେ ରହିଛନ୍ତି ଭାରତୀୟ ଓପନର ଅଭିଶେକ ଶର୍ମା । ଦ୍ୱିତୀୟ ସ୍ଥାନରେ ଇଶାନ କିଷନ ନିଜର ସ୍ଥାନ ବଜାୟ ରଖିଥିବାବେଳେ ତିଲକ ବର୍ମା ଷଷ୍ଠ ସ୍ଥାନରେ ଏବଂ ସୂର୍ଯ୍ୟକୁମାର ଯାଦବ ସପ୍ତମ ସ୍ଥାନରେ ରହିଛନ୍ତି । ନ୍ୟୁଜିଲାଣ୍ଡର ଓପନର ବ୍ୟାଟ୍ସମ୍ୟାନ ରବିନ୍ସ ଦୁଇଟି ସ୍ଥାନ ଉପରକୁ ଉଠିଥିବାବେଳେ ୩୪ ନମ୍ବର ସ୍ଥାନରେ ରହିଛନ୍ତି । ଲକି ଫର୍ଗୁସନ ବୋଲିଂରେ ୧୨ ଜଣକୁ ପଛରେ ପକାଇ ୩୯ ନମ୍ବର ସ୍ଥାନରେ ରହିଛନ୍ତି । ଶେଷଥର ପାଇଁ ଖେଳିଥିବା ଟି-୨୦ ମ୍ୟାଚ୍‌ରେ ୯ ରନ୍ ଦେଇ ୪ ୱିକେଟ୍ ଅକ୍ତିଆର କରିଥିବାବେଳେ ପ୍ଲେୟାର ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ ।ସେପଟେ ନମ୍ବର ୱାନ ବୋଲର ରହିଛନ୍ତି ଆଫଗାନିସ୍ତାନର ଷ୍ଟାର ବୋଲର ରସିଦ ଖାନ । ଅଲରାଉଣ୍ଡର ତାଲିକାରେ ଶୀର୍ଷରେ ରହିଛନ୍ତି ଜିମ୍ବାୱେର ଅଧିନାୟକ ସିକନ୍ଦର ରଜା । ଅଲାରାଉଣ୍ଡର ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା । ତୃତୀୟ ସ୍ଥାନରେ ରହିଛନ୍ତି ପାକିସ୍ତାନୀ ଖେଳାଳି ସାମ୍ ଆୟୁବ୍ । ବୋଲରଙ୍କ ତାଲିକାରେ କିୱି ବୋଲର ବେନ୍ ସିୟର୍ସ ୨୦ଟି ସ୍ଥାନ ଉପରକୁ ଉଠିଛନ୍ତି । ଏବେ ସେ ୫୯ ନ୍ୱର ସ୍ଥାନରେ ରହିଥିବାବେଳେ କେଶବ ମହାରାଜ ୫ଟି ସ୍ଥାନ ଉପରକୁ ଉଠି ୪୭ ନମ୍ବର ସ୍ଥାନରେ ରହିଛନ୍ତି ।

## ୫ମ ଟ୍ୱେଣ୍ଟି-୨୦: ନ୍ୟୁଜିଲାଣ୍ଡକୁ ହରାଇ ଶୃଙ୍ଖଳା ହାତେଇଲା ଦକ୍ଷିଣ ଆଫ୍ରିକା

ପଞ୍ଚମ ଟ୍ୱେଣ୍ଟି-୨୦ରେ ନ୍ୟୁଜିଲାଣ୍ଡକୁ ୩୩ ରନ୍‌ରେ ପରାସ୍ତ କରି ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାକୁ ୩-୨ରେ ଜିତିନେଇଛି ଦକ୍ଷିଣ ଆଫ୍ରିକା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା କନର୍ ଇଷ୍ଟରହୁଇଜେନ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ( ୩୩ ବଲ୍‌ରେ ୭୫) ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୧୮୭ ରନ୍ କରିଥିଲା। ରବିନ ହର୍ମାନ ୩୯ ଓ ୱିଆନ୍ ମୁଲ୍ଡର ୩୧ ରନ୍‌ର ଯୋଗଦାନ ଦେଇଥିଲେ। ନ୍ୟୁଜିଲାଣ୍ଡ୍ ପକ୍ଷରୁ ବେନ୍ ସିୟର୍ସ ୩୭ ରନ୍ ଦେଇ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ୧୮୮ ଲକ୍ଷ୍ୟର ପଶ୍ଚାତ୍‌ଧାବନ କରିଥିବା ନ୍ୟୁଜିଲାଣ୍ଡ୍ ନିର୍ଦ୍ଧାରିତ ୨୦ ଓଭର ଖେଳି ୮ ୱିକେଟ୍ ହରାଇ ୧୫୪ ରନ କରିଥିଲା। ଦଳ ପକ୍ଷରୁ ବେଭନ୍ ଜାକବ୍ସ ୩୬, ଟିମ ରବିନସନ ୨୫ ଓ ଜେମ୍ସ ନିସାମ୍ ୨୪ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଜେରାଲ୍ଡ କୋଟଜି, ଓଟନିଲ୍ ବାର୍ଟମାନ ଓ ୱିଆନ୍ ମୁଲ୍ଡର ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।




## ଆଇପିଏଲରୁ ଓହରିଲେ ବେନ ଡକେଟ୍



ନୂଆଦିଲ୍ଲୀ, ୨୬।୩: ଇଂଲଣ୍ଡ କ୍ରିକେଟ ଟିମର ବ୍ୟାଟର ବେନ ଡକେଟ୍ ଆଇପିଏଲ ୨୦୨୬ରୁ ଓହରି ଯାଇଛନ୍ତି। ମିନି ଅକ୍ସନ ବେଳେ ତାଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ୨ କୋଟି ଟଙ୍କାରେ କିଣିଥିଲା। ହେଲେ ଆଇପିଏଲ ଆରମ୍ଭ ହେବାର ଠିକ ପୂର୍ବରୁ ସେ ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଛନ୍ତି।ଏ ସମ୍ପର୍କରେ ସେ ଦିଲ୍ଲୀ କ୍ୟାପିଟାଲ୍ସକୁ ମଧ୍ୟ ଜଣାଇ ଦେଇଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୨ କୋଟି ଟଙ୍କାରେ କିଣିଥିବାରୁ ଚଳିତ ଆଇପିଏଲରେ ସେ କେଏଲ ରାହୁଲଙ୍କ ସହ ଇନିଂସ ଆରମ୍ଭ କରିବେ ବୋଲି କୁହାଯାଉଥିଲା। ଅକ୍ସନରେ କିଣା ହେବା ପରେ ଆଇପିଏଲରୁ ଓହରି ଯିବା ଡକେଟକୁ ବେଶ ମହଙ୍ଗା ପଡିବ। ଆଇପିଏଲ ଅଧିକାରୀମାନେ ତାଙ୍କୁ ୨ ବର୍ଷ ପାଇଁ ବ୍ୟାନ ମଧ୍ୟ କରିପାରନ୍ତି। ଓହରିବା ନିଷ୍ପତ୍ତି ସାର୍ବଜନୀନ କରିବା ପୂର୍ବରୁ ଡକେଟ ଦିଲ୍ଲୀର ସମସ୍ତ ସଦସ୍ୟଙ୍କୁ କ୍ଷମା ମଧ୍ୟ ମାଗିଛନ୍ତି।ସେ କହିଛନ୍ତି, "ଆଇପିଏଲରେ ଓହରିବା ଭଳି ଗୋଟିଏ ଅତ୍ୟନ୍ତ କଷ୍ଟକର ନିଷ୍ପତ୍ତି ମୁଁ ନେଇଛି। ମୁଁ ଅନେକ କିଛି ଭାବିବା ପରେ ଏପରି ପଦକ୍ଷେପ ଗ୍ରହଣ କରିଛି। ଏହା ମୋ ପାଇଁ ଆଦୌ ସହଜ ନଥିଲା। ଇଂଲଣ୍ଡ ପାଇଁ ପ୍ରତିନିଧିତ୍ୱ କରିବା ପିଲାଟି ବେଳୁ ମୋର ସ୍ୱପ୍ନ ରହିଥିଲା।

ଇଂଲିଶ କ୍ରିକେଟକୁ ମୋ ପାଖରେ ଯାହା ଅଛି ସବୁବେଳେ ଦେବାକୁ ଚେଷ୍ଟା କରିଛି। ଏଥିପାଇଁ ମୋତେ ନିଜକୁ ଶାରିରୀକ ଓ ମାନସିକ ଭାବେ ଆଗାମୀ ଦିନ ପାଇଁ ପ୍ରସ୍ତୁତ ରହିବାକୁ ପଡିବ। ଦିଲ୍ଲୀରେ ଥିବା ସମସ୍ତଙ୍କୁ ମୁଁ ବେଶ ନମ୍ରତାର ସହ କ୍ଷମା ମାଗୁଛି। ଏହି ଫ୍ରାଞ୍ଚାଇଜ ପାଇଁ ମୁଁ ବେଶ ଉତ୍ସାହିତ ଥିଲି। ବିଡିଂ ସ୍କ୍ୱାଡ ପାଇଁ ଦିଆଯାଇଥିବା ସମୟ ଓ ଯୋଜନାକୁ ମୁଁ ବେଶ ଭଲ ଭାବେ ଗ୍ରହଣ କରୁଛି। ମୋ ପାଇଁ ହୋଇଥିବା ସମସ୍ତ ପ୍ରକାରର ବିଭ୍ରାଟ ସକାଶେ ମୁଁ ଦୁଃଖିତ। ମୁଁ ମୋର ସମସ୍ତ ଫ୍ୟାନ୍ସକୁ ମଧ୍ୟ କ୍ଷମା ମାଗୁଛି।"ଆଶେସ ସିରିଜରେ ଡକେଟ ୨୦.୨ ହାରରେ କେବଳ ୨୨୧ ରନ କରିଥିଲେ। ସେ ଇଂଲଣ୍ଡ ଟି-୨୦ ସ୍କ୍ୱାଡରେ ରହିଥିଲେ ହେଁ ଗୋଟିଏ ମ୍ୟାଚ୍ ଖେଳି ନଥିଲେ। ଖରାପ ଫର୍ମ ଦେଇ ଗତି କରୁଥିବାରୁ ସେ ନିଜର ଅଭ୍ୟାସକୁ ଆହୁରି ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆଇପିଏଲରୁ ଓହରି ଯାଇଛନ୍ତି।

## ଅଲିମ୍ପିକ୍ସ ସ୍ୱପ୍ନ ଦେଖାଉଛି ଖେଲୋ ଇଣ୍ଡିଆ ଜନଜାତି କ୍ରୀଡା

ରାୟପୁର୨୫।୦୩:: ମାତ୍ର କିଛିବର୍ଷ ତଳେ ଛତିଶଗଡର ଅଧିକାଂଶ ଜିଲ୍ଲା ଲାଲବାହିନୀର ପ୍ରଚ୍ଛନ୍ନ ପ୍ରଭାବ ଲାଗି ମାଓପ୍ରବଣ ଅଞ୍ଚଳର ଅପଯଶ ମୁଣ୍ଡାଉଥିଲା। ମାଓ ହିଂସାରେ ଜର୍ଜରିତ ହୋଇ ରାଜ୍ୟର ଅଧିକାଂଶ ଅଞ୍ଚଳ ଅନୁନ୍ନତ ହୋଇ ରହିଥିଲା। ଆଜି କିନ୍ତୁ ସ୍ଥିତି ବଦଳିଛି। ମାର୍ଚ୍ଚ ୨୦୨୬ ସୁଦ୍ଧା ଦେଶକୁ ସଂପୂର୍ଣ୍ଣ ମାଓ ଓ ନକ୍ସଲ ମୁକ୍ତ କରିବାର ଅଭିଯାନ ଓ ପ୍ରତିବଦ୍ଧତା ପାଇଁ ଏହି ମାଓ ଗଡ ଏବେ କ୍ରୀଡା ଗୌ?ରବର ବାର୍ତ୍ତା ଦେଉଛି। ରାଜ୍ୟର ପ୍ରାଚୀନ ଦଣ୍ଡକାରଣ୍ୟ କ୍ଷେତ୍ରର ଅଂଶ ବସ୍ତର ଅଞ୍ଚଳର ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକ ସହିତ ସରଗୁଜା ଅଞ୍ଚଳ, ରାୟଗଡ଼ ଓ ମାନପୁର ଭଳି ଅଞ୍ଚଳରେ ଆୟୋଜିତ ହେଉଛି ପ୍ରଥମ ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡା। ଜନଜାତି କ୍ରୀଡାବିତ୍?ଙ୍କ ପ୍ରତିଭା ଚିହ୍ନଟ ସହ ସେମାନଙ୍କ ପୁରୁଣା କ୍ରୀଡା ଗୌରବ ଫେରାଇ ଆଣି ଅଲିମ୍ପିକ୍ସକୁ ଯିବାର ସ୍ୱପ୍ନ ଦେଖାଉଛି ଏହି କ୍ରୀଡା ମହୋତ୍ସବ। ଆୟୋଜକ କରିଥିବା ଦାବି ଅନୁସାରେ ଏହା ଦ୍ୱାରା ଭାରତୀୟ କ୍ରୀଡ଼ାମଣ୍ଡଳର ପରିସର ଆହୁରି ପରିବର୍ଦ୍ଧିତ ହେବ। ଏହା ମଧ୍ୟ ଭୌଗୋଳିକ ତଥା ପୃଷ୍ଠଭୂମି ନିର୍ବିଶେଷରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପ୍ରତ୍ୟେକ ଖେଳାଳିଙ୍କ ପାଖରେ ସମାନ ସୁଯୋଗ ପହଞ୍ଚିବ। ସରଳ ଭାବରେ କହିବାକୁ ଗଲେ, ଏହା ଶୋଇଯାଇଥିବା ଜନଜାତି ଗୋଷ୍ଠୀକୁ କ୍ରୀଡାର ମୁଖ୍ୟଧାରାକୁ ଆଣିବା ଦିଗରେ ଐତିହାସିକ ପଦକ୍ଷେପ ହେବ। କେବଳ ଛତିଶଗଡ ନୁହେଁ ଆନ୍ଧ୍ର, ଓଡିଶା, ମହାରାଷ୍ଟ୍ର, ଝାଡଖଣ୍ଡ ଭଳି ୩୦ ରାଜ୍ୟର ଆଦିବାସୀ କ୍ରୀଡାବିତ୍?ମାନେ ଏହି ୧୦ ଦିନିଆ ପ୍ରତିଯୋଗିତାରେ ନିଜ ଯାଦୁ ଦେଖାଇବେ। ଏହି ଜନଜାତୀୟ କ୍ରୀଡା ମହୋତ୍ସବ ବୁଧବାରଠାରୁ ଛତିଶଗଡର ତିନିଟି ସ୍ଥାନ ରାୟପୁର, ଜଗଦଲପୁର ଓ ଅମ୍ବିକାପୁରଠାରେ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଖେଳାଯିବ।

ଏହି ଖେଳକୁ ନେଇ କେନ୍ଦ୍ର କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡବୀୟ କହିଛନ୍ତି, ଭାରତର କ୍ରୀଡ଼ା କାହାଣୀ ଅସାଧାରଣ ବିବିଧତାର ଏକ ଅଂଶ। ଉତ୍ତର-ପୂର୍ବର ପର୍ବତମାଳାଠାରୁ ଆରମ୍ଭ କରି ମଧ୍ୟଭାରତର ଜଙ୍ଗଲ ପର୍ଯ୍ୟନ୍ତ, ଆମ ଦେଶର ପ୍ରତ୍ୟେକ କୋଣରେ ପ୍ରତିଭା ବିଦ୍ୟମାନ। ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ ହେବାର ଆଠ ବର୍ଷ ବିତିଯାଇଛି ଏବଂ ଏହି ଅପେକ୍ଷାକୃତ କମ୍ ସମୟ ମଧ୍ୟରେ, ଏହା ଦ୍ରୁତ ଗତିରେ ଏକ ଦେଶବ୍ୟାପୀ ଆନ୍‌ଦୋଳନରେ ପରିଣତ ହୋଇଛି। ଯୁବ କ୍ରୀଡ଼ା, ବିଶ୍ୱବିଦ୍ୟାଳୟ କ୍ରୀଡ଼ା, ବିଚ୍ କ୍ରୀଡ଼ା, ଶୀତକାଳୀନ କ୍ରୀଡ଼ା ଏବଂ ଏବେ ଆଦିବାସୀ କ୍ରୀଡା ଭଳି ବହୁବିଧ କ୍ଷେତ୍ର ମାଧ୍ୟମରେ, ଖେଲୋ ଇଣ୍ଡିଆ ସଫଳତାର ସହିତ ଦେଶବ୍ୟାପୀ ଯୁବ ଖେଳାଳିଙ୍କ ଏକ ବିବିଧ ଗୋଷ୍ଠୀ ଗଠନ କରୁଛି। ଦଶ ଦିନ ଧରି ଖେଳାଯିବାକୁ ଥିବା ଖୋଲୋ ଇଣ୍ଡିଆ ଆଦିବାସୀ କ୍ରୀଡାରେ ମୋଟ ୯ଟି ଖେଳରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସେଥିମଧ୍ୟରୁ ପାରମ୍ପରିକ ଭାବେ ଆଦିବାସୀମାନେ ଆଧିପତ୍ୟ ବିସ୍ତାର କରି ଆସୁଥିବା ତୀରନ୍ଦାଜି, ଦୌଡକୁଦ, ଫୁଟ୍‌ବଲ୍, ହକି, ସନ୍ତରଣ, ଭାରୋତ୍ତାଳନ ଓ କୁସ୍ତି ଆଦି ଖେଳରେ ପଦକ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେବ। ଅନ୍ୟପକ୍ଷରେ ଦୁଇଟି ଖେଳ ମଲଖମ୍ବ ଓ କବାଡି ପ୍ରଦର୍ଶନୀ ଖେଳ ଭାବେ ସାମିଲ ହେବ। ମୋଟ ୩୮୦୦ ଖେଳାଳି, ଅଧିକାରୀ ଓ ପ୍ରଶିକ୍ଷକ ଏଥିରେ ଅଂଶଗ୍ରହଣ କରିବେ।

## ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍

# ପାୟାସିଂ, ଓମକାରଙ୍କୁ ସ୍ୱର୍ଣ୍ଣିମ ସଫଳତା

ଭୁବନେଶ୍ୱର, ୨୫।୦୩: ପ୍ରଥମ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ କଳିଙ୍ଗ ଷ୍ଟାଡିୟମ ଇନ୍‌ଡୋର ଆଥଲେଟିକ୍ସ କେନ୍ଦ୍ରରେ ଆରମ୍ଭ ହୋଇଛି । କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାର ଉଦଘାଟନ କରିଥିଲେ । ପ୍ରଥମ ଦିବସରେ ଓଡିଆ ଆଥଲେଟମାନେ ବେଶ ଭଲ ପ୍ରଦର୍ଶନ କରିଛନ୍ତି । ପୁରୁଷ ଲଙ୍ଗ ଜମ୍ପରେ ସରୁନ ପାୟାସିଂ ଓ ୨୦ ବର୍ଷରୁ କମ୍ ସଟପୁଟରେ ଓମକାର ପ୍ରସାଦ ନନ୍ଦ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

ମୋଟ୍ ୨୭୮ ଜଣ ଆଥଲେଟ ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ପୁରୁଷ, ମହିଳା, ୨୦ ବର୍ଷରୁ କମ୍ ପୁରୁଷ ଓ ମହିଳାରେ ମୋଟ୍ ୩୬ଟି ଇଭେଣ୍ଟରେ ପ୍ରତିଯୋଗିତା ହେଉଛି । ପ୍ରଥମ ଦିବସରେ ୧୭ଟି ଇଭେଣ୍ଟରେ ଫାଇନାଲ ଶେଷ ହୋଇଛି । ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗର ସହଯୋଗରେ ଏବଂ ଏଏଫ୍‌ଆଇ (ଭାରତୀୟ ଆଥଲେଟିକ୍ସ ସଂଘ) ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ପୁରୁଷ ୩୦୦୦ ମିଟରରେ ରିଲାଏନ୍ସର ଶିବାଜୀ ପର୍ଶୁରାମ (୮:୦୯.୮୮ ସେକେଣ୍ଡ) ପ୍ରଥମ, ମଧ୍ୟପ୍ରଦେଶର ବିନୋଦ ସିଂ (୮:୧୬.୯୩ ସେକେଣ୍ଡ) ଦ୍ୱିତୀୟ ଏବଂ ରାହୁଲ କୁମାର ବର୍ମା ତୃତୀୟ ସ୍ଥାନ ହାସଲ କରିଥିଲେ । ୨୦ ବର୍ଷରୁ କମ୍ ପୁରୁଷ ସଟପୁଟରେ ଓମକାର ପ୍ରଥମ (୧୭.୭୭ ମିଟର), ପଟିଆଲାର ସାଇ କିରଣ (୧୭.୦୦ ମିଟର) ଦ୍ୱିତୀୟ ଏବଂ ଜେଏସ୍ଡବ୍ଲ୍ୟୁର ହର୍ଷିତ ଗାହଲୋଟ (୧୬.୯୮ ମିଟର) ତୃତୀୟ ସ୍ଥାନରେ ରହିଥିଲେ ।

ସେହିପରି ମହିଳା ୩୦୦୦ ମିଟରରେ ଓଡିଶାର ସସ୍ମିତା ଟିଗା (୧୦:୨୨.୩୦ ସେକେଣ୍ଡ) ବ୍ରୋଞ୍ଜ, ଗୁଜରାଟର କାଜୋଲ ରଙ୍ଗନାଥ (୯:୪୪.୦୧ ସେକେଣ୍ଡ) ରୌପ୍ୟ ଏବଂ କର୍ଣ୍ଣାଟକର ସି. ପ୍ରିୟଙ୍କା (୯:୪୨.୦୫ ସେକେଣ୍ଡ) ସ୍ୱର୍ଣ୍ଣ ମହିଳା ୨୦ ବର୍ଷରୁ କମ୍ ସଟପୁଟରେ କେରଳର ଡୋନା ମାରିଆ (୧୩.୩୫ ମିଟର) ସ୍ୱର୍ଣ୍ଣ ମହିଳା ସଟପୁଟରେ ପଟିଆଲାର ରେଖା (୧୫.୬୩ ମିଟର) ସ୍ୱର୍ଣ୍ଣ ଏବଂ ପୁରୁଷରେ ବିଏସ୍‌ଏଫର ରବି କୁମାର (୧୭.୧୭ ମିଟର) ସ୍ୱର୍ଣ୍ଣ ଜିତିଥିଲେ ।




ପୁରୁଷ ଲଙ୍ଗ ଜମ୍ପରେ ଓଡିଶାର ସରୁଲ ପାୟାସିଂ (୭.୮୦ ମିଟର) ସ୍ୱର୍ଣ୍ଣ, ଜେଏସ୍ଡବ୍ଲ୍ୟୁର ପ୍ରବୀଣ ଚିତ୍ରାଭେଲ (୭.୭୮ ମିଟର) ରୌପ୍ୟ ଏବଂ ରେଳବାଇର ପି. ଡେଭିଡ୍ (୭.୬୯ ମିଟର) ବ୍ରୋଞ୍ଜ ମହିଳା ପୋଲ ଭଲ୍ଟରେ ତାମିଲନାଡୁର ବରନିକା ଏଲାନଗୋଭା (୪.୨୨ ମିଟର) ସ୍ୱର୍ଣ୍ଣ ମହିଳା ଲଙ୍ଗଜମ୍ପରେ ଜେଏସ୍ଡବ୍ଲ୍ୟୁର କେଏ ଅନାମିକା (୬.୦୫ ମିଟର) ସ୍ୱର୍ଣ୍ଣ, ଓଡିଶାର ମନୀଷା ମେରେଲ (୬.୦୪ ମିଟର) ରୌପ୍ୟ ଏବଂ ଜେଏସ୍ଡବ୍ଲ୍ୟୁର ଏ. ସିରିନ (୫.୯ ମିଟର) ବ୍ରୋଞ୍ଜ ପଦକ ପାଇଥିଲେ । ୨୦ ବର୍ଷରୁ କମ୍ ପୁରୁଷ ୮୦୦ ମିଟରରେ ମଧ୍ୟପ୍ରଦେଶର ଚିରାଗ ଚୌଧୁରୀ ସ୍ୱର୍ଣ୍ଣ, ମହିଳାରେ ମଧ୍ୟପ୍ରଦେଶର ପ୍ରୀତି ଯାଦବ (୨:୧୧.୮୩ ସେକେଣ୍ଡ) ସ୍ୱର୍ଣ୍ଣ ଓ ଓଡିଶାର ଲକ୍ଷ୍ମୀପ୍ରିୟା କିଷାନ (୨:୧୩.୨୦ ସେକେଣ୍ଡ) ରୌପ୍ୟ ୨୦ ବର୍ଷରୁ କମ୍ ଲଙ୍ଗ ଜମ୍ପରେ ମଧ୍ୟ ପ୍ରଦେଶର ହରିଓମ ଯାଦବ (୬.୯୨ ମିଟର) ସ୍ୱର୍ଣ୍ଣ ପୁରୁଷ ୮୦୦ ମିଟରରେ ଏୟାର ଫୋର୍ସର ମହମ୍ମଦ ଅଫଜଲ (୧:୪୭.୮୬ ସେକେଣ୍ଡ) ସ୍ୱର୍ଣ୍ଣ ଏବଂ ମହିଳା ୨୦ ବର୍ଷରୁ କମ୍ ଲଙ୍ଗ ଜମ୍ପରେ ମହାରାଷ୍ଟ୍ରର ରୋମା ତାଣ୍ଡେଲ (୫.୨୬ ମିଟର) ସ୍ୱର୍ଣ୍ଣ ଜିତିଥିଲେ ।ପୁରୁଷ ୬୦ ମିଟର ହର୍ଡଲ୍ସରେ କର୍ଣ୍ଣାଟକର ଏମ୍. କ୍ରିଷିକ (୭.୭୧ ସେକେଣ୍ଡ) ସ୍ୱର୍ଣ୍ଣ, ରିଲାଏନ୍ସର ରଥିସ ପଣ୍ଡିତ (୭.୮୪ ସେକେଣ୍ଡ) ରୌପ୍ୟ ଏବଂ ଜେଏସଡବ୍ଲ୍ୟୁର ମହମ୍ମଦ ଲାଜାନ (୮.୦୦ ସେକେଣ୍ଡ) ବ୍ରୋଞ୍ଜ ଏବଂ ମହିଳାରେ କେରଳର ସି, ଅଞ୍ଜଳି (୮.୩୨ ସେକେଣ୍ଡ) ସ୍ୱର୍ଣ୍ଣ, ଓଡିଶାର ସବିତା ଟପ୍ପ (୮.୪୦ ସେକେଣ୍ଡ) ରୌପ୍ୟ ଏବଂ ଜେଏସ୍ଡବ୍ଲ୍ୟୁର ପ୍ରାଞ୍ଜଳି ପାଟିଲ (୮.୪୦ ସେକେଣ୍ଡ) ବ୍ରୋଞ୍ଜ ପଦକ ହାସଲ କରିଥିଲେ । ୨ ଜାତୀୟ ରେକର୍ଡ ପୁରୁଷ ୮୦୦ ମିଟରରେ ଅଫଜଲ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି । ପୂର୍ବରୁ ପ୍ରଦୀପ ସେନ୍‌ଥିକୁମାର (୧:୪୮.୦୯ ସେକେଣ୍ଡ) ନାମରେ ଏହି ରେକର୍ଡ ରହିଥିଲା । ମହିଳା ପୋଲ ଭଲ୍ଟରେ ବାରାନିକା ୪.୨୨ ମିଟର ସହ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି । ସେ ୪.୨୫ ମିଟର ପାଇଁ ପ୍ରୟାସ କରିଥିଲେ କିନ୍ତୁ ସଫଳ ହୋଇନଥିଲେ । ପି. ରୋଜି ମିନାଙ୍କ (୪.୨୧ ମିଟର) ନାମରେ ପୂର୍ବ ରେକର୍ଡ ରହିଥିଲା ।

# ଆରସିବି ସହ ଯୋଡ଼ି ହେଲା ଅନନ୍ୟା ଓ ଆର୍ଯ୍ୟ ବିର୍ଲାଙ୍କ ନାଁ

ମୁମ୍ବାଇ, ୨୫।୩ : ଆଇପିଏଲ୍ ୨୦୨୬ ଆରମ୍ଭ ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବିକ୍ରି ହେବା ଖବର ସାମ୍ନାକୁ ଆସିଛି । ଫ୍ରାଞ୍ଚାଇଜକୁ କେତେକ କମ୍ପାନୀ ମିଶି କିଣିଛନ୍ତି । ଯେଉଁଥିରେ ଆଦିତ୍ୟ ବିରଲା ଗ୍ରୁପ ବି ସାମିଲ ରହିଛି । ଫ୍ରାଞ୍ଚାଇଜର ଦାୟିତ୍ୱ ଆଦିତ୍ୟ ବିରଲା ଗ୍ରୁପର ଚେୟାରମ୍ୟାନ ମଙ୍ଗଳମ ବିରଲାଙ୍କ ପୁଅ ଆର୍ଯ୍ୟମନ ବିକ୍ରମ ବିରଲାଙ୍କୁ ଦିଆଯାଇଛି । ଏହା ମଧ୍ୟରେ ସୋସିଆଲ ମିଡ଼ିଆରେ ଅନନ୍ୟା ବିରଲାଙ୍କୁ ନେଇ ଚର୍ଚ୍ଚା ଦ୍ରୁତଗତିରେ ହେବାରେ ଲାଗିଛି । ଫ୍ୟାନ୍ସ ଜାଣିବାକୁ ଇଚ୍ଛୁକ ଅଛନ୍ତି କି ଅନନ୍ୟ ବିରଲା କିଏ ।

ପ୍ରକାଶ ଯେ, ଅନନ୍ୟା ଆଦିତ୍ୟ ବିରଲା ଗ୍ରୁପର ଚେୟାରମ୍ୟାନ କୁମାର ମଙ୍ଗଳମ ବିରଲାଙ୍କ ଝିଅ ଅଟନ୍ତି । ବଡ଼ ବ୍ୟବସାୟୀ ରାଜବଂଶରେ ଜନ୍ମ ହୋଇଥିବା ଅନନ୍ୟା ନିଜର ଏକ ଭିନ୍ନ ପରିଚ୍ୟ ସୃଷ୍ଟି କରିଛନ୍ତି । ଯାହା ଫଳରେ ତାଙ୍କ ନେଟଓ୍ୱର୍ଥବି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଭେଟରାନ ବ୍ୟାଟର ବିରାଟ କୋହଲୀଙ୍କଠାରୁ ବି ଅଧିକ କୁହାଯାଉଛି । ପ୍ରକାଶ ଯେ, ଅନନ୍ୟା ଏକାସାଙ୍ଗରେ କେତେକ କାମ କରିବା ଲାଗି ପରିଚିତ ଅଟନ୍ତି । ଗଣମାଧ୍ୟମ ରିପୋର୍ଟ୍ସ ଅନୁସାରେ, ସେ ବିରଲା ଗ୍ରୁପର ବହୁ ବ୍ୟବସାୟରେ ନିର୍ଦ୍ଦେଶକର ଭୂମିକା ନିଭାଇଥାନ୍ତି । ଯେଉଁଥିରେ ଗ୍ରାସିମ ଇଣ୍ଡଷ୍ଟ୍ରି ଏବଂ ଆଦିତ୍ୟ ବିରଲା ଫ୍ୟାଶନ ଆଣ୍ଡ୍ ରିଟେଲ୍ ଲିମିଟେଡ୍ ସାମିଲ୍ ଅଛି ।ଅନନ୍ୟା ବିରଲା ପ୍ରାୟ ୧୭ବର୍ଷ ବୟସରେ 'ସ୍ୱତନ୍ତ୍ର ମାଇକ୍ରୋଫିନ'ର ଆରମ୍ଭ କରିଥିଲେ । ଏହାସହ ସେ ଭାରତର ସବୁଠାରୁ କମ୍ ବୟସର ଉଦ୍‌ଯୋଗପତିଙ୍କ ମଧ୍ୟରୁ ଜଣେ ହୋଇଯାଇଥିଲେ । ବ୍ୟବସାୟ ବ୍ୟତୀତ ଅନନ୍ୟା ବିରଲା ଏକ ଅନ୍ତର୍ଜାତୀୟ ପପ୍ ଷ୍ଟାର୍ ରୂପରେ ବି ନିଜ ପରିଚ୍ୟ ସୃଷ୍ଟି କରିଥିଲେ । ବିଶ୍ୱସ୍ତରରେ ୫୦୦ମିଲିୟନରୁ ଅଧିକ ଷ୍ଟ୍ରିମ୍ ସହ ସେ ଭାରତର ସବୁଠାରୁ ସଫଳ ଇଂରାଜୀ ପପ୍ ସଙ୍ଗୀତକାରଙ୍କ ମଧ୍ୟରୁ ଜଣେ । କୁହାଯାଏ କି ଅନନ୍ୟା କେବଳ ୯ବର୍ଷ ବୟସରେ ମ୍ୟୁଜିକ୍ ଶିଖିବାର ଅଭ୍ୟାସ କରି ଦେଇଥିଲେ । ଦିନେ ରାଜସ୍ଥାନ ରୟାଲ୍ସର ଓପନିଂ ବ୍ୟାଟର୍ ଥିବା ଆର୍ଯ୍ୟମାନ ବିର୍‌ଲା ଏବେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ମାଲିକ ପାଲଟିଯାଇଛନ୍ତି। ମଙ୍ଗଳବାର ବିର୍ଲା ଗ୍ରୁପ ନେତୃତ୍ୱାଧୀନ ଏକ କନସୋର୍ଟିୟମ୍ ଆରସିବିକୁ ୧୬୬୦୦ କୋଟି ଟଙ୍କାରେ କିଣିବା ପରେ ଆର୍ଯ୍ୟମାନଙ୍କୁ ଏହି ଫ୍ରାଞ୍ଚାଇଜିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଏହି କନସୋର୍ଟିୟମ୍‌ରେ ବ୍ଲାକଷ୍ଟୋନ୍ ଗ୍ରୁପ୍, ଟାଇମ୍ସ ଅଫ ଇଣ୍ଡିଆ ଗ୍ରୁପ୍ ଓ ବୋଲ୍ଟ ଭେଞ୍ଚର୍ସ ମଧ୍ୟ ଅଛନ୍ତି। ଟାଇମ୍ସ ଅଫ ଇଣ୍ଡିଆର ସତ୍ୟମ୍ ଗଜୱାନି ଆରସିବିର ଉପାଧ୍ୟକ୍ଷ ହେବେ। ଆରସିବି ପରି ଏକ ଆଇପିଏଲ୍ ଫ୍ରାଞ୍ଚାଇଜି କିଣିବା ଆର୍ଯ୍ୟମାନଙ୍କ ପାଇଁ କୌଣସି ଏକ ବଡ଼ ବା ଆଶ୍ଚର୍ଯ୍ୟଜନକ ଘଟଣା ନୁହେଁ। କାରଣ ସେ ହେଉଛନ୍ତି ଦେଶର ଜଣାଶୁଣା ଶିଳ୍ପପତି କୁମାର ମଙ୍ଗଳମ୍ ବିର୍‌ଲାଙ୍କ ପୁତ୍ର। ଘରୋଇ କ୍ରିକେଟ୍‌ରେ ସେ ମଧ୍ୟପ୍ରଦେଶ ପାଇଁ ପ୍ରତିନିଧିତ୍ୱ କରିଥିଲେ। ୨୦୧୭ ନଭେମ୍ବରରେ ସେ ନିଜର ପ୍ରଥମ ଶ୍ରେଣୀ କ୍ରିକେଟ୍ କ୍ୟାରିୟର ଓଡ଼ିଶା ବିପକ୍ଷରେ ଆରମ୍ଭ କରିଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ସେ ୯ଟି ମ୍ୟାଚ୍ ଖେଳି ମୋଟ ୪୧୪ ରନ୍ କରିଛନ୍ତି। ୨୦୧୮ ଆଇପିଏଲ୍ ନିଲାମରେ ତାଙ୍କୁ ରାଜସ୍ଥାନ ରୟାଲ୍ସ ୩୦ ଲକ୍ଷ ଟଙ୍କାରେ କିଣିଥିଲା। କିନ୍ତୁ ତାଙ୍କୁ କୌଣସି ମ୍ୟାଚ୍‌ରେ ଖେଳାଯାଇନଥିଲା। ୨୦୨୦ରେ ଋତୁରେ ତାଙ୍କ ରାଜସ୍ଥାନ ରୟାଲ୍ସ ମୁକ୍ତ କରିଥିଲା। ଏହା ପରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇ କ୍ରିକେଟ୍‌ରୁ ଦୂରେଇ ରହିଥିଲେ।






## ବିଶ୍ୱର ସବୁଠୁ ବ୍ୟୟବହୁଳ କ୍ରୀଡା ଆଇପିଏଲ୍

ନୂଆଦିଲ୍ଲୀ, ୨୬।୩:ଆଇପିଏଲ ଏବେ ବିଶ୍ୱର ସବୁଠୁ ବ୍ୟୟବହୁଳ ଖେଳ ପାଲଟିଯାଇଛି । ଫୁଟବଲ ଭଳି ଆଇପିଏଲ ଟିମର ଫ୍ରାଞ୍ଚାଇଂଚ୍‌ର ମୂଲ୍ୟ ଆକାଶଛୁଆଁ ହୋଇଯାଇଛି । ଆଇପିଏଲ୍ ଦୁଇ ଟିମ୍ ଆରସିବି ଓ ରାଜସ୍ଥାନ ରୟାଲ୍ସ ଟିମ୍ ୧୫ ହଜାର କୋଟିରୁ ଅଧିକ ଟଙ୍କାରେ ବିକ୍ରି ହୋଇଛି । ରୟାଲ୍ ଚ୍ୟାଲେଞ୍ଜର୍ସ୍ ବେଙ୍ଗାଲୁରୁ (ଆର୍‌ସିବି)କୁ ୧୬,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରି ହୋଇଛି । ଭାରତୀୟ ଶିଳ୍ପତି କୁମାର୍ ମଙ୍ଗଲମ୍ ବିର୍ଲାଙ୍କ ଆଦିତ୍ୟ ବିର୍ଲା ଗ୍ରୁପ୍, ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପ୍, ଡେଭିଡ୍ ବ୍ଲିଟ୍?ଜର୍?ଙ୍କ ବୋଲ୍ଟ ଭେଞ୍ଚର୍ସ୍ ଏବଂ ଯୁକ୍ତରାଷ୍ଟ୍ରର ବ୍ଲାକ୍?ଷ୍ଟୋନ୍ ଇନଭେଷ୍ଟମେଣ୍ଟ୍ ମିଳିତ ଭାବେ ଆରସିବିକୁ କିଣିଛନ୍ତି । ଆଇପିଏଲ୍ ଚାମ୍ପିୟନ୍ ଆର୍?ସିବିକୁ ୧.୭୮ ବିଲିୟନ୍ ଡଲାର୍ ଅର୍ଥାତ୍ ୧୬,୦୦୦ କୋଟି ଟଙ୍କାରୁ ଅଧିକ ଦେବାକୁ ରାଜି ହୋଇଛି । ସେହିପରି ରାଜସ୍ଥାନ ରୟାଲ୍ସକୁ କିଣିଛି ଯୁକ୍ତରାଷ୍ଟ୍ରର ଉଦ୍‌ଯୋଗୀ କାଲ୍ ସୋମାନି ।

୧.୬୩ ବିଲିୟନ୍ ଡଲାର୍ ଅର୍ଥାତ୍ ୧୫,୨୮୬ କୋଟି ଟଙ୍କାରେ ରାଜସ୍ଥାନ ବିକ୍ରି ହୋଇଛି । କାଲ୍ ସୋମାନି ହେଉଚ୍ଛନ୍ତି ଇଣ୍ଟ୍ରାଏଜ୍, ଆକାଡେମିୟାନ୍ ଏବଂ ଟ୍ରୁୟୋ.ଏଆଇର ପ୍ରତିଷ୍ଠାତା । ତାଙ୍କୁ ଆମେରିକାର ବ୍ୟବସାୟୀ ରବ୍ ୱାଲ୍?ଟନ୍ (ୱାଲ୍?ମାର୍ଟ ପରିବାରର) ଏବଂ ହ୍ୟାମ୍ପ୍ ପରିବାର ସମର୍ଥନ କରୁଛନ୍ତି । ହ୍ୟାମ୍ପ୍ ପରିବାର ନ୍ୟାସନାଲ୍ ଫୁଟବଲ୍ ଲିଗ୍ (ଏନ୍?ଏଫ୍?ଏଲ୍) ଟିମ୍ ଡେଟ୍ରୋଇଟ୍ ଲାୟନ୍ସ୍?ର ଅଧିକାଂଶ ଅଂଶ ଧାରଣ କରିଛନ୍ତି। ଶୀଲା ଫୋର୍ଡ୍ ହ୍ୟାମ୍ପ୍ ଫୋର୍ଡ୍ ପରିବାରର ସହ ଜଡ଼ିତ, ଯେଉଁମାନେ ଫୋର୍ଡ୍ ମୋଟର୍ କମ୍ପାନୀର ସହ-ମାଲିକ ଅଟନ୍ତି । ରୟାଲ୍ ଚ୍ୟାଲେଞ୍ଜର୍ସ୍ ବେଙ୍ଗାଲୁରୁ (ଆର୍?ସିବି) ସବୁଠୁ ଅଧିକ ଟଙ୍କାରେ ବିକ୍ରି ହୋଇଥିବା ବେଳେ ରାଜସ୍ଥାନ ଦ୍ୱିତୀୟରେ ରହିଛି ।ଆଇପିଏଲ ଏବେ ବିଶ୍ୱର ସବୁଠୁ ବ୍ୟୟବହୁଳ ଖେଳ ପାଲଟିଯାଇଛି। ଫୁଟବଲ ଭଳି ଆଇପିଏଲ ଟିମର ଫ୍ରାଞ୍ଚାଇଂଚ୍‌ର ମୂଲ୍ୟ ଆକାଶଛୁଆଁ ହୋଇଛି। ଟିମ୍ ଆରସିବି ଓ ରାଜସ୍ଥାନ ରୟାଲ୍ସ ୧୫ ହଜାର କୋଟିରୁ ଅଧିକ ଟଙ୍କାରେ ବିକ୍ରି ହୋଇଛି। ରୟାଲ୍ ଚ୍ୟାଲେଞ୍ଜର୍ସ୍ ବେଙ୍ଗାଲୁରୁକୁ ୧୬,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରି ହୋଇଛି ।ଆଦିତ୍ୟ ବିର୍ଲା ଗ୍ରୁପ୍, ଟାଇମ୍ସ ଅଫ୍ ଇଣ୍ଡିଆ, ବୋଲ୍ଟ ଭେଞ୍ଚର୍ସ୍, ବ୍ଲାକ୍‌ଷ୍ଟୋନ୍ ଇନଭେଷ୍ଟମେଣ୍ଟ୍ ମିଳିତ ଭାବେ କିଣିଛନ୍ତି ।ଆର୍?ସିବିକୁ ୧.୭୮ ବିଲିୟନ୍ ଡଲାର୍ ଅର୍ଥାତ୍ ୧୬,୦୦୦ କୋଟି ଟଙ୍କାରୁ ଅଧିକ ଦେବାକୁ ଡିଲ ହୋଇଛି। ଆଦିତ୍ୟ ବିର୍ଲା ଗ୍ରୁପର ଡାଇରେକ୍ଟର୍ ଆରମାନ୍ ବିକ୍ରମ୍ ବିର୍ଲା ଫ୍ରାଞ୍ଚାଇଜିର ଚେୟାରମ୍ୟାନ୍ ହେବେ ।ସେହିପରି ରାଜସ୍ଥାନ ରୟାଲ୍ସକୁ କିଣିଛନ୍ତି ଯୁକ୍ତରାଷ୍ଟ୍ରର ଉଦ୍‌ଯୋଗୀ କାଲ୍ ସୋମାନି।୧.୬୩ ବିଲିୟନ୍ ଡଲାର୍ ଅର୍ଥାତ୍ ୧୫,୨୮୬ କୋଟି ଟଙ୍କାରେ ରାଜସ୍ଥାନ ବିକ୍ରି ହୋଇଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe ]k